
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୯ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 JUNE 2025

Vol.No. 36 ■ No.160 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଯୁଦ୍ଧରେ ଜଳୁଛି ମଧ୍ୟପ୍ରାଚ୍ୟ

## ■ଏୟାରଷ୍ଟ୍ରାଇକରେ ଇରାନରେ ୫୮୫, ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ
## ■ତେଲ ଅଭିଭରେ ୪୦୦ କ୍ଷେପଣାସ୍ତ୍ର ମାଡ଼
## ■ଇରାନରୁ ଭାରତୀୟଙ୍କୁ ଉଦ୍ଧାର ପାଇଁ 'ଅପରେସନ ସିନ୍ଧୁ' ଆରମ୍ଭ

ନୂଆଦିଲ୍ଲୀ,୧୮।୬: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଛି କାରଣ ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିମାନ ଆକ୍ରମଣ ଓ କ୍ଷେପଣାସ୍ତ୍ର ହମଲାରେ ଉଭୟ ଦେଶରେ ବହୁ ସଂଖ୍ୟାରେ ଲୋକଙ୍କର ମୃତ୍ୟୁ ଘଟିଛି। ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲର ଆକ୍ରମଣରେ ଇରାନରେ ଅତି କମରେ ୫୮୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଇରାନର ପାଲଟା ଆକ୍ରମଣରେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଇରାନ ଇସ୍ରାଏଲ ଉପରେ ୪୦୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରେରଣ କରିଥିବା ଜଣାପଡ଼ିଛି, ଯାହା ମଧ୍ୟରୁ ଅଳ୍ପ କିଛି କ୍ଷେପଣାସ୍ତ୍ର ଇସ୍ରାଏଲର ତେଲ ଆଭିଭ୍ ଭଳି ସହରଗୁଡ଼ିକରେ ଆଘାତ କରିଛି। ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷ ପଞ୍ଚମ ଦିନରେ ପହଞ୍ଚିଛି। ଇସ୍ରାଏଲ



ଇରାନର ପରମାଣୁ ଗବେଷଣା କେନ୍ଦ୍ର, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଭଣ୍ଡାର ଏବଂ ସାମରିକ ଅବସ୍ଥାନକୁ ଟାର୍ଗେଟ କରି ବିମାନ ଆକ୍ରମଣ ଜାରି ରଖିଛି। ଇସ୍ରାଏଲର ଦାବି ଅନୁଯାୟୀ, ଏହାର ଲକ୍ଷ୍ୟ ହେଉଛି ଇରାନର ପରମାଣୁ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନଷ୍ଟ କରିବା, ଯାହାକୁ ସେ ନିଜ ପାଇଁ "ଅସ୍ତିତ୍ୱ ପାଇଁ ବିପଦ" ବୋଲି ବିବେଚନା କରୁଛି। ଅନ୍ୟପଟେ, ଇରାନର ଇସ୍ଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି) ଇସ୍ରାଏଲ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ ଜାରି ରଖିଛି। ଇରାନ ଦାବି କରିଛି ଯେ ସେମାନେ ଇସ୍ରାଏଲର ସାମରିକ ଗୁପ୍ତଚର ନିର୍ଦ୍ଦେଶାଳୟ ଏବଂ ମୋସାଦର ଅପରେସନାଲ ସେଣ୍ଟରକୁ ଟାର୍ଗେଟ କରିଛନ୍ତି। ଇରାନୀ ସୂତ୍ର ଅନୁଯାୟୀ, ଇସ୍ରାଏଲର ଆକ୍ରମଣରେ ଅତି କମରେ ୫୮୫ ଜଣଙ୍କର ମୃତ୍ୟୁ ହୋଇଛି, ଯେଉଁଥିରୁ ଅଧିକାଂଶ ସାଧାରଣ ନାଗରିକ। ଏହା ସହିତ ୧୪୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ତେହେରାନରେ ସାଧାରଣ ନାଗରିକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି ଏବଂ ସହରରେ ଭୟର ବାତାବରଣ ଦେଖାଦେଇଛି। ଅନ୍ୟପଟେ, ଇସ୍ରାଏଲରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣରେ ୨୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ତେଲ ଆଭିଭ୍, ହାଇଫା ଓ ପେଟାଚ ଟିକଭା ଭଳି ସହରଗୁଡ଼ିକରେ କ୍ଷେପଣାସ୍ତ୍ର ଆଘାତ ହାନିଛି, ଯେଉଁଥିରେ ଆବାସିକ ଅଞ୍ଚଳ ଓ ତୈଳ ଶୋଧନାଗାର ମଧ୍ୟ ରହିଛି। ଇରାନ ଗତ କିଛି ଦିନ ମଧ୍ୟରେ ଇସ୍ରାଏଲ ଉପରେ ୪୦୦ରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଶହଶହ ଡ୍ରୋନ ମାଡ଼ କରିଛି। ଇସ୍ରାଏଲର ଅତ୍ୟାଧୁନିକ ଆଇରନ ଡୋମ ପ୍ରତିରକ୍ଷା ବ୍ୟବସ୍ଥା ଅଧିକାଂଶ କ୍ଷେପଣାସ୍ତ୍ରକୁ ଅଟକାଇ ଦେଇଛି, କିନ୍ତୁ ପ୍ରାୟ ୩୫ଟି କ୍ଷେପଣାସ୍ତ୍ର ଏହାକୁ ଭେଦ କରି ଆଘାତ ହାନିଛି। ଇସ୍ରାଏଲର ସରକାରୀ ସୂତ୍ର ଅନୁଯାୟୀ, ଦେଶରେ ମୃତ୍ୟୁ ସଂଖ୍ୟା ୨୪ ରହିଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ▶▶ପୃଷ୍ଠା ୭

## ଅମୃତସରରୁ ଲଣ୍ଡନ ଓ ଦିଲ୍ଲୀ ଫ୍ଲାଇଟ ବାତିଲ କଲା ଏୟାରଇଣ୍ଡିଆ

ଚଣ୍ଡିଗଡ, ୧୮/୬ : ଅହମଦାବାଦରେ ଜୁନ ୧୨ ତାରିଖରେ ଘଟିଥିବା ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆ ତାର ଅନେକ ଫ୍ଲାଇଟ୍ ବାତିଲ୍ କରିଛି। ଏୟାର ଇଣ୍ଡିଆ ବୁଧବାର ଓ ଗୁରୁବାର ଦିନ ଅମୃତସର, ଲଣ୍ଡନ ଓ ଦିଲ୍ଲୀକୁ ଯିବା ବିମାନ ସେବା ବାତିଲ୍ କରିଛି। ବିମାନ ବନ୍ଦର କର୍ମଚାରୀଙ୍କ ଅନୁସାରେ, ବୁଧବାର ଦିନ ଅମୃତସରରୁ ଲଣ୍ଡନକୁ ଯିବାକୁ ଥିବା ଏୟାର ଇଣ୍ଡିଆର ଅନ୍ତର୍ଜାତୀୟ ବିମାନ, ୧୯ ଜୁନ ତାରିଖ ସକାଳେ ଅମୃତସରରୁ ଦିଲ୍ଲୀକୁ ଯିବା ବିମାନ ଓ ୧୮ ଜୁନ ତାରିଖରେ ଲଣ୍ଡନରୁ ଅମୃତସରକୁ ଆସିବାକୁ ଥିବା ବିମାନକୁ ବାତିଲ୍ କରାଯାଇଛି। ଦିଲ୍ଲୀରୁ ଅମୃତସରକୁ ଆସୁଥିବା ଆଉ ଏକ ବିମାନ, ଯାହା ଆଜି ରାତି ୧୦:୩୦ରେ ଲ୍ୟାଣ୍ଡ କରିବା ଥିଲା, ତାକୁ ମଧ୍ୟ ବାତିଲ୍ କରାଯାଇଛି। ଏହି ଫ୍ଲାଇଟ୍‌ଗୁଡ଼ିକ ହଠାତ୍ ବାତିଲ୍ ହେବା ଫଳରେ ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏୟାର ଇଣ୍ଡିଆ ତାଙ୍କ ଯାତ୍ରୀମାନେ ପାଇଁ ପୁନଃ-ବୁକିଂ ଓ ରିଫଣ୍ଡ ସୁବିଧା ଦେଉଛି।

## ପ୍ରବଳ ବର୍ଷା ନେଇ ଆସିଲା ଲଘୁଚାପ : ଓଡ଼ିଶାକୁ ରେଡ୍ ଆଲର୍ଟ



ଭୁବନେଶ୍ୱର, ୧୮/୬ (ନି.ପ୍ର): ଓଡ଼ିଶାକୁ ବଡ଼ ବର୍ଷା ଭୟ । ପ୍ରବଳରୁ ଅତିପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ସତର୍କ କରିଛି ଭାରତୀୟ ପାଣିପାଗ ବିଭାଗ । ଏପରିକି ଓଡ଼ିଶା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । କେବଳ ଓଡ଼ିଶା ନୁହେଁ ଲଘୁଚାପ ପ୍ରଭାବରେ ୫ଟି ରାଜ୍ୟକୁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଓ ମେଘାଳୟକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ୨୦ ସେମିରୁ ଅଧିକ ବୃଷ୍ଟିପାତର ସମ୍ଭାବନା ରହିଛି । ଓଡ଼ିଶାର ପୂର୍ବ ଓ ପଶ୍ଚିମ ଭାଗରେ ୨ଟି ଲଘୁଚାପ ସକ୍ରିୟ ରହିଛି । ପୂର୍ବରେ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଥିବା ଲଘୁଚାପ କ୍ଷେତ୍ର ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଏହା ଆହୁରି ଘନୀଭୂତ ହୋଇ ସ୍ୱଷ୍ଟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଯାହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଗାମୀ ୩୬ ଘଣ୍ଟା ଲଘୁଚାପ ବର୍ଷା ଓଡ଼ିଶାକୁ କଲବଲ କରିବ । ଲଘୁଚାପ ଝାଡ଼ଖଣ୍ଡ ମୁହାଁ ହୋଇଥିବାରୁ ଉତ୍ତର-ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା ହେବ । କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ଏହି ଦୁଇ ସ୍ଥାନରେ ଅତିପ୍ରବଳ ବର୍ଷା ହେବ । ଏହା ସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର ଓ ଅନୁଗୁଳରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ▶▶ପୃଷ୍ଠା ୭

## ଅରୁଣାଚଳ ପ୍ରଦେଶରେ ୩.୫ ତୀବ୍ରତାର ଭୂକମ୍ପ

ଇଟାନଗର, ୧୮/୬ : ଅରୁଣାଚଳ ପ୍ରଦେଶରେ ବୁଧବାର ଦ୍ୱିପ୍ରହର ସମୟରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ରିକ୍ଟର୍ ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୩.୫ ରେକର୍ଡ କରାଯାଇଛି। ଭୂକମ୍ପ ପରେ ଏବେ ସୁଦ୍ଧା କୌଣସି କ୍ଷତିର ସୂଚନା ମିଳିନାହିଁ। ଅରୁଣାଚଳ ପ୍ରଦେଶରେ ଆଜି ୧୧ଟା ୫୧ମିନିଟ୍ ୩୧ ସେକେଣ୍ଡରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁସାରେ, ଏହି ଭୂକମ୍ପର କେନ୍ଦ୍ର ଅରୁଣାଚଳ ପ୍ରଦେଶର ୱେଷ୍ଟ କାମେଙ୍ଗ ଜିଲ୍ଲାରେ ଭୂପୃଷ୍ଠରୁ ପ୍ରାୟ ୧୦ କିଲୋମିଟର ତଳେ । ଭୂକମ୍ପର ଉପରକେନ୍ଦ୍ର (ଏପିକ ସେଣ୍ଟ୍) ୨୭.୦୯ ଉତ୍ତର ଅକ୍ଷାଂଶ ଓ ୯୨.୦୬ ପୂର୍ବ ଦେଶାଂତରରେ ଥିଲା।

## ଗୋପାଳପୁର ଲଜ୍ଜାର କ୍ରାଇମବ୍ରାଞ୍ଚ ତଦନ୍ତ : ଏଣେ ଆଉ ଜଣଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

ଭୁବନେଶ୍ୱର, ୧୮/୬ (ନି.ପ୍ର): ଗୋପାଳପୁର ଲଜ୍ଜାକୁ ନେଇ ରାଜ୍ୟବ୍ୟାପୀ କମ୍ପନ । ଗୋଟିଏ ପଟେ କ୍ରାଇମସ୍ପଟରେ କ୍ରାଇମବ୍ରାଞ୍ଚର ଖୋଳତାଡ଼, ଆରପଟେ ପର୍ଯ୍ୟଟନସ୍ଥଳୀରେ ପାପକୁ ନେଇ ବିରୋଧୀଙ୍କ ନିଶାନା । ଆଜି ଗ୍ରାଉଣ୍ଡ ଜିରୋରେ ପହଞ୍ଚି ତନାଘନା କରିଛନ୍ତି କ୍ରାଇମବ୍ରାଞ୍ଚ ଓଏ ଏସ୍.ସାଇନି । କେମିତି ଓ କେଉଁ ପରିସ୍ଥିତିରେ ଘଟିଲା ଜଘନ୍ୟ ଅପରାଧ, ତା'ର ସରଜମିନ ତଦନ୍ତ କରିଛନ୍ତି । ଏସବୁ ଭିତରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ସହ ହତ୍ୟା ଅଭିଯୋଗ, ଚହଳ ପକାଇଛି କେନ୍ଦୁଝର ଜିଲ୍ଲାରେ । ଆଉ ୩ ଦିନରେ ଏଭଳି ଦୁଇ ଦୁଇଟି ଅପରାଧକୁ ନେଇ ରାଜଧାନୀରେ ଗର୍ଜିଛି କଂଗ୍ରେସ । ଗୋପାଳପୁର



ବେଳାଭୂମିର ବଦନାମ ଇଲାକା...ଯେଉଁଠି ଜଣେ ଯୁବତୀଙ୍କୁ ଝୁଣି ଗଣଦୁଷ୍କର୍ମ କଲେ ଦଶ ଦଶ ଜଣ ଦରିନ୍ଦା । ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ସେହି ପାପର ପେଣ୍ଡସ୍ଥଳୀ, ଯେଉଁଠି ଘଟିଥିଲା ଜଘନ୍ୟ କାଣ୍ଡ, ଯାହାକୁ ନେଇ ସୃଷ୍ଟି ହୋଇଛି କମ୍ପନ । ଆଜି ଏହି କ୍ରାଇମ୍ ସ୍ପଟରେ ଖୋଳତାଡ଼ କରିଛି କ୍ରାଇମବ୍ରାଞ୍ଚ ଟିମ୍ । ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଟିକିନିଖି ତଦନ୍ତ କରିଛନ୍ତି କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି । କେମିତି ଘଟିଲା ଅଘଟଣ ? କେଉଁ ପରିସ୍ଥିତିରେ ଘଟିଲା ? ଏହି ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ଥିଲା ନା ନାହିଁ ? ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗ୍ରାଉଣ୍ଡ ଜିରୋରେ ପହଞ୍ଚିଥିବା କ୍ରାଇମବ୍ରାଞ୍ଚ ଆଇଜି ଆଣ୍ଡ କୋ ଗୋଟି ଗୋଟି କରି ସରଜମିନ ତଦନ୍ତ କରିଛନ୍ତି । ▶▶ପୃଷ୍ଠା ୭

## ଥମୁନି ହଇଜା କୋପ: ଆଉ ୧୬ ନୂଆ କଲେରା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୮/୬ (ନି.ପ୍ର): ଜିଲ୍ଲା ପରେ ଜିଲ୍ଲା ମାଡୁଛି ହଇଜା। ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହ ପଶିଛି ଲୋକଙ୍କ ମନରେ ଛନକା। ସବୁଠୁ ଅଧିକ ଚିନ୍ତା ବଢ଼ାଇଛି ଯାଜପୁର। ଏଠାରେ ପୁଣି ଡାଇରିଆରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ଅନ୍ୟପକ୍ଷରେ ଜିଲ୍ଲାରେ ଆଉ ୧୬ ନୂଆ କଲେରା ପଜିଟିଭ୍ ଚିହ୍ନଟ ହୋଇଛି। ତେଣେ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ସହ ବୈଠକ କରି ପ୍ରଭାବିତ ଅଂଚଳରେ ବିଶୁଦ୍ଧ ପାଣି ଯୋଗାଣ ଉପରେ ଜୋର୍ ଦେଇଛି ସେଣ୍ଟ୍ରାଲ୍ ଟିମ। ପାନୀୟ ଜଳର ମାନ ବୃଦ୍ଧି କର। ବିଶୋଧିତ ଜଳ ଯୋଗାଣକୁ



ଗୁରୁତ୍ୱ ଦିଅ। ହାତ ପରିଷ୍କାର ରଖିବାକୁ ଲୋକଙ୍କୁ ସଚେତନ କର। ଆଜି ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ଓ୍ ପାନୀୟ ଜଳ ଏବଂ ନଗର ଉନ୍ନୟନ ବିଭାଗ ସହ ଆଲୋଚନା ବେଳେ ଏମିତି କିଛି ପରାମର୍ଶ ଦେଇଛନ୍ତି କେନ୍ଦ୍ରୀୟ ଟିମ୍। ବଡ଼ କଥା ହେଲା ୩ ଦିନ ଧରି ଫିଲ୍ଡ ଆଉ ସ୍ଥିତି ଅନୁଧ୍ୟାନ ପରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଡାଇରିଆ ନିରାକରଣ ଏବଂ ଚିକିତ୍ସା ନେଇ ସୁପାରିଶ କରିଛନ୍ତି ୧୦ ଜଣିଆ କେନ୍ଦ୍ରୀୟ ଟିମ୍। ବୈଠକ ପରେ ପୁଣି ଥରେ ଫିଲ୍ଡ ଭିଜିଟରେ ଯାଇଛନ୍ତି ଟିମ୍। ▶▶ପୃଷ୍ଠା ୭

## ଜୁନ ୨୨ରେ ସମ୍ଭାବିତ ଆକ୍ସିଓମ ମିଶନ-୪ର ଲଞ୍ଚିଂ

ନୂଆଦିଲ୍ଲୀ,୧୮/୬ : ଆକ୍ସିଓମ୍ ମିଶନ-୪ ର ପ୍ରକ୍ଷେପଣ (ଲଞ୍ଚିଂ) ପାଇଁ ନୂଆ ସମ୍ଭାବ୍ୟ ତାରିଖ ସାମ୍ନାକୁ ଆସିଛି। ସମ୍ଭାବ୍ୟ ଲଞ୍ଚ ତାରିଖ ୨୨ ଜୁନ ହୋଇପାରେ। ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଆଜି ସକାଳେ ତାର ଏକ୍ସ ହ୍ୟାଣ୍ଡେଲରେ ଏହି ସୂଚନା ଦେଇ କିଛି ଗୁରୁତ୍ୱପୂର୍ଣ୍ଣ ବିବରଣୀ ଜାରି କରିଛି। ଇସ୍ରୋ ଲେଖିଛି ଯେ, 'ଇସ୍ରୋ, ପୋଲାଣ୍ଡ ଏବଂ ହଙ୍ଗେରୀର ଟିମ୍‌ମାନେ ଆକ୍ସିଓମ୍ ମିଶନ-୪ ର ସମ୍ଭାବ୍ୟ ପ୍ରକ୍ଷେପଣ ଟାଇମ୍ ଲାଇନ ବିଷୟରେ ଆକ୍ସିଓମ୍ ସ୍ପେସ୍ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ପରେ, ଆକ୍ସିଓମ୍ ସ୍ପେସ୍ ଅନେକ ତତ୍ପରତା ମାନଦଣ୍ଡ ଗୁଡ଼ିକର ମୂଲ୍ୟାୟନ କରିବା ପାଇଁ ଯୁକ୍ତରାଷ୍ଟ୍ରର ନ୍ୟାସା (ନାସା) ଏବଂ ସ୍ପେସଏକ୍ସ (ସ୍ପେସଏକ୍ସ) ସହିତ ପରାମର୍ଶ କରିଛି ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଯୋଗୀ ଆଦିତ୍ୟନାଥ

ନୂଆଦିଲ୍ଲୀ, ୧୮/୬ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି ଯେ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ।

## ଆମେରିକାକୁ ଭାରତର ସ୍ପଷ୍ଟ ବାର୍ତ୍ତା : ଦେଶର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଗ୍ରହଣ କରାଯିବନି କୌଣସି ମଧ୍ୟସ୍ଥତା : ମୋଦୀ

ନୂଆଦିଲ୍ଲୀ,୧୮/୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ହୋଇଛି। ଉଭୟ ୩୫ ମିନିଟ୍ ଧରି କଥା ହୋଇଥିଲେ। ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପ୍‌ଙ୍କୁ କହିଥିଲେ ଯେ, ଭାରତ କେବେ ମଧ୍ୟସ୍ଥତା ଗ୍ରହଣ କରିନାହିଁ ଏବଂ କେବେ କରିବ ନାହିଁ। ଏପରି କହି ସେ ଟ୍ରମ୍ପ୍‌ଙ୍କୁ ଆଇନା ଦେଖାଇଛନ୍ତି। ପ୍ରକୃତରେ, ଟ୍ରମ୍ପ୍ ଅନେକ ଥର ଦାବି କରିଛନ୍ତି ଯେ, ଗତ ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ସେ ମଧ୍ୟସ୍ଥତା କରିଥିଲେ। ଆମେରିକା ରାଷ୍ଟ୍ରପତି ସମଗ୍ର ବିଶ୍ୱକୁ କହୁଛନ୍ତି ଯେ, ତାଙ୍କ ଯୋଗୁ ହିଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହୋଇଥିଲା। ସେ ନିଜେ ଦୁଇ ଦେଶ ମଧ୍ୟରେ ଶାନ୍ତି ପାଇଁ ଶ୍ରେୟ ନେଉଛନ୍ତି। ଟ୍ରମ୍ପଙ୍କ ଦାବି ପରେ କଂଗ୍ରେସ ମୋଦୀ ସରକାରଙ୍କୁ ଘେରିବା ଆରମ୍ଭ କରିଥିଲା। ରାହୁଲ ଗାନ୍ଧୀଙ୍କଠାରୁ ଆରମ୍ଭ କରି କଂଗ୍ରେସର ମୁଖପାତ୍ର ପର୍ଯ୍ୟନ୍ତ ସମସ୍ତେ କହିଥିଲେ ଯେ,



ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପ୍‌ଙ୍କ ନିକଟରେ ନଇଁ ଯାଇଛନ୍ତି। ରାହୁଲ ଗାନ୍ଧୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଆତ୍ମସମର୍ପଣ କରିଛନ୍ତି। କାନାଡାରେ ଜି-୭ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସାକ୍ଷାତ ହେବାର ଥିଲା। ଇସ୍ରାଏଲ ଏବଂ ଇରାନ ସହିତ ଉତ୍ତେଜନା ଯୋଗୁ ଟ୍ରମ୍ପ୍‌ଙ୍କୁ ଶୀଘ୍ର ଆମେରିକା ଫେରିବାକୁ ପଡିଥିଲା, ଯାହା ଫଳରେ ଏହି ସାକ୍ଷାତ ହୋଇପାରିଲା ନାହିଁ। ଏହା ପରେ, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଅନୁରୋଧରେ, ବୁଧବାର ଉଭୟ ନେତାଙ୍କ ମଧ୍ୟରେ ଫୋନ୍ ମାଧ୍ୟମରେ କଥାବାର୍ତ୍ତା ହୋଇଥିଲା। ଏହି କଥାବାର୍ତ୍ତା ପ୍ରାୟ ୩୫ ମିନିଟ୍ ଧରି ଚାଲିଥିଲା। ଏପ୍ରିଲ ୨୨ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ରାଷ୍ଟ୍ରପତି ଟ୍ରମ୍ପ୍ ଫୋନ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମବେଦନା ▶▶ପୃଷ୍ଠା ୭

## ରାଜ୍ୟର ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ: ମୁଖ୍ୟମନ୍ତ୍ରୀ

ବାରିପଦା, ୧୮/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜିଲ୍ଲା ସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ ଉପଲକ୍ଷେ ଆଜି ତୃତୀୟ ଦିବସରେ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦାର ଛଉ ପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଆଦିବାସୀ ଶକ୍ତି ସମାବେଶ'କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି। ଏହି ଅବସରରେ ମାନ୍ୟବର ମୁଖ୍ୟ ଅତିଥି କହିଛନ୍ତିଯେ, ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ



ଗ୍ରହଣ କରିଛି ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ଆଗାମୀ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ ବର୍ଷ ଭିତରେ ଏହି ଲକ୍ଷ୍ୟକୁ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ବିନା ବିକାଶ ଅସମ୍ଭବ। ଆଜି ଏହି "ଆଦିବାସୀ ଶକ୍ତି ସମାବେଶ" ରେ ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ହେଉଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା ରାଜ୍ୟର ସମସ୍ତ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକାଠି କରିବାର ଓ ସେମାନଙ୍କୁ ପରସ୍ପରର ସଂସ୍କୃତି ସହ ପରିଚିତ କରାଇବାର ଏକ ସୁଯୋଗ ସୃଷ୍ଟି କରିଛି। ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀ ସମ୍ପ୍ରଦାୟର ସମସ୍ତ ସମସ୍ୟା ଓ ଆବଶ୍ୟକତାକୁ ସୁନିଶ୍ଚିତ କରିବା। ସେମାନଙ୍କ ମୌଳିକ ଆବଶ୍ୟତା ଯଥା ପେଟ ପାଇଁ ଦାନା, ପିନ୍ଧିବା ପାଇଁ କନା ଓ ରହିବା ପାଇଁ ବାସ ଇତ୍ୟାଦିକୁ ପୂରଣ କରିବା ସହିତ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି କରିବା ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ଓଡିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି । ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସଂପ୍ରଦାୟ ।ଆଦିବାସୀ ଜନଜାତି ଆଜି ଭାରତର ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ମୟୂରଭଞ୍ଜରୁ ୭ ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ମାନେ ଆଜି ଏହି ଜିଲ୍ଲାର ପ୍ରତିନିଧିତ୍ୱ କରୁଛନ୍ତି, ଏହା ଆମ ପାଇଁ ଗୌରବର ବିଷୟ । ▶▶ପୃଷ୍ଠା ୭

# ବରିଷ୍ଠ ଆଇନଜୀବିଙ୍କ ପ୍ରତି ଆଇଏଏସଙ୍କ ଦୁର୍ବ୍ୟବହାରକୁ ନେଇ ନୀଳଗିରି ଓକିଲ ସଂଘର ଦୃଢ଼ନିନ୍ଦା: ବିଚାର ବିଭାଗୀୟ ତଦନ୍ତ ଦାବି

ନୀଳଗିରି , ୧୮/୬ (ନି.ପ୍ର): ପ୍ରବେସନରେ ଆସିଥିବା ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ବାଲେଶ୍ୱର ଓକିଲସଂଘର ଜଣେ ବରିଷ୍ଠ ଆଇନଜୀବିଙ୍କୁ ଦୁର୍ବ୍ୟବହାର ଏବଂ ପ୍ରଶାସନ ସହ ପୋଲିସର ମାତ୍ରାଧିକ ନିର୍ଯ୍ୟାତନା ନେଇ ନୀଳଗିରି ବାର ଆସୋସିଏସନ୍ ତରଫରୁ ଘୋର ନିନ୍ଦା କରାଯାଇଛି। ସୂଚନା ଅନୁଯାୟୀ ଗତ ଜୁନ ୬ତାରିଖରେ ବାଲେଶ୍ୱର ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପ୍ରବେସନରେ ଆସିଥିବା ଜଣେ ଆଇଏଏସ ଅଧିକାରୀ ଦୁର୍ବ୍ୟବହାର କରିଥିବା ବେଳେ ପରବର୍ତ୍ତୀ ସମୟରେ ପୋଲିସ ତଥା ପ୍ରଶାସନର ମାତ୍ରାଧିକ ନିର୍ଯ୍ୟାତନା ଦିଆଯାଇଥିଲା। ଏନେଇ ଆଜି ନୀଳଗିରି ବାର ଆସୋସିଏସନର ଏକ ଜରୁରୀ ବୈଠକ ସଂଘର ସଭାପତି ଅମରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇନଜୀବୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଦୃଢ଼ ନିନ୍ଦା କରାଯିବା ସହିତ ଏଭଳି ସମ୍ବେଦନଶିଳ ଘଟଣାର ଏକ ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ ଦାବୀ କରାଯାଇଥିଲା। ଘଟଣାରେ ସଂପୃକ୍ତ ଆଇଏଏସ ଅଧିକାରୀ ଏବଂ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ପ୍ରେସ ଇସ୍ତାହାରରେ ସଂଘ ଦାବୀ କରିଛି।ଉକ୍ତ ବୈଠକରେ ସଂଘର ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ଆଇନଜୀବି ହରମୋହନ ମହାପାତ୍ର, ଭାଗିରଥି ରାଉତ, ସୋମନାଥ ନାୟକ, ଗଦାଧର ପରିଡା, କରୁଣାକର ସ୍ୱାଇଁ, ସତ୍ୟଜିତ ମିଶ୍ର, ଚିରଞ୍ଜିବୀ ପାଣିଗ୍ରାହୀ, ଅମୀୟ କୁମାର ନାୟକ, ଶୁଭେନ୍ଦୁ ବିଶ୍ୱାଳ, ବିନୟ କୁମାର ପ୍ରଧାନ, ନିତ୍ୟାନନ୍ଦ ବେହେରା, କ୍ଷୀରୋଦ କୁମାର ଦାସ, ରାଜଲକ୍ଷ୍ମୀ ପଟ୍ଟନାୟକ, ସଂଯୁକ୍ତା ଲେଙ୍କା, ନିବେଦିତା ଜେନା, ଶୁଭାଶିଷ ଦାସ ମହାପାତ୍ର ପ୍ରମୁଖ ବହୁ ଆଇନଜୀବି ଉପସ୍ଥିତ ରହି ନିନ୍ଦା କରିଛନ୍ତି।

## ରସୁଲପୁର ବ୍ଲକ ସଭାଗୃହରେ ସ୍ୱତନ୍ତ୍ର ଅଧିବେଶନ ବୈଠକ

ଧର୍ମଶାଳା, ୧୮/୬ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ସଭାଗୃହ ପରିସରରେ ଆଜି ସ୍ୱତନ୍ତ୍ର ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଶୁଂ ଶେଖର ସାହୁ,କୋରାଇ ବିଧାୟକ ଆକାଶ ଦାସନାୟକଙ୍କ ପ୍ରତିନିଧି, ପଂଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ,ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ପଂଚାୟତର ଲୋକପ୍ରତିନିଧି ଯୋଗ ଦେଇଥିଲେ ।

# ଅବହେଳିତ ପାହାଡିଆ ଗାଁ ପଢେଇଗୁଡା

ଜୟପୁର, ୧୮/୬ (ନି.ପ୍ର): ପାହାଡିଆ ଗାଁ କୁ ପହଂଚିନି ବିକାଶ ଯଦ୍ୱାରା ବଦଳି ପାରିଲାନି ଗାଁ ର ନକ୍ସା। ଆଜିବି ମୌଳିକ ସମସ୍ୟାର ସମାଧାନ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ। ଗାଁ କୁ ରାସ୍ତା ନଥିବାରୁ ଜୀବିକା ପାଇଁ ଜଙ୍ଗଲୀ ପାହାଡିଆ ପାଦଚଲା ରାସ୍ତା ହିଁ ଏମାନଙ୍କ ଜୀବନ ରେଖା। ଅବହେଳିତ ଗାଁ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କାଠର ଗଡ଼ା ପଂଚାୟତର ଏଭଳି ଏକ ଗାଁ ପଢେଇଗୁଡ଼ା ଓ ପ୍ରକୃତିର କୋଳରେ ବିତୁଛି ଅଭିସପ୍ତ ଜୀବନ। ନା ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି ..ନା ପାନୀୟ ଜଳର ସୁବିଧା । ଜୀବନ ଜୀଇବା ପାଇଁ କୌଣସି ଜୀବିକା ବି ନାହିଁ। ବାଧ ହୋଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ତିନିଟି ପାହାଡ ଦେଇ ସବୁକୁ ଅନ୍ୟ ଗାଁ ରେ ବିକ୍ରି କରି ସେଥିରୁ ନିଜର ଗୁଜୁରାଣ ମେଣ୍ଟାନ୍ତି ଏମାନେ। କିଛି ଲୋକ ପାହାଡିଆ ପାଣିକୁ ଭରସା କରି ମାଣ୍ଡିଆ ଓ ସୁଆ ଚାଷ କରି ସେଥିରୁ କିଛି କିଛି ରୋଜଗାର କରନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏହି ଦୁର୍ଗମ ଅଂଚଳରେ ଅପହଂଚ ।ଏଭଳି ପାହାଡିଆ ଗାଁ ହେଉଛି ବୋରିଗୁମ୍ମା ବ୍ଲକର କାଠର ଗଡ଼ା ପଞ୍ଚାୟତର ପଢେଇଗୁଡା । ପଂଚାୟତ ସଦର ମହକୁମ୍ମା ଠାରୁ ୭ କି.ମି. ଦୂରରେ ଅବସ୍ଥାପିତ ଏହି ଗାଁ। ଗାଁ କୁ ଯିବାକୁ ହେଲେ ରଜାପୁଟ ଠାରୁ ଦୁଇ ଘଟେ ଘଂଚ ଜଙ୍ଗଲ ମଝିରେ ଅଙ୍କା ବଙ୍କା ସଂକୀର୍ଣ୍ଣ ପଥରିଆ ପାଦଚଲା ରାସ୍ତାରେ ତିନିଟି ପାହାଡ଼ ଅତିକ୍ରମ କରିବା ପରେ ପଡେ ଏହି ପଢେଇ ଗୁଡା ଗାଁ। ସ୍ୱାଧିନତାର ୭୭ ବର୍ଷ ପରେ ବି ଏଠି ବିକାଶ ତ ଦୂରର କଥା ମୌଳିକ ସମସ୍ୟାର ସମାଧାନ ହୋଇ ପାରିନି। ଗାଁ ରେ ୩୦ ପରିବାର ୧୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ବସବାସ କରୁଛନ୍ତି। ବର୍ଷ ବର୍ଷ ଧରି ଗ୍ରାମକୁ ଖଣ୍ଡିଏ ରାସ୍ତା ବି ସଂଯୋଗ ହୋଇପାରୁନି । ପାଦଚଲା ସଂକୀର୍ଣ୍ଣ ଜଙ୍ଗଲ ପଥରିଆ ରାସ୍ତା ହିଁ ଏମାନଙ୍କ ଗମନାଗମନର ମାଧ୍ୟମ। ସ୍କୁଲ ପିଲା ଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପଥରିଆ ରାସ୍ତାରେ ୪ କି.ମି. ଯିବାକୁ ପଡେ। ପ୍ରତି ମାସରେ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନେ ପଂଚାୟତରୁ ଚାଉଳ ଓ ବିଧବା ଭତା ଟଙ୍କା ଧରି ବହୁ କଷ୍ଟରେ ଗାଁ କୁ ଫେରନ୍ତି। ଗାଁ ରେ ପାନୀୟ ଜଳ ଯୋଗାଣ ପାଇଁ ଉଚିତ ବ୍ୟବସ୍ଥା ହୋଇନି। ବହୁ ବର୍ଷ ତଳର ଏକ ନଳକୂପ ରହିଛି, ସେଥିରୁ ପାଣି ବାହାରୁନି। ଫଳରେ ଗାଁ ରେ ଥିବା ଦୁଇଟି କୂଅର ପାଣି ବର୍ଷା ଓ ଶୀତ ମାସ ପର୍ଯ୍ୟନ୍ତ ବ୍ୟବହାର ହେଉଛି। ଖରା ଦିନେ କୂଅ ସୁଖି ଯାଉଛି। ଝରଣା ପାଣି କିମ୍ବା ଚୁଆ ପାଣି ହିଁ ଏମାନଙ୍କର ଭରସା ।ଗାଁ ରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଫଳରେ କୁନି କୁନି ଶିଶୁ ଓ ଗର୍ଭବତୀ ମହିଳାମାନେ ପୃଷ୍ଟିକର ଖାଦ୍ୟ ପାଇବାରୁ ବଂଚିତ ହେଉଛନ୍ତି । ଗ୍ରାମରେ ଥିବା ଗୋଟିଏ ପୁରୁଣା ସ୍କୁଲ ମଧ ଦୁଇ ବର୍ଷ ହେବ ବନ୍ଦ ହୋଇ ଯାଇଛି। ଗାଁ ର ସ୍କୁଲ ପିଲା ମାନେ ଏବେ ୭/୮ କି.ମି. ଦୂରରେ ହରଡ଼ା ଗୁଡା ସେବାଶ୍ରମ ଓ ଚମ୍ପାପଦର ସ୍କୁଲରେ ଛାତ୍ରାବାସରେ ରହି ପଢୁଛନ୍ତି। ଏହି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି ଶିକ୍ଷାର ଅଭାବ କାରଣରୁ ଏମାନଙ୍କ ଭାଷାଗତ ସମସ୍ୟା ସବୁବେଳେ ଉପୁଜେ। ସରକାରଙ୍କ ଆବାସ ଯୋଜନାରେ କିଛି ପରିବାର ଘର ପାଇଥିବା ବେଳେ ଅଧିକାଂଶ ପରିବାର ଘର ପାଇ ନାହାନ୍ତି। ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରୁନି। ଫଳରେ ଗର୍ଭବତୀ ମହିଳା ଓ ରୋଗୀକୁ ୪ କି.ମି. ପାହାଡିଆ ରାସ୍ତାରେ କାନ୍ଧରେ ବୋହି ଆଣିଥାନ୍ତି ଗ୍ରାମବାସୀ। ପରେ ସେଠାରୁ ଗାଡି ଯୋଗେ ୫ କି.ମି. ଦୂର କାଠର ଗଡ଼ା ମେଡିକାଲକୁ ଯାଉଛନ୍ତି ରୋଗୀ । ସରକାରୀ ସ୍ତରରେ କାମ ନପାଇ ଜଙ୍ଗଲଜାତ ଦ୍ରବ୍ୟ ଓ କାଠ ସଂଗ୍ରହ କରି ସେଥିରେ ଜୀବିକା ନିର୍ବାହ କରନ୍ତି ଏମାନେ । ଗାଁ କୁ ଖଣ୍ଡେ ରାସ୍ତା ନିର୍ମାଣ କରିବା ସହ ପାନୀୟ ଜଳର ସୁବିଧା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ଓ ଗାଁ କୁ ରାସ୍ତା, ସଂଯୋଗ ହୋଇ ନଥିବାରୁ ଏଠି ସରକାରୀ ଯୋଜନା ପହଂଚି ପାରୁନି। କିଛି ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ ବି ଘର ନିର୍ମାଣ ପାଇଁ ବାଲି ରଡ଼ ଓ ସିମେଣ୍ଟ ନେଇ ପାରୁ ନାହାନ୍ତି ଏଣୁ ସମସ୍ତ ଘର ନିର୍ମାଣ କାର୍ଯ୍ୟ ହୋଇ ପାରିନି। ସେପଟେ ୨୦୧୭-୧୮ ଆର୍ଥିକ ବର୍ଷରେ ରଜାପୁଟ ଠାରୁ ପଢେଇଗୁଡ଼ା ପାହାଡ଼ ରାସ୍ତାର କିଛି ସ୍ଥାନରେ ଘାଟି କଟିଙ୍ଗ କରି ୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଜ ଦାୟିତ୍ୱରୁ ମୁକୁଳି ଯାଇଛି ମାତ୍ର ବ୍ଲକ ପ୍ରଶାସନ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ବର୍ଷ ବର୍ଷ ଧରି କୌଣସି ସରକାରୀ ବାବୁଙ୍କର ପାଦ ବି ପଡୁନି ଏହି ଗାଁ ରେ । ଏସବୁ ସମସ୍ୟାକୁ ନେଇ ପ୍ରଶାସନ ଅଧିକାରୀଙ୍କୁ ଗୁହାରି କଲେ ବି କେହି ଶୁଣୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ପାଖରେ ଅନେକ ଥର ଦାବିପତ୍ର ଦେଇଛନ୍ତି ଗ୍ରାମବାସୀ। ହେଲେ ବି କିଛି ପଦକ୍ଷେପ ନେଇ ନାହାନ୍ତି । ଗ୍ରାମର ସମସ୍ୟା ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଲାଠିକଟା ବ୍ଲକର ଜଲଦା ଆରଏସ କଲୋନୀର ୧୫ ଜଣ ମହିଳାଙ୍କ ଦ୍ୱାରା ସେଲ୍, ଆରଏସପି ଆୟୋଜିତ ସିଲାଇ ତାଲିମର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ସମାପ୍ତ




ରାଉରକେଲା, ୧୮/୬ (ନି.ପ୍ର): ଆର୍ଥିକ ସଶକ୍ତିକରଣ ଦିଗରେ ଏକ ସିଏସଆର ପଦକ୍ଷେପ, ସିଲାଇ ତାଲିମ ଉପରେ ପ୍ରଶିକ୍ଷଣ ଏବଂ ଉତ୍ପାଦନ କେନ୍ଦ୍ରର ପ୍ରଥମ ପର୍ଯ୍ୟାୟ, ସେଲ୍ ରାଉରକେଲା ଇସ୍ପାତ କାରଖାନାର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ଜୁନ୍ ୧୧ ତାରିଖରେ ସମାପ୍ତ ହୋଇଥିଲା। ଏହାର ଉଦଯାପନୀ ଅଧିବେଶନରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଲାଠିକଟା ବ୍ଲକର ଜଲଦା ଆରଏସ କଲୋନିର ମୋଟ ୧୫ ଜଣ ମହିଳା ପ୍ରଶିକ୍ଷାର୍ଥୀଙ୍କୁ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଶ୍ରୀ ଟି ବି ଟପ୍ପୋ, ଗ୍ରାମ ଉତ୍ଥାନ ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ଗୁରୁ ପ୍ରସାଦ ମହାନ୍ତି, ଏବଂ ଆରଏସପି ତଥା ସମ୍ପୃକ୍ତ ସଂସ୍ଥାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ କାନେକର ପାର୍ଶ୍ୱବର୍ତ୍ତୀ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ନିଆଯାଇଥିବା ସିଏସଆର ପ୍ରୟାସର ପ୍ରଶଂସା କରିଥିଲେ। ସେ ସମସ୍ତଙ୍କୁ ସର୍ବାଧିକ ଲାଭ ପାଇବା ପାଇଁ ସୁଯୋଗର ସର୍ବୋତ୍ତମ ବ୍ୟବହାର କରିବାକୁ ଅନୁପ୍ରେରିତ କରିଥିଲେ। ପୁରୁଷ, ମହିଳା, ପିଲାଙ୍କ ପାଇଁ ପୋଷାକ ଏବଂ ରୋଷେଇ ଘରର ଆପ୍ରନ୍, ଏମ୍ବ୍ରୋଡାରି ଏବଂ ଆପ୍ଲିକ୍ କାମ ଇତ୍ୟାଦି ପ୍ରଶିକ୍ଷଣ ଅବଧିରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରେଷ୍ଠ ଉତ୍ପାଦଗୁଡ଼ିକ ମଧ ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା। ମାଷ୍ଟର ଟ୍ରେନର (ଉଷା ସିଲାଇ ସ୍କୁଲ) ସୁଶ୍ରୀ ମୋନାଲିଶା ସାହୁଙ୍କ ଦ୍ୱାରା ସିଲେଇ ଅଧିବେଶନ ପରିଚାଳନା କରାଯାଇଥିଲା।

ପ୍ରାରମ୍ଭରେ ସୁଶ୍ରୀ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଟି ବି ଟପ୍ପୋ, ଏଜିଏମ୍ (ସିଏସ୍‌ଆର) ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସେକ୍ସନ ଅଫିସର ଶ୍ରୀ ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଲେଇ ମାଧ୍ୟମରେ ଅବହେଳିତ ଶ୍ରେଣୀର ମହିଳାମାନଙ୍କର ଦକ୍ଷତା ବିକାଶ କରିବା ଏବଂ ପାର୍ଶ୍ୱାଞ୍ଚଳ ଗ୍ରାମରେ ଏକ ତାଲିମ୍ ସହ ଉତ୍ପାଦନ କେନ୍ଦ୍ର (ଟିସିପିସି) ସ୍ଥାପନ କରିବା ଏହି ପ୍ରୟାସର ଲକ୍ଷ୍ୟ ରହିଛି । ପ୍ରଥମ ପର୍ଯ୍ୟାୟ ସମାପ୍ତି ପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବାଣିଜ୍ୟିକ ସିଲେଇ ମେସିନ୍ ଯୋଗାଇ ଦିଆଯିବ।

# ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ସମୂହର ବୈଠକ: କ୍ଷୁଦ୍ର ଋଣ ପ୍ରଦାନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡା, ୧୮/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୂହଙ୍କ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଲିଡ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ୟାଙ୍କ ମାନଙ୍କର ଋଣ ପ୍ରଦାନ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା । ସଭା ପ୍ରାରମ୍ଭରେ ବାର୍ଷିକ ଋଣ ଯୋଜନା ୨୦୨୫-୨୬ ପୁସ୍ତକ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ଜେନା ଓ ଏଜିଏମ୍ ରାହୁଲକାନ୍ତ ଉନ୍ମୋଚନ କରିଥିଲେ । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦ୍ରାପଡା ଶାଖାର ମୁଖ୍ୟ ପରିଚାଳକ ବିଶ୍ୱଜିତ ରାଉତ ରାୟଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଲାଇନ ଡିପାଟମେଣ୍ଟ ମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୁରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା- କୃଷି ଋଣ, ବାଣିଜ୍ୟ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, କେସିସି ଋଣ ସହିତ ମୁଖ୍ୟମନ୍ତ୍ରୀ ଉଦ୍ୟାନ କୃଷି ଯୋଜନା ଋଣ ସଂପର୍କରେ ବିସ୍ତାର ଭାବେ ଆଲୋଚନା କରା ଯାଇଥିଲା । ବ୍ୟାଙ୍କ ସମୂହ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଆତ୍ମ ନିଭର୍ରଶୀଳ କରାଇବା ସହ ସରକାରଙ୍କ ଲକ୍ଷ୍ୟ ପୁରଣରେ ସହାୟତା କରିବାକୁ ବୈଠକେର ଗୁରୁତ୍ୱ ଦିଆ ଯାଇଥିଲା । ଜାତୀୟ କରଣ ବ୍ୟାଙ୍କ ଗୁଡିକୁ ସେମାନଙ୍କର ଲକ୍ଷ୍ୟ ପୁରଣ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହା ସହିତ ସିଡି ରେସିଓରେ ତାରତମ୍ୟ ଅଧିକ ରହୁଥିବାରୁ ଏହାକୁ ଦୂର କରିବା ପାଇଁ ବ୍ୟାଙ୍କ ମାନେ ଯତ୍ନବାନ ହେବାକୁ ଆଲୋଚନା କରା ଯାଇଥିଲା । ବୈଠକରେ ଡିଡିଏମ ନାବାର୍ଡ ସ୍ମିତା ବଡଜେନା, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ, ଏଫଏଲସି ମୋହନ କୁମାର ବିସ୍ୱା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଅରବିନ୍ଦ ଦାସ, ସିଏଫଏଲ ଶୁଭଲେକା ମହାନ୍ତି, ଜିଲ୍ଲା ମୃର୍ତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକଙ୍କ ସମେତ ଜିଲ୍ଲାର ସମସ୍ତ ଜାତୀୟ କରଣ ବ୍ୟାଙ୍କର ଶାଖା ପରିଚାଳକ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଖିଚାପ ପରୀକ୍ଷା ଶିବିର

ସମ୍ବଲପୁର , ୧୮/୬ (ନି.ପ୍ର): ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ନିଜସ୍ୱ ସଭାଗୃହ ଠାରେ ଏକ ଗ୍ଲୁକୋମା ତଥା ଆଖିଚାପ ପରୀକ୍ଷା ଶିବିର ଅନୁଷ୍ଠିତ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡ଼ ସୁରେଶ ଚନ୍ଦ୍ର ଦାନୀ ମେସିନ ମାଧ୍ୟମରେ ସମସ୍ତଙ୍କ ଆଖିର ଚାପ ପରୀକ୍ଷା କରିଥିଲେ । ଚକ୍ଷୁ ପରୀକ୍ଷା ଶିବିର ପରେ ଗ୍ଲୁକୋମା ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ଼ ପରେଶ ଚନ୍ଦ୍ର ଦାନୀ ସଭାପତିତ୍ୱ କରି କହିଲେ ଅଜ୍ଞତା ଯୋଗୁଁ ବହୁରୋଗୀଙ୍କୁ ଦୃଷ୍ଟିଶକ୍ତି ହରେଇବାକୁ ପଡିଥାଏ । ବରିଷ୍ଠ ନାଗରିକ ମାନେ ମୁଖ୍ୟତଃ ଏହି ରୋଗରେ ବେଶୀ ସଂଖ୍ୟାରେ ଆକ୍ରାନ୍ତ ହୋଇଥାନ୍ତି ତେଣୁ ସେମାନେ ଅଧିକ ସଚେତନ ହେବା ଆବଶ୍ୟକ ବୋଲି ସଭାପତି ଡ଼ ଦାନୀ କହିଥିଲେ । ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ଅତିଥି ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ କହିଥିଲେ ଉପଯୁକ୍ତ ଖାଦ୍ୟ, ବ୍ୟାୟାମ ଓ ମଝିମଝିରେ ଚକ୍ଷୁର ଚାପ ପରୀକ୍ଷା କରେଇ ଲୋକେ ଗ୍ଲୁକୋମା ରୋଗରୁ ନିଜକୁ ରକ୍ଷା କରିପାରିବେ । ପ୍ରଶ୍ନୋତ୍ତରି କାର୍ଯ୍ୟକ୍ରମରେ ଅଖିଳ ରଞ୍ଜନ ପଟ୍ଟନାୟକ, ଲଳିତ ମୋହନ ବେବର୍ତ୍ତା, କବିତା ପୁରୋହିତ, ରାମାନୁଜ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ଅଶୋକ କୁମାର ମିଶ୍ର, ଡ଼ ସିଦ୍ଧାର୍ଥ ପଣ୍ଡା, ଭାରତ ବାଜାଜ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ନିରୁପମା ମଲ୍ଲିକ, କମଳ କିଶୋର ବଜାଜ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଯୁଗ୍ମ ସମ୍ପାଦକ ସୁରେଖା ସାହୁ ।

# ସେଲ୍ ଅଧିକାରୀଙ୍କ ଘରୁ ଲୁଟ ଘଟଣା: ଅଭିଯୁକ୍ତ ଘରୁ ପୁଲିସ ଜବତ କଲା ଦୁଇଟି ସୁନା ହାର

ଯୋଡ଼ା, ୧୮/୬ (ନି.ପ୍ର): ଖଣି ଅଂଚଳରେ ଘଟିଥିବା ହାଇ ପ୍ରୋଫାଇଲ୍ ଚୋରି ଘଟଣାରେ ବଲାଣି ପୁଲିସକୁ ପୁଣି ଏକ ଅନ୍ୟ ଉଲ୍ଲେଖନୀୟ ସଫଳତା ମିଳିଛି। ସୋମବାର ରାତିରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅମନ ରାୟଙ୍କ ଘରୁ ପୁଲିସ ୨୨ ଗ୍ରାମର ଦୁଇଟି ସୁନା ହାର ଜବତ କରିଛି । ସୂଚନା ଅନୁଯାୟୀ, ବଲାଣି ପୁଲିସ ଉକ୍ତ ଚୋରି ଘଟଣାର ତଦନ୍ତ କରି ଘଟଣାର ୪୮ ଘଂଟା ଭିତରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅମନ ରାୟକୁ ତାର ବଲାଣି ସ୍ଥିତ ଆତ୍ରୀ ହଟିଂ ରେ ଥିବା ବାସଗୃହରୁ ଗିରଫ କରିଥିଲା । ତାକୁ ପଚରାଉଚରା କରିବା ପରେ ଚୋରି ହୋଇଥିବା କିଛି ସୁନା ଅଳଙ୍କାର ଓ ରୁପା ଅଳଙ୍କାରକୁ ବଡ଼ବିଲ ସ୍ଥିତ ଆରତୀ ଡାକ୍ତରଖାନା ନିକଟସ୍ଥ ଜଣେ ସୁନା ବ୍ୟବସାୟୀ ଅନୀଲ କୁମାର ବର୍ମା ନିକଟରୁ ଜବତ ହୋଇଛି। ତାକୁ ଗିରଫ କରିବା ସହିତ ଉକ୍ତ ବ୍ୟବସାୟୀ ଠାରୁ ପ୍ରାୟ ୭.୫ ଗ୍ରାମର ତରଲା ଯାଇଥିବା ସୁନା ଓ ୭୫ ଗ୍ରାମର ରୁପା ଅଳଙ୍କାର ଜବତ ହୋଇଛି । ଏହା ବ୍ୟତୀତ ଏହି ଚୋରି ଘଟଣାରେ ସାମିଲ ଥିବା ବଲାଣି ଥାନା ଅନ୍ତର୍ଗତ ଗୁରୁଦ୍ୱାରା ହଟିଂର ଜଣେ ନାବାଳକକୁ ସୁଧାର ଗୃହକୁ ପଠାଇଛି ବଲାଣି ପୁଲିସ । ଥାନା ଅଧିକାରୀ ଲବ ବୋଡା ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୧୦୪ ଗ୍ରାମରୁ ଅଧିକ ସୁନା ଓ ରୂପା ଗହଣା ଜବତ କରାଯାଇଛି। ଏହି ଚୋରି ଘଟଣାରେ ଅନ୍ୟ ଲୋକମାନେ ମଧ ଜଡିତ ଥିବା ନେଇ ସନ୍ଦେହ କରୁଛି ପୁଲିସ ଏବଂ ଏଥିରେ ଗୋଟିଏ ଚୋର ରାକେଟ ସକ୍ରିୟ ଥିବା ନେଇ ଆଶଙ୍କା କରାଯାଉଛି । ସେ କହିଛନ୍ତି, 'ଆମର ତଦନ୍ତ ବ୍ୟବସ୍ଥା ତ୍ୱରିତ ଭାବେ ଚାଲିଛି। ଅବଶିଷ୍ଟ ଚୋରା ଉପକରଣ ଉଦ୍ଧାର ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଶେଷ ଦଳ ଗଠନ କରାଯାଇଛି।'

# ଦୋକାନ ଭିତରକୁ ଚଢିଗଲା କାର: ବାଇକ ଗୁଣ୍ଡ, ଜଣେ ମୃତ

ଖୋର୍ଦ୍ଧା, ୧୮/୬ (ନି.ପ୍ର): ୫୭ ନମ୍ବର ଜାତୀୟ ରାଜପଥ ପୁରୁସାହି ଛକରେ ମଙ୍ଗଳବାର ଅପରାହ୍ଣରେ ମମ୍ମନ୍ତୁଦ ସଡକ ଦୃର୍ଘଟଣା ଘଟିଛି । ଲସି ଓ ପାନ ଦୋକାନ ଉପରେ ଚଢିଗଲା କାର ଓ ଦୃର୍ଘଟଣାରେ ଜଣେ ମୃତ, ୪ଜଣ ଆହତ ହୋଇଛନ୍ତି । ମୃତକ ହେଲେ ପୁରୁସାହି ଚାନ୍ଦପୁର ଗ୍ରାମର ନିବାସ ବେହେରା ଓ ସେ ବିଦ୍ୟୁତ ବିଭାଗର ଲାଇନମ୍ୟାନ ଭାବେ ଭାବେ କାମ କରୁଥିବା ଜଣାପଡିଛି । ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଆଦର୍ଶ ଥାନା ପୋଲିସ କାର ଡ୍ରାଇଭର ଭରଙ୍କୁ ଥାନାରେ ଅଟକ ରଖିଛି । ଦୁର୍ଘଟଣା ଘଟାଇଥିବା କାର, ଦୁର୍ଘଟଣାଗ୍ରସ୍ତ ବାଇକକୁ ପୋଲିସ ଜବତ କରି ତଦନ୍ତ କରୁଥିବା ଜଣାପଡିଛି। ସୂଚନା ମୁତାବକ ଖୋର୍ଦ୍ଧା ପଟୁ ନୟାଗଡ ଅଭିମୁଖେ ଓଡି୦୨-ସିକେ--୨୨୩୪ ନମ୍ବର ବିଶିଷ୍ଟ ଗ୍ରାଣ୍ଡ ଭିଟାର କର ଯାଉଥିଲା ଏହି ସମୟରେ ପୁରୁସାହି ଛକରେ ଥିବା ଲସି ଓ ପାନ ଦୋକାନ ଆଗରେ ୪ଟି ବାଇକ ଚାଳକ ପାର୍କିଂ କରି ଠିଆ ହୋଇଥିଲେ । ଏହି ସମୟରେ ଉକ୍ତ କାର ଦ୍ରୁତଗତିରେ ଆସି ଦୋକାନ ନିକଟରେ ଥିବା ୩ଟି ବାଇକକୁ ଧକ୍କା ଦେଇ ଆଗ ଚକାରେ ଏକ ବାଇକକୁ ଘୋଷାରି ଘୋଷାରି ନେଇ ଦୋକାନ ଭିତରକୁ ପଶି ଯାଇଥିଲା । ଦୋକାନୀ ମାଲିକ, ବାଇକ ଚାଳକ ସମେତ ୪ଜଣ ବାହାରକୁ ଛିଟିକି ପଡି କୌଣସି ମତେ ଜୀବନ ବଂଚାଇଥିଲେ ଓ ତେବେ ନିବାସଙ୍କୁ କାର ଅତି ତୀବ୍ର ଗତି ଗତିରେ ଧକ୍କା ଦେବାରୁ ନିବାସ ଦୋକାନରେ ପିଟି ହୋଇ ତଳେ କଚାଡି ହୋଇପଡିଥିଲେ ଓ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଥାଘାତ ଲାଗିଥଲା। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୋକେ ଖୋର୍ଦ୍ଧା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି କାର ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

## ଲ' କଲେଜ କଲୋନୀ ମନ୍ଦିର କମିଟିର ପୁନଃ ଗଠନ

କେନ୍ଦ୍ରାପଡା, ୧୮/୬ (ନି.ପ୍ର): ଦୀନବନ୍ଧୁ ସାହୁ ଆଇନ ମହା ବିଦ୍ୟାଳୟ କଲୋନୀ ମନ୍ଦିର କମିଟିର ପୁନଃ ଗଠନ କରାଯାଇଛି । କଲୋନୀ ବାସିନ୍ଦା ମାନେ ଏକ ବୈଠକରେ ମିଳିତ ହୋଇ ମନ୍ଦିରର ସୁପରିଚାଳନା ନିମନ୍ତେ ଏକ ପରିଚାଳନା ସମିତି ଗଠନ କରିଛନ୍ତି । ଏଥିରେ ସଭାପତି ଭାବେ ବସନ୍ତ କୁମାର ଜେନା, ଉପ ସଭାପତି ଉଦୟନାଥ ସାହୁ, ସଂପାଦକ ଭାବେ ଡ଼ଃ ପ୍ରଭାକର ମଲିକଙ୍କୁ ମନୋନୀତ କରାଯାଇଛି । କମିଟିର ସଦସ୍ୟ ଭାବେ ଡ଼ଃ ସ୍ମୃତି ରଂଜନ ବେହେରା, ଫକୀର ରାଉତ, ସତ୍ୟପ୍ରିୟ ପରିଡା, ବିଜୟ କୁମାର ନାୟକ, ଭଞ୍ଜ କିଶୋର ଜେନା, ନରେନ୍ଦ୍ର ନାଥ ମହାରଣା, ସତ୍ୟପ୍ରିୟ ମହାନ୍ତି, ପ୍ରତାପ କୁମାର ମହାପାତ୍ର, ରଂଜନ କୁମାର ସାମନ୍ତରାୟ, ବସନ୍ତ କୁମାର ବରାଳ, ଅଶୋକ କୁମାର ମହାପାତ୍ର, ବିଚିତ୍ର କୁମାର ନାୟକ, ସୁଶାନ୍ତ କୁମାର ସେଠୀ ପ୍ରମୁଖଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି ।

# ଜିଲ୍ଲାସ୍ତରୀୟ ବିକାଶ ମେଳା

ସମ୍ବଲପୁର, ୧୮/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ତାଙ୍କ ଦ୍ୱାରା ପ୍ରଣୀତ ବହୁବିଧ ଫଳପ୍ରସୂ ପଦକ୍ଷେପ ଓ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଆଜି ସମ୍ବଲପୁରର ଧନକଉଡା ବ୍ଲକ ପଡିଆ ଠାରେ ବିକାଶ ମେଳା ରେ ମୁଖ୍ୟ ଅତିଥି ଭାବେ ମାନନୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର,ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭ୍ରା.ପ୍ର.ସେ), ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, କାର୍ଯ୍ୟକ୍ରମ ଆଦି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଉନ୍ନତି ପାଇଁ ଆମେ ଅନେକ ପ୍ରକଳ୍ପ ପ୍ରାସ୍ତାବିତ ଅଛି, ଯାହା ଆଗାମୀ ଦିନରେ କାର୍ଯ୍ୟକାରୀ ହେବ ବୋଲି ସୂଚନା ଦେଇଥିଲେ। ଆମର କଠିନ ପରିଶ୍ରମ ଯୋଗ ଆଜି ଆମ ଦେଶ ଚତୁର୍ଥ ବୃହତ ଅର୍ଥନୈତିକ ଦେଶ ରେ ପରିଣତ ହୋଇ ପାରିଛୁ, ଆମେ ନିରନ୍ତର ବିକାଶ ପଥରେ ଆଗେଇଚାଲିଛୁ। ମହିଳାଙ୍କ ସର୍ବାଙ୍ଗୀନ ଉନ୍ନତିକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଆସୁଅଛୁ ସେଥିପାଇଁ ୨୦୨୫, ଏପ୍ରିଲ ଶେଷସୁଦ୍ଧା ସୁଭଦ୍ରା ଯୋଜନାରେ ମାଧ୍ୟମରେ ସିଧାସଳଖ ୧ କୋଟିରୁ ଅଧିକ ଯୋଗ୍ୟ ମହିଳାଙ୍କୁ ସାମିଲ କରି ଦୁଇଟି କିସ୍ତିରେ ରାଜ୍ୟ ସରକାର ୯,୯୭୦ କୋଟି ଟଙ୍କା ବିତରଣ କରିଛନ୍ତି ବୋଲି ସୂଚନା ଦେଇଥିଲେ। ଆମ ଅଂଚଳ ଏକ କୃଷି ପ୍ରାଧାନ୍ୟ ଅଂଚଳ କୃଷି କ୍ଷେତ୍ରରେ ଉନ୍ନତି ହେଲେ ଯାଇ ଆମ ର ଉନ୍ନତି ହେବ, ସେଥିପାଇଁ ଆମ ସରକାର କୃଷକ ସମୃଦ୍ଧି ଯୋଜନା ଅଧୀନରେ କୃଷକର ଧାନ ଚାଷ ରେ ସମ୍ମୁଖୀନ ହେଉଥିବା କ୍ଷତିକୁ ଭରଣା କରିବା ପାଇଁ ଧାନର କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟତା ରାଶି (ଏମଏସ୍‌ପି) ୨୩ ଶହ ଟଙ୍କା ସହିତ ରାଜ୍ୟ ସରକାରଙ୍କ ଅତିରିକ୍ତ ଇନ୍‌ପୁଟ ସହାୟତା ୮ଶହ ଟଙ୍କାକୁ ମିଶାଇ ମୋଟ୍ ୩୧୦୦ ଟଙ୍କାରେ ଧାନ କ୍ରୟ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ।ଆମ ରାଜ୍ୟ ର ଆର୍ଥିକ ସ୍ଥିତି କୁ ସୁଦୃଢ କରିବା ପାଇଁ ଉତ୍କର୍ଷ ଓଡିଶା ଯୋଜନା ପ୍ରଣୟନ କରିଛୁ। ସ୍ୱାସ୍ଥ୍ୟ ସେବା କ୍ଷେତ୍ର ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଓଡ଼ିଶା ସାମିଲ କରିଛୁ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ୫ ଲକ୍ଷ ଟଙ୍କାର କଭରେଜ୍ ଏବଂ କାର୍ଡ ମଧ ଦିଆଯାଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ଆୟୋଜିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳାର ପରିଦର୍ଶନ କରିଥିଲେ।

# ଜିଲ୍ଲାର ଡାଇରିଆ ସ୍ଥିତିର ସମୀକ୍ଷା କଲେ ଜିଲ୍ଲାପାଳ: ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୧୮/୬ (ନି.ପ୍ର): ବର୍ତମାନ ଡାଇରିଆ ସଂକ୍ରମଣ ଅବସ୍ଥାକୁ ଗୁରୁତର ଭାବେ ଗ୍ରହଣ କରାଯାଇ ଜିଲ୍ଲା ଓ ବ୍ଲକ ସ୍ତରର ବିଭିନ୍ନ ପଦାଧିକରୀ ଯଥା ସ୍ୱାସ୍ଥ୍ୟ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା ଓ ମହିଳା ଶିଶୁ ବିକାଶ ପ୍ରମୁଖଙ୍କୁ ନେଇ ଡାଇରିଆର ସ୍ଥିତି ତଥା ପ୍ରତିକାର ଉପରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ବିଭିନ୍ନ ବିଭାଗର ଦାୟିତ୍ୱକୁ ନେଇ ସମୀକ୍ଷା କରିଥିବାବେଳେ ଜିଲ୍ଲାରେ ଜିରୋ ଡାଇରିଆ ମୃତ୍ୟୁ ଉପରେ ଗୁରୁତ୍ୱାରୋପ କରି ସମସ୍ତ ବିଭାଗ ମିଳିତ ଭାବେ ସମନ୍ୱୟ ପୂର୍ବକ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗକୁ ଓ.ଆର.ଏସ ତଥା ଜିଙ୍କ ବଣ୍ଟନ ତ୍ୱରାନ୍ୱିତ ସହିତ ଆର.ଡବ୍ଲୁ. ଏସ.ଏସ. ଯନ୍ତ୍ରୀଙ୍କୁ ସ୍ୱଚ୍ଛ ପିଇବାପାଣି ଯୋଗାଣର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ,ବିଡ଼ିଓ, ଡି ଏସ ଡବ୍ଲୁ ଓ, ଡି ଡବ୍ଲୁ ଓ, ଆର ଡବ୍ଲୁ ଏସ ଏସ,ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମିଳିତ ଭାବେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରର ସ୍ୱଚ୍ଛତା ଓ ପାନୀୟ ଜଳ ଯୋଗାଣ ଉପରେ ବିଶେଷ ଧ୍ୟାନ ଦେବାପାଇଁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରଦୀପ କୁମାର ଗୁରୁ ଡାଇରିଆର ଚିକିତ୍ସା ପାଇଁ ଔଷଧ, ଓ ଆର ଏସ ଓ ଜିଙ୍କ ସ୍ୱାସ୍ଥ୍ୟ ବିଭାଗ ପାଖରେ ମହଜୁଦ ଥିବା ବୈଠକରେ ଜଣାଇବା ସହ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡାଇରିଆର ଆବଶ୍ୟକ ନିରାକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦୈତ୍ୟ ନାରାୟଣ ପାଢ଼ୀ ଆଶା ମାନଙ୍କ ଦ୍ୱାରା ଓ ଆର ଏସ ଓ ଜିଙ୍କ ବଣ୍ଟନ ୧୬ ଜୁନରୁ ଆରମ୍ଭ ହୋଇଥିବାବେଳେ ଜୁଲାଇ ୩୧ ପର୍ଯ୍ୟନ୍ତ ଘରକୁ ଘର ଯାଇ ପ୍ରଦାନ କରୁଥିବା ବୈଠକରେ ଜଣାଇଥିଲେ । ଏହା ସହିତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ/ ଏ.ଏନ.ଏମ ମାନଙ୍କ ଦ୍ୱାରା ଏହି ବଣ୍ଟନ କାର୍ଯ୍ୟର ତଦାରଖ ସହିତ ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆରଆରଟି ପ୍ରସ୍ତୁତ ଥିବା ସୂଚନା ପ୍ରଦାନ କରିଥିଲେ। ଏହାପରେ ଜିଲ୍ଲାର ଡେଙ୍ଗୁ ଓ ମ୍ୟାଲେରିଆ ସ୍ଥିତିର ସମୀକ୍ଷା କରି ରେସିଡେନ୍ସିଆଲ ସ୍କୁଲ ପିଲା ମାନଙ୍କର ମ୍ୟାଲେରିଆ ପରୀକ୍ଷା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ଏହା ସହିତ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମ୍ୟାଲେରିଆ ଔଷଧ ସିଂଚନ ପାଇଁ ଜନ ସହଯୋଗ ଆବଶ୍ୟକ କଥା ଜଣାଇଥିଲେ । ଉକ୍ତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଆର. ଏମ.ଏନ.ସି.ଏଚ, ଟୀକାକରଣ,ଏନକ୍ୱାସ ଉପରେ ମଧ ବିଭାଗୀୟ ସମୀକ୍ଷା କରାଯାଇଥିଲା। ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ସମସ୍ତ ବିଡ଼ିଓ, ତଥା ବିଭିନ୍ନ ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଧାରାବାହିକ:** ଭାଗ-୩

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୫ମ ଅଧ୍ୟାୟ, ଗିକୁଳରେ ଭଗବାନଙ୍କ ଜନ୍ମୋତ୍ସବ

ଦେବୀ ଯଶୋଦା ଚେତନା ଲାଭକରି ଦେଖିଲେ ଯେ ତାଙ୍କର ଗୋଟିଏ ମହା ଜ୍ୟୋତିର୍ମୟ ପୁତ୍ର ସନ୍ତାନ ଜାତ ହୋଇଛି । ଏ ସମ୍ବାଦ ସଙ୍ଗେ ସଙ୍ଗେ ବ୍ୟାପିଗଲା । ନନ୍ଦରାଜା ଅତ୍ୟନ୍ତ ଆନନ୍ଦିତ ହୋଇ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଇ ବହୁ ଧନ, ରତ୍ନ ଦାନକଲେ ଏବଂ ଉତ୍ସବର ପାଳନ କଲେ । ଗୋପାଳମାନେ ଗାଇଗୋରୁଙ୍କୁ ସ୍ନାନ କରାଇ ବସ୍ତ୍ରଭୂଷଣାଦିରେ ସଜ୍ଜିତ କରାଇବା ସହ ଗୋପପୁରରେ ନୃତ୍ୟଗୀତର ଆୟୋଜନ ଚାଲିଲା । ସେମାନେ ନିଜକୁ ସଜାଇ ନନ୍ଦ ମନ୍ଦିର ଅଭିମୁଖେ ଚାଲିଲେ । ପ୍ରସୂତି ଗୃହରେ ଯଶୋଦାଙ୍କ କୋଳରେ ବାଳମୁକୁନ୍ଦଙ୍କୁ ଦେଖି ଆଖି ପିଛାଡି ପାରିଲେନାହିଁ । ସେମାନେ ନବଜାତକର କଲ୍ୟାଣ କାମନା କରି ମଙ୍ଗଳ ବାଜଣା ବଜାଇ ଡଗୀଗାଇ ଶ୍ରୀକୃଷ୍ଣ ଓ ଯଶୋଦାଙ୍କୁ ଘେରି ନୃତ୍ୟକଲେ । କଂସ ଆଦେଶ ଦେବାରୁ ନନ୍ଦ ମଧୁପୁରକୁ ଯାଇ ବାର୍ଷିକ କର( ସୁନିଆ ଧନ) ଭେଟିଦେଲେ । ସେଠାରେ ନନ୍ଦଙ୍କର ପରମ ମିତ୍ର ବସୁଦେବ ଦେଖାହେବାରୁ ସେ ସମସ୍ତ କୁଶଳ ମଙ୍ଗଳ ପଚାରିବା ସହ କହିଲେ ଯାହାହେଉ ମିତ୍ର ତୁମର ଏହି ବୃଦ୍ଧକାଳରେ ପୁତ୍ରଟିଏ ଜାତ ହେବାକଥା ଶୁଣି ମୁଁ ପରମ ଆନନ୍ଦିତ । ସନ୍ତାନ ନଥିଲେ ଜୀବନ ନିଷ୍ଫଳ । ତୁମେ ତାକୁ ସାଇତି ରଖିବା ସହ ଭଗବାନ ତାକୁ ଦୀର୍ଘାୟୁ କରନ୍ତୁ । ମୋର ଏବଂ ରୋହିଣୀର ପୁତ୍ର ତ ତୁମ ଘରେ ଅଛି, ବାସ୍ତବରେ ତୁମେ ହି ତାର ମାତାପିତା । ମୁଁ ଏ ଜନ୍ମରେ ତୁମର କି ପ୍ରତ୍ୟୁପକାର କରିପାରିବି ?ତେବେ ବନ୍ଧୁ ଇହ ଲୋକରେ ଘନିଷ୍ଠ ବନ୍ଧୁତା ଥିଲେ ପରଲୋକରେ ନିଶ୍ଚିତ ଭେଟ ହେବ । ମୁଁ ଦୁଃଖୀ, ପାତକୀ । ଛଅ ଛଅଟି ପୁତ୍ର ହତ୍ୟାପରେ ମଧ୍ୟ କଂସ କନ୍ୟାଟିକୁ ଛାଡିଲା ନାହିଁ । ହେ ବନ୍ଧୁ ମୁଁ ଗୋଟିଏ ଗୁପ୍ତକଥା କହୁଛି । କଂସ ଆଜ୍ଞାରେ ଅନୁଚରମାନେ ପ୍ରତି ଗ୍ରାମରେ ପଶି ନବଜାତକମାନଙ୍କୁ ମାରି ପକାଉଛନ୍ତି । ତୁମେ ଆଉ ଏଠାରେ ନ ରହି ତୁମ ଗ୍ରାମକୁ ପାଳାଇଯାଇ ଶିଶୁର ସୁରକ୍ଷା କର । ନନ୍ଦ ଏହା ଶୁଣି ଶଙ୍କିତ ମନରେ ସେଠାରୁ ବିଦାୟ ନେଲେ ।

### ୬ଷ୍ଠ ଅଧ୍ୟାୟ, ପୂତନା ଉଦ୍ଧାର

କଂସ ସମସ୍ତ ନବଜାତକଙ୍କୁ ମାରିବାକୁ ଆଦେଶ ଦେବାପରେ ପୁତନା ନାମକ ଜଣେ ରାକ୍ଷସୀ ନିଜର ଦୁଇ ସ୍ତନରେ ବିଷ ଭରି ଗ୍ରାମେ ଗ୍ରାମେ ବୁଲି କପଟରେ ବହୁ ଶିଶୁଙ୍କୁ ଦୁଗ୍ଧପାନ କରାଇ ମାରି ପକାଇ ଅବଶେଷରେ ଆସୁରୀମାୟା ବଳରେ ନିଜକୁ ଖୁବ୍ ସୁନ୍ଦରୀ ସ୍ତ୍ରୀ ରେ ରୂପାନ୍ତର କରି ଗୋପପୁରରେ ପ୍ରବେଶ କଲା । ତାର ସୁନ୍ଦର ରୂପରେ ଗୋପପୁରବାସୀ ମୋହିତ ହୋଇ ତାକୁ ଦେବୀ କମଳା କିମ୍ବା ପାର୍ବତୀ ହୋଇପାରନ୍ତି ବୋଲି ଭାବିଲେ । କିଛି ମଧ ତାର ଅନୁଧାବନ କରିବାରୁ ସେହି ମାୟା ସୁନ୍ଦରୀ କହିଲା, ମୋର ସଦ୍ୟଜାତ ପୁତ୍ରଟି ହଠାତ୍ ମରି ଯିବାରୁ ମୁଁ ଉରଜପୀଡାରେ ବ୍ୟତିବ୍ୟସ୍ତ ହେଉଛି । ଆପଣମାନେ ଯଦି କେହି ନବଜାତକ ବିଷୟରେ ଜାଣିଛନ୍ତି କହିଲେ ମୁଁ ତାକୁ କ୍ଷୀରପାନ କରାଇ ପୀଡାରୁ ମୁକ୍ତ ହେବି । କେହି ଜଣେ କୃଷ୍ଣ ଜନ୍ମ କଥା କହିବାରୁ ସେ ଯଶୋଦାଙ୍କ ମନ୍ଦିରକୁ ଯାଇ ଯଶୋମତୀକୁ ନିଜର କ୍ଷୀର ନବଜାତକକୁ ପାନ କରାଇବାର ଇଚ୍ଛା ସମ୍ପର୍କରେ କହିଲା । ଯଶୋଦା ଭାବିଲେ ଏଭଳି ହୃଷ୍ଟପୁଷ୍ଟ ନାରୀଠାରୁ କ୍ଷୀର ପାନକଲେ ଶିଶୁ ସୁସ୍ଥସବଳ ହେବ ଭାବି କୃଷ୍ଣଙ୍କୁ ତା ହସ୍ତକୁ ପ୍ରଦାନ କଲେ । ପୁତନା ଖୁବ୍ ଖୁସି ହେବା ସହ ତାର ହଳାହଳ ମିଶ୍ରିତ ସ୍ତନକୁ କୃଷ୍ଣଙ୍କ ମୁହଁରେ ଧରାଇଦେଲା । ଭଗବାନ କୃଷ୍ଣ ତାର କ୍ଷୀର ସହ ପ୍ରାଣକୁ ଶୋଷିଦେବାରୁ ସେ ଜୀବନ ବିକଳରେ ପ୍ରକୃତ ସ୍ୱରୂପ ଧରିଲା ଏବଂ ଭିଡିମୋଡି ହୋଇ ଜୀବନ ତ୍ୟାଗକଲା । ତାର ପ୍ରକାଣ୍ଡ ଶରୀର ପ୍ରାୟ ଅଧ ଯୋଜନ ପରିମାଣ ସ୍ଥାନ ଅଧିକାର କରିବା ସହ ତଳେ ଥିବା ସମସ୍ତ ବୃକ୍ଷ, ମନ୍ଦିର, ଗୃହ ନଷ୍ଟ କରିଦେଲା । ତାର ଲଙ୍ଗଳ ଈଶ ଭଳି ଦୁଇ ଦାନ୍ତ, ଗିରିଗୁହା ପରି ନାସାପୁଡା, ପର୍ବତପରି ସ୍ତନ, ଖାଙ୍କର କେଶ, ପିଙ୍ଗଳ ଚକ୍ଷୁ, ନଦୀ ତଟପରି ଜଂଘ, ଶୁଷ୍କ ହ୍ରଦପରି ଉଦରକୁ ଦେଖି ଲୋକମାନେ ଭୟଭୀତ ହୋଇପଡିଲେ । ଗୋପପୁରବାସୀଙ୍କ ସହ ନନ୍ଦରାଣୀ କାନ୍ଦି କାନ୍ଦି ପୁତ୍ରକୁ ଖୋଜି ଖୋଜି ଆସି ଦେଖିଲେ ପର୍ବତ ମଝିରେ ଶଶକ ଶାବକ ଭଳି ଦୁଇ ସ୍ତନ ମଝିରେ କୃଷ୍ଣ ହାତଗୋଡ ଛାଟି ଖେଳୁଛନ୍ତି । ଯଶୋଦା ତାଙ୍କୁ ଉଠାଇ ଆଣି ଛାତିରେ ଚାପିଧରିଲେ ଏବଂ ପରେ ଚୁମ୍ବନ ଦେଲେ । ଗୋପୀମାନେ ମହାବିପଦରୁ କୃଷ୍ଣ ରକ୍ଷା ପାଇଯାଇଥିବା କାରଣରୁ ଆନନ୍ଦିତ ହେବା ସହ ଭବିଷ୍ୟତ ଭୟରେ ଆତଙ୍କିତ ହେଲେ । ଯଶୋଦା କୃଷ୍ଣଙ୍କୁ ବାଛୁରୀ ଲାଙ୍ଗୁଡରେ ଝାଡିଦେଇ ରିଷ୍ଟ ଖଣ୍ଡନ କରିବାର ଚେଷ୍ଟା କଲେ ଏବଂ ଗୋମୟରେ ଘର ଲିପାପୋଛା କରିବା ସହ ବ୍ରାହ୍ମଣଙ୍କୁ ଡାକି ରିଷ୍ଟ ଶାନ୍ତି କରାଇଲେ । ନନ୍ଦ ମଧୁପୁରରୁ ଫେରି ମାର୍ଗରେ ପୁତନାର ମୃତ ଶରୀରକୁ ଦେଖି ବସୁଦେବଙ୍କ କଥାର ସତ୍ୟତା ପ୍ରମାଣ ପାଲେ ଏବଂ ତାଙ୍କ ନିର୍ଦ୍ଦେଶରେ ପୁତନାର ଦାହ କାର୍ଯ୍ୟ ସମପିତ ହେଲା । ପୁତନା ରାକ୍ଷସୀର ଦେହରୁ ଭଗବାନ ପାପ ହରଣ କରିଥିବା କାରଣରୁ ତାର ପୋଡା ସମୟରେ ବାୟୁମଣ୍ଡଳ କସ୍ତୁରୀ ସୁଗନ୍ଧରେ ପୂରିଗଲା । ପରମ ଦୟାଳୁ ଭଗବାନଙ୍କ ଦୟା ଏହିଭଳି ହୋଇଥାଏ ; ତାଙ୍କର ବୈରିତା ରଖୁଥିବା ବ୍ୟକ୍ତିକୁ ମଧ ପରମପଦ ମିଳିଥାଏ ।

### ୭ମ ଅଧ୍ୟାୟ, ଶକଟା ଓ ତୃଣାବର୍ତ୍ତ ଉଦ୍ଧାର

ଶ୍ରୀ ଶୁକଦେବ କହିଲେ, ହେ ରାଜନ ! ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ମାରିବାକୁ ଆସିଥିବା ପୁତନାକୁ ବଧ କରି ନିଜ ଶରୀରରେ ସ୍ଥାନ ଦେବା ସହ ଆଉ ଯେଉଁ ଲୀଳାମାନ କଲେ ତାହା ବର୍ଣ୍ଣନା କରୁଛି । ନିର୍ଦ୍ଦିଷ୍ଟ ଦିବସରେ ଅନ୍ତୁଡି ଉଠିଆରୀ ଶେଷପରେ ନନ୍ଦରାଣୀ ପୁତ୍ରକୁ ସ୍ନାନ କରାଇ ଦେବତା ବ୍ରାହ୍ମଣ ପୂଜାକରି ଧନ ରତ୍ନମାନ ଦାନ କଲେ । ଶ୍ରୀକୃଷ୍ଣ ନିଦ୍ରା ଯିବାରୁ ମାତା ତାଙ୍କୁ ଏକ ବିରାଟ ଶକଟ ଛାଇରେ ଶୁଆଇଦେଇ ନିଜ କାମରେ ଚାଲିଗଲେ । କିଛି ସମୟପରେ ଶ୍ରୀକୃଷ୍ଣଙ୍କ ନିଦ୍ରାଭଙ୍ଗ ହେବାରୁ ସେ ମାତାକୁ ନ ପାଇ ହସ୍ତପଦ କଚାଡି କାନ୍ଦିବାରୁ ତାଙ୍କ ପଦାଘାତରେ ସେହି ବଡ ଶକଟଟି ଘୋର ଶବ୍ଦ କରି ଭାଙ୍ଗି ଖଣ୍ଡଖଣ୍ଡ ହୋଇଗଲା । ଗୋପୀମାନେ ଶବ୍ଦ ଶୁଣି ଦୌଡି ଯାଇ ଦେଖନ୍ତିତ ଶକଟଟି ଭାଙ୍ଗି ଯାଇଛି ଏବଂ ଭଗବାନ ହାତପାଦ ଛାଟି କାନ୍ଦୁଛନ୍ତି । ଜଣେ ଗୋପୀ ଭଗବାନଙ୍କୁ ଉଠାଇ ନେଇ କୋଳରେ ଧରିଲେ । ଯଶୋଦା ଦୌଡି ଆସି ଏ ଘଟଣା ଦେଖି ସ୍ତମ୍ଭିତ ହେଲେ । ଗୋପୀମାନେ କହିଲେ ଯାହା ହେଉ ପୁଅର ଗୋଟିଏ ରିଷ୍ଟ କଟିଗଲା । ଯଶୋଦା ପୁତ୍ରକୁ କୋଳକୁ ନେଇ କ୍ଷୀରପାନ କରାଇଲେ ଏବଂ ଦ୍ୱିଜ ବ୍ରାହ୍ମଣଙ୍କୁ ଡାକି ରିଷ୍ଟ ଶାନ୍ତ କରାଇବା ସହ ଧନରତ୍ନାଦି ଦାନ କଲେ । ପରେ ପ୍ରକୃତ କଥା ଜଣାପଡିଲା ଯେ କଂସ ଆଜ୍ଞାରେ ଗୋଟାଏ ଅସୁର ଶକଟର ରୂପ ଧରି କୃଷ୍ଣଙ୍କୁ ତା ଚକତଳେ ଚାପି ମାରିବାକୁ ଆସି କୃଷ୍ଣଙ୍କ ପଦାଘାତରେ ନିହତ ହେଲା । ଏହାର କିଛି ଦିନ ପରେ କଂସ ଆଜ୍ଞାରେ ତୃଣାବର୍ତ୍ତ ନାମକ ଅସୁର ଗୋପପୁରକୁ ଆସିଲା । ଭଗବାନ ଏହା ଜାଣିପାରି ନିଜ ଶରୀରକୁ ଭାରି କରିଦେବାରୁ ଯଶୋଦା ତାଙ୍କୁ ଉଠାଇ ନପାରି ତଳେ ଶୁଆଇ ଦେଇଗଲେ । ଏହି ସମୟରେ ତୃଣାବର୍ତ୍ତ ହଠାତ୍ ଭୀଷଣ ମେଘ, ପବନ ସହ ଭୂମିକମ୍ପ ସୃଷ୍ଟିକଲା । ଚାରିଆଡେ ଅନ୍ଧକାର ଛାଇଯିବା ସହ ବୃକ୍ଷାଦି ଉପାଡି ପଡିଲା । କିଛି ସମୟପରେ ଝଡ କମିବାରୁ ଆଲୋକ ଆସିଲା ମାତ୍ର ସେତେବେଳକୁ ଭଗବାନ ଶ୍ରୀକୃଷ୍ଣ ନିଖୋଜ ହୋଇ ସାରିଥାନ୍ତି । ତାଙ୍କୁ କୌଣସିଠାରେ ନପାଇ ସମସ୍ତେ ବ୍ୟସ୍ତ ହୋଇପଡି ଖୋଜାଖୋଜି କଲେ । ଅସୁର ତୃଣାବର୍ତ୍ତ ଭଗବାନଙ୍କୁ ନେଇ ପଳାଇବାର ଅପଚେଷ୍ଟାରେ କିଛି ବାଟ ଯିବାପରେ ଭଗବାନଙ୍କ ଭାର ବହିନପାରିବାରୁ ତଳେ ପକାଇ ଦେବାକୁ ଚେଷ୍ଟା କରନ୍ତେ ଭଗବାନ ତାଙ୍କ ବାମ ହସ୍ତରେ ଅସୁରର ବେକକୁ ଚାପି ଧରିବାରୁ ଅସୁରର ଚକ୍ଷୁ ଦୁଇଟା ବାହାରି ପଡିଲା ଏବଂ ତାଳୁ ଫାଟି ତାହାର ମୃତ୍ୟୁ ହେଲା । ମୃତ୍ୟୁ ସମୟରେ ଘୋର ରଡି କରି ଅସୁର ମରିବାରୁ ସମସ୍ତେ ସେଠାକୁ ଯାଇ ଦେଖନ୍ତି ତ ଅସୁର ଗୋଟାଏ ପର୍ବତ ସମାନ ପଡିଛି ଏବଂ ବାଳ ମୁକୁନ୍ଦ ହାତଗୋଡ ଛାଟି ଖେଳୁଛନ୍ତି । ଯଶୋଦା ପୁତ୍ରକୁ କୋଳକୁ ନେବାରୁ ଶ୍ରୀକୃଷ୍ଣ ହାଇ ମାରିବାରୁ ତାଙ୍କ ପାଟିକୁ ଦେଖି ସ୍ତମ୍ଭିଭୂତ ହୋଇପଡିଲେ । ପାଟି ମଧରେ ଯଶୋଦା ଆକାଶ, ଅଷ୍ଟଦିଗପାଳ, ଗ୍ରହ, ନକ୍ଷତ୍ର, ମେଘମାଳା, ସପ୍ତସିନ୍ଧୁ, ଗିରିନଦୀ,କାନନ, ସ୍ଥାବର ଜଙ୍ଗମାଦି ସାରା ବ୍ରହ୍ମାଣ୍ଡକୁ ଦେଖିବାରୁ ଭୟରେ କାଳେ କିଛି ପୁତ୍ରର ଅମଙ୍ଗଳ ହେବ ଭାବି ଶୁଆଇ ପକାଇଲେ ।

### ୮ମ ଅଧ୍ୟାୟ, ନାମ କରଣ ସଂସ୍କାର ଓ ବାଲ୍ୟଲୀଳା

ଦିନେ ଯଦୁବଂଶର ପୁରୋହିତ ମହାତପସ୍ୱୀ ଗର୍ଗାଚାର୍ଯ୍ୟ ପୁତ୍ର ଦୁହିଁଙ୍କର ନାମକରଣ ସଂସ୍କାର ନିମିତ୍ତ ବସୁଦେବଙ୍କ ଦ୍ୱାରା ପ୍ରେରିତ ହୋଇ ଗୋପପୁରକୁ ଆସିଲେ । ନନ୍ଦରାଜା ମୁନିଙ୍କୁ ଦେଖି ଆନନ୍ଦିତ ହେବା ସହ ସତ୍କାର କରି ନାମକରଣ ନିମିତ୍ତ ଆୟୋଜନ କଲେ । ମୁନି ପ୍ରଥମେ ଜ୍ୟେଷ୍ଠ ରୋହିଣୀ କୁମରଙ୍କର ନାମକରଣ କଲେ 'ରାମ' । କାରଣ ସେ ଦେଖିବାକୁ ଖୁବ୍ ସୁନ୍ଦର ଗୌରବର୍ଣ୍ଣ ଏବଂ ବଳିଷ୍ଠ ଥିଲେ । ଯେହେତୁ ଏହି ବାଳକକୁ ବିଷ୍ଣୁ ଆଜ୍ଞାରେ ଦେବୀଦୁର୍ଗା ମାତୃଗର୍ଭରୁ ଆକର୍ଷଣ କରିନେଇଥିଲେ ଏଣୁ ଅନ୍ୟ ଏକ ନାମ ହେଲା ସଙ୍କର୍ଷଣ । ମୁନି କହିଲେ ହେ ନନ୍ଦରାଜା, ତୁମର ଏ ଯେଉଁ ପୁତ୍ର ଏହାର ଗୁଣ ଅପ୍ରମିତ । ଗୁଣ କର୍ମାନୁସାର ଏହାର ନାମ । ଏହାର ସମସ୍ତ ନାମ ମୋତେ ମଧ ଜଣା ନାହିଁ । ଏହାର ବର୍ଣ୍ଣ ଏବେ ସ୍ନିଗ୍ଧ, ସୁନ୍ଦର କୃଷ୍ଣବର୍ଣ୍ଣ ତେଣୁ ଏହାର ନାମ 'କୃଷ୍ଣ' ହେଉ । ପୁଣି ବସୁଦେବଙ୍କ ପୁତ୍ର ବୋଲି ଅନ୍ୟନାମ ବାସୁଦେବ । ଏ କଥା ଆଉ ଗୋପନ ହୋଇ ରହିନାହିଁ । ଯେହେତୁ ବିଷ୍ଣୁଙ୍କର ସମସ୍ତ ଲକ୍ଷଣକୁ ଏ ଦେହରେ ଧାରଣ କରି ଜନ୍ମ ନେଇଛି ଏଣୁ ଏହାର ନାମକରଣ ନିମନ୍ତେ ସ୍ୱୟଂ ବେଦବର ମଧ ଅସମର୍ଥ । ଏହି ବାଳକ ସମସ୍ତଙ୍କର ଆନନ୍ଦଦାୟକ ଏବଂ ଆପଦବିପଦ ଖଣ୍ଡନକରି ଅଶେଷ ମଙ୍ଗଳଦାୟକ ହେବ । ସାଧୁସନ୍ଥମାନଙ୍କୁ ପାଳନ କରିବା ସହ ଦୁଷ୍ଟଦଳନ କରି ଧର୍ମ ସଂସ୍ଥାପନ କରିବ । ଏ ସବୁ କହିସାରି ମୁନି ଏହି କଥା ଗୋପ୍ୟ ରଖିବାକୁ ପରାମର୍ଶ ଦେଇ ନିଜ ଆଶ୍ରମକୁ ଫେରିଗଲେ । ବାଳକ ଦ୍ୱୟ କ୍ରମେ ବଡ ହେଲେ ଏବଂ ଗୁରୁଣ୍ଡିବାକୁ ଲାଗିଲେ । ସେ ସମୟରେ ତାଙ୍କ କଟୀ କିଙ୍କିଣୀ ରୁଣୁଝୁଣୁ ଶବ୍ଦରେ ସମସ୍ତଙ୍କୁ ଆନନ୍ଦ ଦେବା ସହ ଧୂଳି ଧୂସରିତ ଦୁଇ ହସ୍ତୀ ଶାବକଙ୍କୁ ମାତା କୋଳରେ ଧରି ସ୍ତନ୍ୟପାନ କରାଇ ସେହି ମୁଖାରବିନ୍ଦକୁ ଚାହିଁ ପରମ ତୃପ୍ତି ପାଉଥିଲେ । ଟିକିଏ ବଡ ହେବାରୁ କୃଷ୍ଣଙ୍କର ଯାବତ ଦୁଷ୍ଟାମି ବୃଦ୍ଧି ପାଇବାକୁ ଲାଗିଲା । କେତେବେଳେ ଧୂଳି ତ କେତେବେଳେ କାଦ ହୋଇ ଆସୁଥିଲେ । ମାତା ସୁବାସିତ ଜଳରେ ଧୋଇ ପରିଷ୍କାର କରନ୍ତି । କେତେବେଳେ ଲବଣୀ ଚୋରି ତ ପୁଣି କେତେବେଳେ ଛୋଟ ପିଲାମାନଙ୍କୁ ଚିମୁଟି କନ୍ଦାଇ ଦିଅନ୍ତି ପୁଣି କେତେବେଳେ ଗୁହାଳରେ ବନ୍ଧା ଯାଇଥିବା ବାଛୁରୀମାନଙ୍କୁ ଫିଟାଇ ଦିଅନ୍ତି । ଗୋପୀମାନେ ରାଗିଗଲେ ଦୌଡି ପଳାଇଯାଆନ୍ତି । ଗୋପୀମାନେ ଲହୁଣୀକୁ ଅନ୍ଧକାର ଗୃହରେ ନେଇ ରଖିଲେ ବି କିଛି ଲାଭ ହୁଏନି । କୃଷ୍ଣଙ୍କ ଦେହର ଜ୍ୟୋତିରେ ସେ ସବୁ ଦେଖାଯାଏ । ହାତ ନ ପାଇଲେ ପିଲାମାନଙ୍କୁ ସିଡି କରି ଲହୁଣୀ ଚୋରି କରନ୍ତି । ବାଛୁରୀ ଲାଙ୍ଗୁଡ ଧରି ଟାଣୁଥିବା ସମୟରେ ବାଛୁରୀ ଡେଇଁ ପଳାଇଗଲେ ତଳେ ପଡି ଲହୁଲୁହାଣ ହେବା ସାଧାରଣ କଥା । କେତେବେଳେ ଗୋରୁ ଶିଙ୍ଗ ତ କେତେବେଳେ ନିଆଁ ଧରି ଖେଳନ୍ତି । କେତେବେଳେ ସାଙ୍ଗ ପିଲାଙ୍କୁ ମାରନ୍ତି ତ କେତେବେଳେ ମାତା ନିକଟରୁ ମାଡ ଖାଇ କାନ୍ଦନ୍ତି । ସବୁ ସମୟରେ ତାଙ୍କ ନାମରେ ଅଭିଯୋଗ ଆସେ କାହାର ବସ୍ତ୍ର ଚିରି ଦେଇଛନ୍ତି ତ କାହାର ଦଧିଭାଣ୍ଡ ଭାଙ୍ଗି ଦେଇଛନ୍ତି । କାହା ସର ଲବଣୀ ଚୋରି କଲେଣି ତ କାହା ପିଲା ଉପରେ ପାଣି ଢାଳି ତାକୁ କନ୍ଦାଇଲେଣି । ଦିନେ ଗୋପୀମାନେ ଆସି ଯଶୋଦାଙ୍କୁ ଅଭିଯୋଗ କଲେ, ଆଗୋ ବ୍ରଜରାଣୀ, ତୁମ ପୁଅ ଡରରେ ଆମେ ଆଉ ଗୋପରେ ରହି ପାରିବୁନି । ସରଲବଣୀ ତ ଖାଇଲା ପୁଣି କାନ୍ଥରେ ଘଷିଲା । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ସମୟ ସବୁଠୁ ବଡ ଉପହାର



ଶ୍ୱେତା ରାଉତ୍

ଯେତେବେଳେ ଆପଣଙ୍କ ସମ୍ପର୍କ ଭଲଥାଏ, ସେତେବେଳେ ଦୁନିଆର ସବୁ ସୁଖକୁ କିଣି ନେବାକୁ ଇଛା ହୁଏ। ନିଜ ପସନ୍ଦର ଜିନିଷ କିଣିବା, ପସନ୍ଦର ସ୍ଥାନକୁ ବୁଲିବାକୁ ଯିବା, ପସନ୍ଦର ଖାଦ୍ୟ ଖାଇବା,ସୁନ୍ଦର ଦିଶିବାର ଇଚ୍ଛା ରଖିବା, ନିଜକୁ ସଜାଇ ରଖିବା,ପିଲାଙ୍କ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବା, ଘର ବାଡ଼ି, ସୁନା ଗହଣା ସବୁ କିଣି ଦେବାକୁ ଇଛା ହେବା ସ୍ୱାଭାବିକ। ପୁରୁଷ ହୁଅନ୍ତୁ କି ସ୍ତ୍ରୀ,ପ୍ରତିଦିନ ନୂଆ ନୂଆ ଯୋଜନା ମନକୁ ଆସେ, ଜୀବନ ଏକ ସୁଖଦ ଆଶୀର୍ବାଦ ମନେହୁଏ। କିନ୍ତୁ ଯଦି ସମ୍ପର୍କ ଭିତରେ ତିକ୍ତତା ଥାଏ, ଆପଣଙ୍କ ପାଖରେ କୋଟି କୋଟି ଟଙ୍କା, ଘର, ଗାଡ଼ି, ସୁନା ଗହଣା, ଯେତେ ଯେତେ ଦାମି ଜିନିଷ ଥାଉନା କାହିଁକି ସବୁ ତୁଚ୍ଛ ମନେହେବ। ଆପଣଙ୍କ ପାଇଁ କେବଳ ସେଇ ସମ୍ପର୍କ ହିଁ ଜୀବନର ସବୁଠୁ ବଡ ସୁଖ ଶାନ୍ତି ଓ ଆବଶ୍ୟକତା ବୋଲି ପାଗଳ ପ୍ରାୟ ସମ୍ପର୍କକୁ ଝୁରି ହେବେ।

ଏହା ହିଁ ନିରାଟ ସତ୍ୟ, କାରଣ ବାହାର ଦୁନିଆରେ ଆମେ ଯେତେ ପ୍ରତିଷ୍ଠିତ ହେଲେ ମଧ୍ୟ, ବାହ୍ୟ ଚା ପ୍ରତି ଯେତେ ଆକର୍ଷିତ ହେଲେ ମଧ୍ୟ ଆମ ଆତ୍ମା ସବୁବେଳେ ଆନନ୍ଦ ଚାହେଁ ଓ ଆନନ୍ଦ କେବେ ଟଙ୍କା ଦେଇ କିଣି ହୁଏନା। ଭଲପାଇବାକୁ କେବେ ଜୋର୍ କରି ଛଡେଇ ଆଣି ହୁଏନା କି କାହାଠୁ ଚୋରି କରି ହୁଏନ। ଏହା ତ ନିଜର ଶ୍ରଦ୍ଧା, ବ୍ୟବହାର ଓ ଆତ୍ମିୟତା ଦ୍ୱାରା ହାସଲ କରାଯାଇଥାଏ। ସେଥିପାଇଁ ଆବଶ୍ୟକ ନିଜର ଲୋକଙ୍କ ପାଇଁ ଟିକେ ସ୍ନେହ ଓ ସମୟ। କିନ୍ତୁ ଆଜିକାଲି ପରିବାରକୁ ଭଲରେ ରଖିବା ଆଳରେ ପରିବାର ପାଇଁ କାହା ପାଖରେ ସ୍ନେହ ଦେବାକୁ ବି ସମୟ ନାହିଁ,ସମ୍ପର୍କକୁ ସୁଖରେ ରଖିବା ପାଇଁ ଅର୍ଥ ହିଁ ଏକମାତ୍ର ବିକଳ୍ପ ଧରିନେଇ ଅନେକ ନିଜ ସୁନ୍ଦର ସଂସାରର ଅନର୍ଥର କାରଣ ହେଉଛନ୍ତି। ସ୍ତ୍ରୀ, ପିଲା ପରିବାରର ବାସ୍ତବିକ ଆବଶ୍ୟକତା ପ୍ରତି ନଜର ରଖିବାକୁ ବି ସମୟ ନାହିଁ। ତେଣୁ ସ୍ନେହ, ଶ୍ରଦ୍ଧା, ଆକଟ ଓ ଆପଣାପଣର ଅଭାବ ଯୋଗୁଁ ଯିଏ ଯାହା ନିଜ ନିଜ ଇଚ୍ଛାରେ ଜୀବନ ବଞ୍ଚିବାକୁ ସହଜ ବାଟ ବାଛି ନେଉଛନ୍ତି। ସେ ବାଟ ଭଲ କି ଖରାପ ଭାବିବାକୁ ମନରେ ଆଗ୍ରହ ରଖୁନାହାନ୍ତି।

ପରିବାର ପାଇଁ ଅର୍ଥର ଯେତିକି ଆବଶ୍ୟକତା ଅଛି, ସେତିକି ସ୍ନେହ ଶ୍ରଦ୍ଧା ଓ ସମୟ ଦେବାର ଆବଶ୍ୟକତା ଅଛି। ସୁଖ ବା ଖୁସି ପ୍ରଚୁର ସମ୍ପତ୍ତି ଥିଲେ ମିଳେନା, ଖୁସି ହେବାକୁ ଓ ଖୁସି ରହିବାକୁ ହେଲେ ଭଲ ହୃଦୟ ଥିବା ଜରୁରୀ ଏବଂ ସମ୍ପର୍କ ପାଇଁ ସମୟ ହିଁ ସବୁଠୁ ବଡ ଉପହାର।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପାର୍ଟନର ସହ ଝଗଡା ହେବା ପରେ କେବେ ବି କରନ୍ତୁ ନାହିଁ ଏହି ୩ ଭୁଲ୍



ପାର୍ଟନର ସହ ଝଗଡା ହେବା ପରେ ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ। ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।

ଅନେକ ଲୋକ ଅଛନ୍ତି ଯେଉଁମାଙ୍କର ଅଭ୍ୟାସ ନିଜ ପାର୍ଟନର ସହ ଝଗଡା ପରେ ପରେ ଶୀଘ୍ର ଆପୋଷ ବୁଝାମଣା କରିନେବା। କିନ୍ତୁ ବିଚାର ସମାନ ହୋଇଥିଲେ ମଧ୍ୟ କାମ ଭିନ୍ନ ହୋଇଥାଏ ଏବଂ ବିବାଦ ବଢିଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣଙ୍କ ପାର୍ଟନରଙ୍କ ସହ ଝଗଡା ହେବା ପରେ ଆପଣ ଏହାର ସମାଧାନକୁ ନେଇ ଚିନ୍ତା କରନ୍ତି।

କିନ୍ତୁ ଏହା କରିବା ସମୟରେ ହୋଇଯାଉଥିବା ତିନୋଟି ଭୁଲ ବେଳେବେଳେ ମହଙ୍ଗା ପଡିଥାଏ। ଅନେକ ସମୟରେ ବୁଝାମଣା କରିବା ଚକ୍କରରେ ଅନେକ କିଛି ଭୁଲ୍ ହୋଇଯାଏ ଏବଂ ପଛରେ ଅନୁତାପ ଛଡା ଆଉ କିଛି ନ ଥାଏ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।

ସମ୍ପର୍କରେ ଝଗଡା ହେବା ଏକ ସ୍ୱାଭାବିକ କଥା। ପ୍ରତିଦିନ ଏମିତି ହେବା ମଧ୍ୟ ଜରୁରୀ କାରଣ ଏହା ହିଁ ସମ୍ପର୍କକୁ ଦୃଢ ଏବଂ ମଧୁର କରିଥାଏ। କାରଣ ଯେପର୍ଯ୍ୟନ୍ତ କଥାବାର୍ତ୍ତା ବନ୍ଦ ନ ହୋଇଛି ଏବଂ ପରସ୍ପରର ଚେହେରା ଦେଖିବାକୁ ପସନ୍ଦ ନ କରିଛେ, ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ। ତେବେ ଝଗଡା ପରେ, କିଛି କଥା ଜାଣିଶୁଣି କିମ୍ବା ଅଜାଣତରେ ବିବାଦ ବଢାଇବା ଆରମ୍ଭ କରେ। ତେବେ ଆସନ୍ତୁ ସେସବୁ ବିଷୟରେ ଜାଣିବା।

*ଝଗଡାର କାରଣକୁ ନେଇ ଚିନ୍ତା କରିବା:*

ଅନେକ ସମୟରେ ପାର୍ଟନରଙ୍କ ମଧ୍ୟରେ ହେଉଥିବା ଝଗଡା ମନକୁ ମନ ଶାନ୍ତ ପଡିଯାଏ। କିନ୍ତୁ କେହି ଯଦି ସବୁବେଳେ ଭାବେ ଯେ ସେମାନଙ୍କ ମଧ୍ୟ ଝଗଡା କାହିଁକି ହେଲା, ତେବେ ଏଥିରେ ଝଗଡା କମିବ ନାହିଁ। ତେଣୁ ଯଦି ଆପଣ ଝଗଡାକୁ ଅନ୍ତ କରିବାକୁ ଚାହାଁନ୍ତି, ତେବେ ଝଗଡା କେଉଁଠାରୁ ଆରମ୍ଭ ହେଲା ସେ ବିଷୟରେ ଆଲୋଚନା କରନ୍ତୁ ନାହିଁ, କାରଣ ଏହା କରିବା ଦ୍ୱାରା ଝଗଡା ପୁଣି ଥରେ ହୋଇପାରେ। କାରଣ ଏହା ପାର୍ଟନରକୁ ଆହୁରି କ୍ରୋଧିତ କରିଥାଏ।

*ଦେଖାଣିଆ ବୁଝାମଣା:*

ଯଦି ଆପଣ ଝଗଡା ସମାଧାନ କରିବାକୁ ଏବଂ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହାନ୍ତି ତେବେ ଏହାକୁ କେବଳ ଦେଖାଣିଆ ପାଇଁ ନୁହେଁ ବରଂ ଏହାକୁ ହୃଦୟରୁ କରନ୍ତୁ। କାରଣ ଅନେକ ସମୟରେ ଛଳନା ଧରାପଡିଯାଏ ଏବଂ ତା'ପରେ ଆଉ ଏକ ନୂଆ ବିତର୍କ ଆରମ୍ଭ ହୁଏ।

ଯଦି ଭୁଲଟି ନିଜର ତେବେ ଏହାକୁ ସହଜରେ ଗ୍ରହଣ କରନ୍ତୁ ଏବଂ ସରୀ ମାଗନ୍ତୁ ଏବଂ ଯଦିବି ଭୁଲ ପ୍ରତିପକ୍ଷର ଥାଏ ତେବେ ପରିସ୍ଥିତିକୁ ବୁଝି ସମାଧାନ କରିବାର ବାଟ କାଢନ୍ତୁ। ଅଧିକାଂଶ ଯୋଡି ସମାଧାନକୁ କେବଳ ଦେଖାଣିଆ କରନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ଆପଣଙ୍କ ସମ୍ପର୍କ ପାଇଁ ଠିକ୍ ନୁହେଁ। ଯଦି ଆପଣଙ୍କ ସାଥୀଙ୍କ ସହ ଆପଣଙ୍କର କୌଣସି ଅସୁବିଧା ଅଛି ତେବେ ଏହାକୁ ଆଲୋଚନା କରନ୍ତୁ ଏବଂ ସମାଧାନର ରାସ୍ତା ଖୋଜନ୍ତୁ।

*ତତ୍‌କ୍ଷଣାତ ପଦକ୍ଷେପ ନେବା:*

ଝଗଡାର ସମାଧାନ ପାଇଁ ତତ୍‌କ୍ଷଣାତ ପଦକ୍ଷେପର କୌଣସି ଅର୍ଥ ନାହିଁ। ଯଦି କୌଣସି ଏକ ଗମ୍ଭୀର ପ୍ରସଙ୍ଗକୁ ନେଇ ଯୁକ୍ତି ଅଛି, ତେବେ ଆପଣଙ୍କ ସାଥୀଙ୍କୁ ଶାନ୍ତ ହେବାକୁ ସୁଯୋଗ ଦିଅନ୍ତୁ। ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜିବା ହେଉଛି ସଠିକ୍ ଉପାୟ, କିନ୍ତୁ ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରନ୍ତୁ।

କ୍ରୋଧରେ, ଠିକ୍ କଥା ମଧ୍ୟ ଭୁଲ୍ ମନେହୁଏ ଏବଂ ସଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇଯାଏ। ଝଗଡା ପରେ, ଚିଡେଇବା ଏବଂ ଗାଳିଦେବାର ଅଭ୍ୟାସ ଛାଡି ପରସ୍ପରକୁ କିଛି ସମୟ ପାଇଁ ଏକଲା ଛାଡିଦିଅନ୍ତୁ। କିନ୍ତୁ ଏହାପରେ, ଘଟଣା କିପରି ଶାନ୍ତ କରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆର୍ଥିକ ସାକ୍ଷରତା: ଋଣ ଜାଲରୁ ମୁକ୍ତିର ବାଟ

ଭାରତୀୟ ଅର୍ଥନୀତି ଏକ ଉଦ୍‌ବେଗଜନକ ପରିବର୍ତ୍ତନ ଦେଇ ଗତି କରୁଛି, ଯେଉଁଠାରେ ପାରମ୍ପରିକ ସଞ୍ଚୟ ମନୋଭାବକୁ ପଛରେ ପକାଇ ଖର୍ଚ୍ଚ କରିବାର ପ୍ରବୃତ୍ତି ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହି ପରିବର୍ତ୍ତନର ମୁଖ୍ୟ ବାହକ ସାଜିଛି ପ୍ଲାଷ୍ଟିକ୍ ମୁଦ୍ରା ବା କ୍ରେଡିଟ୍ କାର୍ଡ । ଆଜି ସହଜ କିସ୍ତି, ଆକର୍ଷଣୀୟ ରିହାତି ଏବଂ 'ଆଗେ କିଣ, ପରେ ଦିଅ' **(Buy Now, Pay Later)** ଭଳି ସୁବିଧାର ପ୍ରଲୋଭନରେ ସାଧାରଣ ଭାରତୀୟ ଏକ ନୂଆ ଆର୍ଥିକ ଜୀବନଶୈଳୀକୁ ଆପଣାଇ ନେଇଛି । କିନ୍ତୁ ଏହି ଚକାଚକ୍ ଦୁନିଆ ପଛରେ ଲୁଚି ରହିଥିବା ଋଣର ଅନ୍ଧକାରମୟ ଜାଲ ଏବେ ସମଗ୍ର ଦେଶ ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଏକ ଭୟାବହ ଚିତ୍ର ପ୍ରଦାନ କରୁଛି, ଯାହା ଦର୍ଶାଉଛି ଯେ କିପରି କ୍ରେଡିଟ୍ କାର୍ଡର ବହୁଳ ବ୍ୟବହାର ଦେଶକୁ ଏକ ଗଭୀର ଋଣ ସଙ୍କଟ ଆଡ଼କୁ ଠେଲି ଦେଉଛି ।

ପରିସଂଖ୍ୟାନ ଉପରେ ନଜର ପକାଇଲେ ପରିସ୍ଥିତିର ଗମ୍ଭୀରତା ସ୍ପଷ୍ଟ ହୋଇଯାଏ । ଡିସେମ୍ବର ୨୦୨୪ ସୁଦ୍ଧା, ଭାରତରେ କ୍ରେଡିଟ୍ କାର୍ଡ ମାଧ୍ୟମରେ ମୋଟ ବକେୟା ଋଣ ପରିମାଣ ୨.୯୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଚିନ୍ତାର ବିଷୟ ହେଉଛି, ଏହି ସମୟରେ ଖିଲାପକାରୀଙ୍କ ଦ୍ୱାରା ଖିଲାପି ଋଣ ବା ଅନୁପାର୍ଜନକାରୀ ସମ୍ପତ୍ତି **(NPA)** ପରିମାଣ ୨୮.୪୨% ବୃଦ୍ଧି ପାଇ ୬,୭୪୨ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ଡିସେମ୍ବର ୨୦୨୩ରେ ୫,୨୫୦ କୋଟି ଟଙ୍କା ଥିଲା । ଯଦି ଆମେ ଦୀର୍ଘକାଳୀନ ଚିତ୍ର ଦେଖିବା, ତେବେ ଡିସେମ୍ବର ୨୦୨୦ ତୁଳନାରେ କ୍ରେଡିଟ୍ କାର୍ଡ ଏନପିଏରେ ୫୦୦%ରୁ ଅଧିକ ବୃଦ୍ଧି ଘଟିଛି, ଯେତେବେଳେ ଏହି ପରିମାଣ ମାତ୍ର ୧,୧୦୮ କୋଟି ଟଙ୍କା ଥିଲା । ଗୋଟିଏ ପଟେ ଡିଜିଟାଲ୍ ପେମେଣ୍ଟର ସୁବିଧା ଏବଂ ବ୍ୟାଙ୍କମାନଙ୍କର ଆଗ୍ରେସିଭ୍ ଋଣ ପ୍ରଦାନ ନୀତି ଯୋଗୁଁ କ୍ରେଡିଟ୍ କାର୍ଡ ସଂଖ୍ୟା ଜାନୁଆରୀ ୨୦୨୫ ସୁଦ୍ଧା ୧୦.୮୮ କୋଟିକୁ ଅତିକ୍ରମ କରିଛି, ଅନ୍ୟପଟେ ବାର୍ଷିକ ୪୨%ରୁ ୪୬% ପର୍ଯ୍ୟନ୍ତ ଅତ୍ୟଧିକ ପରିମାଣର ସୁଧ ଋଣଗ୍ରହୀତାଙ୍କୁ ଏକ ଅସରନ୍ତି ଋଣ ଜାଲରେ ଛନ୍ଦି ପକାଉଛି ।

ଏହି ବଢ଼ୁଥିବା ଋଣ ସଂସ୍କୃତି ପଛରେ କେବଳ ଆର୍ଥିକ ନୁହେଁ, ବରଂ ସାମାଜିକ ଏବଂ ମାନସିକ କାରଣ ମଧ୍ୟ ନିହିତ ଅଛି । ବିଶେଷକରି ଯୁବପିଢ଼ି ଇ-କମର୍ସ ପ୍ଲାଟଫର୍ମରେ ମିଳୁଥିବା ସହଜ କିସ୍ତି ଏବଂ ଅଫର ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି, ଯାହା ସେମାନଙ୍କୁ ନିଜ ଆୟଠାରୁ ଅଧିକ ଖର୍ଚ୍ଚ କରିବାକୁ ପ୍ରୋତ୍ସାହିତ କରୁଛି । ଅନିୟମିତ ଆୟ, ଚାକିରି ହରାଇବାର ଭୟ ଏବଂ ଆର୍ଥିକ ସାକ୍ଷରତାର ଅଭାବ ଭଳି କାରଣ ସାଧାରଣ ପରିବାରକୁ ଜରୁରୀ ଆବଶ୍ୟକତା ପୂରଣ ପାଇଁ ମଧ୍ୟ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳ କରାଉଛି। ଫଳରେ, ଅନେକ ଲୋକ ସର୍ବନିମ୍ନ ଦେୟ ପରିଶୋଧ କରି ଏକ ସୁଖ ସ୍ୱପ୍ନରେ ବଞ୍ଚିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଏହା ସେମାନଙ୍କୁ ଏକ ଗଭୀର ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ଦେଉଛି, ଯାହାର ପ୍ରଭାବ ସେମାନଙ୍କର ପାରିବାରିକ ବଜେଟ୍, ମାନସିକ ଶାନ୍ତି ଏବଂ ଭବିଷ୍ୟତର ଆର୍ଥିକ ସମ୍ଭାବନା ଉପରେ ପଡୁଛି । ଋଣ ପରିଶୋଧ କରି ନ ପାରିବାର ଅପମାନ ଏବଂ ଚିନ୍ତା ଅନେକ ପରିବାରରେ ସଙ୍କଟ ସୃଷ୍ଟି କରୁଛି ।

ଏହି ସମସ୍ୟା କେବଳ ବ୍ୟକ୍ତିଗତ ଋଣ ଜାଲରେ ସୀମିତ ନୁହେଁ, ବରଂ ଏହାର ବୃହତ୍ତର ପ୍ରଭାବ ସମଗ୍ର ଦେଶର ଆର୍ଥିକ ସ୍ଥିରତା ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସଦ୍ୟତମ ତଥ୍ୟ ଅନୁସାରେ, ଭାରତର ମୋଟ ଘରୋଇ ଋଣ **(household debt)** ବୃଦ୍ଧି ପାଇ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪୨.୯%ରେ ପହଞ୍ଚିଛି, ଯାହା ଏକ ସର୍ବକାଳୀନ ଉଚ୍ଚ ସ୍ତର । ଏହାର ଅନ୍ୟ ଏକ ଚିନ୍ତାଜନକ ଦିଗ ହେଉଛି ଘରୋଇ ସଞ୍ଚୟ ହାରରେ କ୍ରମାଗତ ହ୍ରାସ । ଯେଉଁ ଦେଶ ଦିନେ ନିଜର ସଞ୍ଚୟ ମନୋଭାବ ପାଇଁ ପରିଚିତ ଥିଲା, ସେଠାରେ ଆର୍ଥିକ ବର୍ଷ ୨୦୨୪ରେ ଘରୋଇ ସଞ୍ଚୟ ହାର ଜିଡିପିର ମାତ୍ର ୧୮.୧%କୁ ଖସି ଆସିଛି, ଯାହା ଲଗାତାର ତୃତୀୟ ବର୍ଷର ହ୍ରାସକୁ ଦର୍ଶାଉଛି । ଏହି ଦୁଇଟି ଧାରା ଏକାଠି ଏକ ବିପଜ୍ଜନକ ସଙ୍କେତ ଦେଉଛି: ଭାରତୀୟମାନେ ଏବେ ସଞ୍ଚୟ କରି ସମ୍ପତ୍ତି ସୃଷ୍ଟି କରିବା ପରିବର୍ତ୍ତେ, ନିଜର ଦୈନନ୍ଦିନ ଖର୍ଚ୍ଚ ଏବଂ ଜୀବନଶୈଳୀକୁ ବଜାୟ ରଖିବା ପାଇଁ ଋଣ ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହେଉଛନ୍ତି । କ୍ରେଡିଟ୍ କାର୍ଡ ଏହି ଋଣ-ଭିତ୍ତିକ ଉପଭୋକ୍ତାବାଦର ସବୁଠାରୁ ସହଜ ଏବଂ ଆକର୍ଷଣୀୟ ମାଧ୍ୟମ ହୋଇଥିବାରୁ, ଏହାର ବକେୟା ରାଶି ଦ୍ରୁତ ଗତିରେ ବୃଦ୍ଧି ପାଇବା ସ୍ୱାଭାବିକ । ରିଜର୍ଭ ବ୍ୟାଙ୍କ ଏହି ବିପଦକୁ ଦୃଷ୍ଟିରେ ରଖି ବ୍ୟାଙ୍କଗୁଡ଼ିକ ପାଇଁ କ୍ରେଡିଟ୍ କାର୍ଡ ଭଳି ଅସୁରକ୍ଷିତ ଋଣ ଉପରେ ରିସ୍କ ୱେଟ୍ ବା ବିପଦ ଭାରାଙ୍କ ବୃଦ୍ଧି କରିଛି, କିନ୍ତୁ ପ୍ରଶ୍ନ ଉଠୁଛି, କେବଳ ନିୟାମକ ପଦକ୍ଷେପ କ'ଣ ଯଥେଷ୍ଟ? ଯେତେବେଳେ ଖର୍ଚ୍ଚ-ଆଧାରିତ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦିଆଯାଉଛି, ସେତେବେଳେ ଏହି ଉପଭୋକ୍ତାବାଦୀ ସଂସ୍କୃତିରୁ ସୃଷ୍ଟ ଋଣର ପାହାଡ଼ କେତେଦୂର ସ୍ଥାୟୀ ହେବ?

ସମୟ ଆସିଛି, ଏହି ପ୍ରସଙ୍ଗରେ ଏକ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରିବାର । ରିଜର୍ଭ ବ୍ୟାଙ୍କର ନିୟମ ପ୍ରଣୟନ ସହିତ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ମଧ୍ୟ ଅଧିକ ଦାୟିତ୍ୱବାନ ଋଣ ପ୍ରଦାନ ନୀତି ଆପଣାଇବାକୁ ହେବ । କେବଳ ଲାଭକୁ ଦୃଷ୍ଟିରେ ନରଖି ଗ୍ରାହକଙ୍କ ଆର୍ଥିକ ସ୍ଥିତି ଏବଂ ପରିଶୋଧ କ୍ଷମତାକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆର୍ଥିକ ସାକ୍ଷରତା । ସ୍କୁଲ, କଲେଜ ଏବଂ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ କ୍ରେଡିଟ୍ କାର୍ଡର ସୁବିଧା ସହିତ ଏହାର ବିପଦ ବିଷୟରେ ମଧ୍ୟ ଅବଗତ କରାଇବାକୁ ପଡିବ । କ୍ରେଡିଟ୍ କାର୍ଡ ଏକ ଉପଯୋଗୀ ଆର୍ଥିକ ଉପକରଣ, କିନ୍ତୁ ଏହାର ଅବିବେକୀ ବ୍ୟବହାର ଏକ ମଧୁର ବିଷ ସଦୃଶ। ଯଦି ଏହି ବଢ଼ୁଥିବା ଋଣ ସଂସ୍କୃତିକୁ ନିୟନ୍ତ୍ରଣ କରାନଯାଏ, ତେବେ ଭାରତର ଅର୍ଥନୈତିକ ଅଭିବୃଦ୍ଧିର ସ୍ୱପ୍ନ ଏକ ଋଣର ଦୁଃସ୍ୱପ୍ନରେ ପରିଣତ ହେବାକୁ ବେଶୀ ସମୟ ଲାଗିବ ନାହିଁ ।

# ମୋ ଆଖିରେ ତୁ... (୩)



**ମଧୁମିତା ମିଶ୍ର**



(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଆଖି ସାମ୍ନାରେ ଅଦ୍ଭୁତ ଦୃଶ୍ୟ ଥିଲା... ହାତ ନାହିଁ ପାଦ ନାହିଁ...ଅଧାଗଢ଼ା ତିନୋଟି ମୂର୍ତ୍ତି ଥିଲେ...!! ତିନୋଟି ରଙ୍ଗର ତିନୋଟି ଅପୂର୍ବ ଗଢଣ ହୋଇଥିଲା...!! କଳା ଧଳା ଆଉ ହଳଦିଆ...!! କଳା ମୂର୍ତ୍ତିର ଚକା ଚକା ଦୁଇଟି ବଡ ବଡ ଆଖିରେ ଆଖି ଲାଗି ଯାଇଥିଲା ରାଜାରାଣୀଙ୍କର..!! ଧଳା କଳା ମୂର୍ତ୍ତି ଦୁଇଟି ଅଧା ଖଣ୍ଡିଆ ହାତ ଆଗକୁ ବଢେଇ ଏପରି ଠିଆ ହୋଇଥିଲେ ଯେପରି ହାତ ଠାରି ଡାକୁଥିଲେ... ଆସ.. ମୋ ଭିତରେ ନିଜକୁ ବିଲୀନ କରିଦିଅ...!! ମୂର୍ତ୍ତିମାନଙ୍କର ଅଣ୍ଟାର ତଳ ଭାଗ ନିର୍ମିତ ହୋଇ ନ ଥିଲା..!! ହଳଦିଆ ମୂର୍ତ୍ତିର ଅଧା ହାତ ମଧ୍ୟ ତିଆରି ହୋଇ ନଥିଲା...!!

କାନ୍ଦି ପକେଇଲେ ରାଣୀ ଗୁଣ୍ଡିଚା...!! କି ଅପରାଧ ହୋଇଗଲା ସତରେ...!!? କଳିଯୁଗର ଆରାଧ ଦେବତାଙ୍କ ମୂର୍ତ୍ତି ଅଧାଗଢ଼ା ରହିଗଲା..!!?? ବୁଢ଼ା ବଢ଼େଇଙ୍କ କୁଶଳ ସମ୍ବାଦ ପାଇବା ପାଇଁ ସେ ଯେପରି ତରବରିଆ କାର୍ଯ୍ୟଟିଏ କରି ପକେଇଲେ... କଣ ଇତିହାସ ତାଙ୍କୁ କେବେ ସେଥିପାଇଁ କ୍ଷମା ଦେବ...!!?? ସେ କଣ ନିଜକୁ କେବେ କ୍ଷମା କରି ପାରିବେ ?

ଦୁଃଖରେ ଭାଙ୍ଗି ପଡିଥିବା ମହାରାଣୀଙ୍କୁ ଶୂନ୍ୟବାଣୀ ହେଲା... ତାଙ୍କୁ କହିଲୁ ତୁ କାଳିଆ... ଆଉ ଦୁଃଖ ନ କରିବାକୁ। କାରଣ କଳିଯୁଗର ଅବତାରୀ ପୁରୁଷ ନିଜ ପାଇଁ ଏହି ରୂପ ହିଁ ନିଶ୍ଚିତ କରିଥିଲେ ...!!

ଅଭୟ ବର ପାଇ ଦୁଃଖ ଦୂର ହେଲା ରାଜାରାଣୀଙ୍କର। ଆଉ ବରଦାନ ମାଗିବା ଆଳରେ ସମନେଇ ମାଗିନେଲେ ନିଜ ପାଇଁ ଏକ ଅଦ୍ଭୁତ ଭବିଷ୍ୟତ... ନିର୍ବଂଶ ହେବାର ବର ମାଗି ଦେଇଥିଲେ ...!! କାରଣ ମଧ୍ୟ ଥିଲା ଅପୂର୍ବ...! ତାଙ୍କ ବଂଶରେ କେହି ଉତ୍ତରାଧିକାରୀ ରହିଲେ ତ ସେମାନେ ଗର୍ବ କରିବେ ନା ମହାପ୍ରଭୁଙ୍କୁ ରୂପ ଦେଇଥିବା କାର୍ଯ୍ୟରେ ତାଙ୍କ ପୂର୍ବପୁରୁଷଙ୍କ ଯୋଗଦାନ ଯୋଗୁଁ...!!

ଧନ୍ୟ ତୁ କାଳିଆ... ଧନ୍ୟ ତୋ ଭକ୍ତ...!! ଏପରି ଏକ ମହାନ୍ ଭକ୍ତର ଭକ୍ତି ନିବେଦନ ସ୍ୱୀକାର କରି ତୁ ନିଜେ ବଚନ ଦେଇଥିଲୁ ଯେ ତୁ ନିଜେ ତାଙ୍କ ବଂଶର ଉତ୍ତରାଧିକାରୀ ହେବୁ। ଜଗାରେ... ଏଇଥି ପାଇଁ ତ ତୁ ପ୍ରତିବର୍ଷ ଶ୍ରାଦ୍ଧ ଦେଉଛୁ ନା ... ରାଜା ଇନ୍ଦ୍ରଦ୍ୟୁମ୍ନ ଆଉ ରାଣୀ ଗୁଣ୍ଡିଚାଙ୍କ ପାଇଁ। ଖାଲି ଏତିକି ନୁହେଁ ତୁ ନିଜକୁ ତାଙ୍କ ପୁଅ ବୋଲି କହୁ ନା... ସେଇଥିପାଇଁ ତ ଛୁଟି ଆସୁ ପ୍ରତିବର୍ଷ ମା'କୁ ଥରୁଟିଏ ଦେଖା କରିବାକୁ...!!

ବିଗ୍ରହ ସିନା ନିର୍ମିତ ହେଲା... ହେଲେ ମନ୍ଦିର ? ପୁନଃ ଆଦେଶ ଦେଲୁ ତୁ... ମହୋଦଧି କୂଳରେ ତୋ ବଡ଼ ଦେଉଳ ତୋଳିବାକୁ...!! ଦିନରାତି ଲାଗି ପଡ଼ିଲେ ମଣିମା... ଆଉ ତୋ ଭବ୍ୟ ମନ୍ଦିର ମଧ୍ୟ ନିର୍ମାଣ ହେଲା। ସେହି ମନ୍ଦିର ପ୍ରତିଷ୍ଠା କରିବାକୁ ମହାରାଜ ଭାବିଲେ ବ୍ରହ୍ମଲୋକ ଯାଇ ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଆମନ୍ତ୍ରଣ କରିବା ପାଇଁ...!!

ଧରିତ୍ରୀ ପୃଷ୍ଠରୁ ଇନ୍ଦ୍ରଲୋକ ଯିବା ପରେ ବ୍ରହ୍ମା ମାତ୍ର ଏକ ମୁହୂର୍ତ୍ତ ପରେ ବାହାରିଲେ ଯିବା ପାଇଁ... ହେଲେ ତୋ ଲୀଳା ଅଦ୍ଭୁତ... ବ୍ରହ୍ମାଙ୍କ ଗୋଟିଏ ମୁହୂର୍ତ୍ତ ଧରଣୀର ଅନେକ ବର୍ଷ ସହ ସମାନ ଥିଲା। ଇନ୍ଦ୍ରଦ୍ୟୁମ୍ନ ରାଜା ଆସି ପହଞ୍ଚିବା ସମୟରେ ବହୁତ୍ କିଛି ବଦଳି ଯାଇଥିଲା ପୃଥିବୀରେ...!!

ଅଶ୍ୱର ଖୁର ଲାଗି ଯାଇଥିଲା ସେହି ସ୍ଥାନରେ ଯେତେବେଳେ ଗାଲମାଧବ ମନ୍ଦିର ଥିବା ସ୍ଥାନ ଉପର ଦେଇ ଗତି କରୁଥିଲେ। ଏକଥା କହିବା ବାହୁଲ୍ୟ ଯେ ପୃଥିବୀରେ ଏହି ବର୍ଷ ମାନଂକ ମଧ୍ୟରେ ଦେଉଳ ଉପରେ ବାଲୁକାର ପ୍ରସ୍ତର ଚଢ଼ି ଯାଇଥିବାରୁ ତାହା ପୋତି ହୋଇ ଯାଇଥିଲା। ଆଉ ଏତେ ବଡ କୀର୍ତ୍ତିରାଜି ଉଦ୍ଧାର କରିଥିବାରୁ ସେ ତାହାର ଶ୍ରେୟ ମଧ୍ୟ ନେବାକୁ ଚାହିଁଲେ। ବ୍ରହ୍ମା ଅଡୁଆରେ ପଡ଼ିଲେ। ଉଭୟ ପକ୍ଷଙ୍କୁ ନିଜ ନିଜ ସାକ୍ଷ୍ୟ ପ୍ରମାଣ ଦେବାକୁ କହିଲେ। କୁହାଯାଏ କଇଁଛମାନେ ନିଜ ପିଠିକୁ ଦେଖେଇଲେ। ମନ୍ଦିର ନିର୍ମାଣ ସମୟରେ ପଥର ବୋହି ନେଇଥିବାରୁ ସେମାନଙ୍କ ପିଠି ପଥର ପରି ହୋଇଯାଇଥିବା କଥା କହିଲେ। ଆଉ ସବୁଠୁ ବଡ ପ୍ରମାଣ ଦେଲେ କାକ ଭୂଷଣ୍ଡି। ସେ ପ୍ରତ୍ୟେକ ଘଟଣା ନିଜ ଆଖିରେ ଦେଖିଥିବା ବର୍ଣ୍ଣନା କଲେ। ଅତଏବ ଗାଲମାଧବଙ୍କ ମିଥ୍ୟା ସମସ୍ତଙ୍କ ସାମ୍ନାକୁ ଆସି ଯାଇଥିଲା। ମହାରାଜ ଇନ୍ଦ୍ରଦ୍ୟୁମ୍ନ ମଧ୍ୟ ତାଙ୍କର ଉଚିତ୍ ବିଚାର କରି ତାଙ୍କୁ ଦେଉଳ ପାଖରେ ଏକ ସ୍ଥାନରେ ରହିବାକୁ ଆଦେଶ ଦେଇଥିଲେ।

ତୋ ଲୀଳା ଖେଳା ଅଦ୍ଭୁତରେ ଜଗା...!! ତୋ ମନ୍ଦିର, ତାର ବୈଶିଷ୍ଟ୍ୟ କିଏ ଭଲା ନିଜ କଥାରେ କହି ପାରିବ କହ..!!? ରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଅଶ୍ୱମେଧ ଯଜ୍ଞ କରିଥିଲେ ଶୁଣାଯାଏ ସେତେବେଳେ ସେହି ସହସ୍ର ଅଶ୍ୱ ମାନଂକ ଖୁରା ପ୍ରହାର ଏବଂ ଗୋମୂତ୍ର ଗୋମୟ ଦ୍ୱାରା ଉକ୍ତ ସ୍ଥାନରେ ଏକ ବିରାଟ ବଡ଼ ପୁଷ୍କରିଣୀ ସୃଷ୍ଟି ହୋଇଥିଲା। ପରମପିତାଙ୍କ ନିର୍ଦ୍ଦେଶ ଅନୁସାରେ ସେହି ପବିତ୍ର ପୋଖରୀ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ନାମରେ ନାମିତ ହୋଇଥିଲା। ବିଶ୍ୱାସ ଅଛି ଯେ ସେହି ପବିତ୍ର ସ୍ଥାନରେ ମୃତ୍ୟୁପୋରାନ୍ତ ଶ୍ରାଦ୍ଧ ଆଦି କର୍ମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ।

ତୋ ବଡ ଦେଉଳ କଥା କାହାକୁ ଅଜଣାରେ କାଳିଆ...!!?? କିମ୍ବା ଏମିତି କହ କିଏ ବା ସମ୍ପୂର୍ଣ୍ଣ ଜାଣି ପାରିବ ତୋ ବଡ ଦେଉଳର ମହିମା କଥା...!!?? ଦୁନିଆରେ ଏମିତି କେଉଁ ସ୍ଥାନ ଅଛି ଯେଉଁଠି ପକ୍ଷୀ ବସା ତିଆରି କରେନାହିଁ ? କିନ୍ତୁ ତୋ ଦେଉଳରେ କୌଣସି ପକ୍ଷୀ ବସା ବାନ୍ଧି ପାରି ନାହାଁନ୍ତି। ବସା ବାନ୍ଧିବା ଦୂରର କଥା ତୋ ଦେଉଳ ଉପରେ ପକ୍ଷୀ ଉଡ଼ି ପାରନ୍ତି ନାହିଁ।ଏହି ଅପୂର୍ବ ଯୁକ୍ତିର କାରଣ କେବଳ ତୋ ମହିମା ନା କଳା ଠାକୁର..!! କୁହାଯାଏ କୌଣସି ଉଡାଜାହାଜ ମଧ୍ୟ ମନ୍ଦିର ଉପର ଦେଇ ଗତି କରନ୍ତି ନାହିଁ...!! ଆଶ୍ଚର୍ଯ୍ୟ...

ଠିକ୍ ସେହିପରି ତୋ ବଡ଼ ଦେଉଳ ଭିତରେ କେତେ ଛୋଟବଡ ମନ୍ଦିର ଅଛି। ପ୍ରାୟ ସବୁ ଦେବାଦେବୀଙ୍କ ମନ୍ଦିର ସେହି ପ୍ରାଙ୍ଗଣ ଭିତରେ ଅଛି। ତଥାପି ଆଶ୍ଚର୍ଯ୍ୟ...!! କେଉଁ ମନ୍ଦିରର ଛାୟା ଅନ୍ୟ ମନ୍ଦିର ଉପରେ ପଡ଼େନି...!! ଏକଥା କେମିତି ହୁଏ କାହିଁକି ହୁଏ ସେଇୟା କେବଳ ତୁ ହିଁ ଜାଣିଛୁ ନା...!! ଭକତ ମନ ତ କେବଳ ଲାଖି ଯାଏ ସେହି ଦୁଇ ଚକା ଡୋଳାରେ... ଯେଉଁ ଆଖିକୁ ଥରେ ଦେଖିଦେବା ପରେ ଆଉ କିଛି ଦେଖିବାକୁ ହୁଏତ ବାକି ରୁହେନା...!!

କୁହାଯାଏ ତୋ ଆଖି ଦୁଇଟି ସୂର୍ଯ୍ୟ ଆଉ ଚନ୍ଦ୍ରଙ୍କର ପ୍ରତୀକ। ଦିନ ଆଉ ରାତିର ପ୍ରତୀକ। ସୁଖ ଆଉ ଦୁଃଖର ପ୍ରତୀକ। ସତରେ... ତୋ ଚତୁର୍ଦ୍ଧା ମୂର୍ତ୍ତି କଣ ଯେ ସବୁ କହେ... ତାହା ସାରା ଦୁନିଆ ପାଇଁ ଶିକ୍ଷାର ଦ୍ୱାର ଖୋଲିଦିଏ ଚିର ଦିନ ପାଇଁ...!! ଏଇ ଯେମିତି କୁହାଯାଏ ତୁ ଶଙ୍ଖକ୍ଷେତ୍ରରେ ଶତଦଳ କମଳ ଉପରେ ରତ୍ନ ସିଂହାସନ ଉପରେ ବସିଛୁ। ସତରେ ଜଗା... ଯେଉଁଠି ମା କମଳା ତୋର ଅର୍ଦ୍ଧାଙ୍ଗିନୀ ତୁ କଣ କମଳ ଉପରେ ଆସୀନ ହୋଇ ନ ଥାନ୍ତୁ କି..!! କେତେ କଷ୍ଟରେ ପାଇଥିଲୁ ନା ତୁ ମହାଲକ୍ଷ୍ମୀଙ୍କୁ...??

ଋଷି ଦୁର୍ବାସାଙ୍କ ପାରିଜାତ ମାଳର ଅସମ୍ମାନ କରି ଦେଇଥିଲେ ଦେବରାଜ ଇନ୍ଦ୍ର। ଋଷିବର ତାଙ୍କୁ ଭେଟି ଦେଇଥିଲେ ଏହି ଦୁର୍ଲଭ୍ୟ ମାଳ। କିନ୍ତୁ ସେ ନିଜର ଇନ୍ଦ୍ରପଦ ଅଭିମାନ ପାଇଁ ସେହି ମାଳକୁ ନିଜ ଐରାବତ ହସ୍ତୀକୁ ପିନ୍ଧେଇ ଦେଇଥିଲେ। ହାତୀଟା ଭଲା କେମିତି ଜାଣନ୍ତା ଏହି ଫୁଲମାଳର ରହସ୍ୟ? ସେ ତାକୁ ତା ପାଦରେ ଦଳିଦେଇ ଆଗକୁ ବଢ଼ିଲା। ଆଉ ଏହା ଦେଖି କ୍ରୋଧିତ ଋଷି ଅଭିଶାପ ଦେଇଥିଲେ ସମସ୍ତ ଦେବଗଣଙ୍କୁ ଲକ୍ଷ୍ମୀଛଡ଼ା ହେବା ପାଇଁ। ଶ୍ରୀହୀନ ହୋଇଗଲା ସ୍ୱର୍ଗଲୋକ। ଦେବତାମାନେ ବିବ୍ରତ ହୋଇ ଉଠିଲେ...

ଶେଷରେ ସାଗର ମନ୍ଥନ ହେଲା। ଦେବ ଦାନବଙ୍କ ମିଳିତ ଶକ୍ତିର ମନ୍ଥନ ଆଣିଲା ଧରାବକ୍ଷରେ ନୂତନ ସୂର୍ଯ୍ୟାଲୋକ। ଅନେକ କିଛି ହେଇଥିଲା ନା କାଳିଆ ସେହି ସମୟରେ...!!? ହଳାହଳ ବିଷ ପ୍ରଭାବରୁ ମହାଦେବଙ୍କ ନୀଳକଣ୍ଠ ଅବତାରଠାରୁ ଆରମ୍ଭ କରି ଐରାବତ ହସ୍ତୀ, ଉଚୈଶ୍ରବା ଅଶ୍ୱ, ବହୁମୂଲ୍ୟ ରତ୍ନ ସବୁ ବାହାରିଥିଲା ନା...!! ଆଉ ସେତେବେଳେ ନିଜେ ସାଗର ଦେବ ନିଜ କନ୍ୟା ରୂପରେ ମାତା ମହାଲକ୍ଷ୍ମୀଙ୍କୁ ଧରି ତୋ ସମ୍ମୁଖରେ ଦଣ୍ଡାୟମାନ ହେଲେ। ଆଉ ହେ ତ୍ରିଲୋକନାଥ ତୁ ନିଜେ ମାତାଙ୍କୁ ବିବାହ କରି ନିଜ ବାମାଙ୍ଗୀ କରିଥିଲୁ। ଆଉ ଆଜି କେମିତି ମାତାଙ୍କ ବିନା ତୁ ଦର୍ଶନ ଦେଇଥାନ୍ତୁ ରେ କମଳାକାନ୍ତ..?? କେବଳ ସେଇଥିପାଇଁ ବୋଧେ ଶ୍ରୀମନ୍ଦିରର ପ୍ରବେଶ ଦ୍ୱାର ଉପରେ ମା ବିରାଜମାନ ହୋଇଛନ୍ତି। ଆଉ ତାଙ୍କର ଆଜ୍ଞା ବିନା ଯଦି ପ୍ରବେଶ କରାଯାଏ ତେବେ ବିଶ୍ୱାସ ଅଛି ତୋ ଦର୍ଶନ ପ୍ରାପ୍ତି ହୁଏନା। ଯେତେବେଳେ ମା'ଙ୍କ ଅନୁମତି ମାଗି ମନ୍ଦିରକୁ କେହି ଯାଏ ତେବେ ତୋ ଦର୍ଶନରେ କୌଣସି ବାଧା ଉପୁଜି ନ ଥାଏ। ସତରେ କାଳିଆ...!! ତୋ ବିଷୟରେ କେତେ ଗୁପ୍ତ ରହସ୍ୟ ଅଛି ରେ...!! ଯେତେ ବୁଝିଲେ ମନ ବୁଝେନା କି ଯେତେ କହିଲେ ବି କଥା ସରେନା। ଏଇ ଯେମିତି ମା ବାଟମଙ୍ଗଳା ଜଗି ରହିଛନ୍ତି ପୁରୀ ପ୍ରବେଶ ଦ୍ୱାର ଆଗରୁ...!! ପ୍ରତ୍ୟେକ ଯାନବାହାନ ଟିକେ ଅଟକି ଯାଆନ୍ତି ତାଙ୍କ ଚରଣ ତଳେ ମୁଣ୍ଡ ନୋଇଁବାକୁ। ବିଶ୍ୱାସ କହେ ମା'ର ଆଶିଷ ନେଇ ତୋ ଦୁଆରକୁ ଗଲେ ଆଉ କିଛି ବିପତ୍ତି ରୁହେନା। ସେଥିପାଇଁ ମା ଶକ୍ତିରୂପିଣୀ ବିଭିନ୍ନ ରୂପରେ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଜଗି ରହି ମନ୍ଦିରର ସୁରକ୍ଷା କରୁଛନ୍ତି...!!

ଠିକ୍ ସେହିପରି ବୀର ହନୁମାନ ମଧ୍ୟ ବିଭିନ୍ନ ରୂପରେ ତୋ ଚାରିଆଡ଼େ ଜଗି ରହି ମନ୍ଦିର ସୁରକ୍ଷାର ଭାର ତୁଲାଉଛନ୍ତି। କେବଳ ମନ୍ଦିର ବେଢ଼ାଭିତରେ ନୁହେଁ ବରଂ ପୁରୀ ମନ୍ଦିର ଚାରିଆଡ଼େ ମହାବୀର ଏହି କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ହେ ଜଗତପାଳକ... ତୋ ରକ୍ଷା ବା କରିବ କିଏ? ନିଜେ ଅନାଥର ନାଥ ତୁ... ଅଗତିର ଗତି। ସେଇଥିପାଇଁ ତ ତୋର ଦେଉଳ ଆଗ ଦେଇ ତୋ ପତିତପାବନ ବାନାକୁ ଚାହିଁ ମଣିଷ ସବୁବେଳେ ଚାହେଁ ସ୍ୱର୍ଗଦ୍ୱାରକୁ ଚାଲିଯିବା ପାଇଁ।

ହଁ...ସ୍ୱର୍ଗଦ୍ୱାର...!! କୁହାଯାଏ ଏହି ସ୍ଥାନରେ ଦାରୁଦିଅଁ ଦାରୁ ସ୍ୱରୂପରେ ଭାସି ଆସିଥିଲେ। ଆଉ ପ୍ରତ୍ୟେକ ଅମାବାସ୍ୟା ରାତିରେ ନିଜ ଶ୍ୱଶୁର ଘରକୁ ତୁ କୁଆଡେ ଏହି ବାଟ ଦେଇ ଆସୁ। ମା ମହାଲକ୍ଷ୍ମୀ ସାଗର କନ୍ୟା। ଅନ୍ୟ ପକ୍ଷରେ ଦେବୀ ଶ୍ମଶାନ କାଳୀ ମଧ୍ୟ ତୋ ଭଗିନୀତୁଲ୍ୟା ହୋଇଥିବାରୁ ତୁ ତାଙ୍କୁ ଭେଟିବାକୁ ଆସିଥାଉ। ତେଣୁ ଏହି ସ୍ଥାନ ଅତ୍ୟନ୍ତ ପବିତ୍ର ହୋଇଥାଏ। ଏହା ସ୍ୱର୍ଗକୁ ଦ୍ୱାର ସଦୃଶ ହୋଇଥିବାରୁ ଏହାର ଏପରି ନାମକରଣ ହୋଇଛି। ମୃତ୍ୟୁ ପରେ ପ୍ରତ୍ୟେକ ଓଡ଼ିଆର ଶରୀର ଏହି ପାବନ ମାଟିରେ ଅଗ୍ନି ତତ୍ତ୍ୱ ପ୍ରାପ୍ତ କରି ସ୍ୱର୍ଗଗାମୀ ହେବାକୁ ଇଚ୍ଛା ରଖନ୍ତି। କାହିଁକି କରିବେନି କହିଲୁ ଜଗା...?? ଏଇଟା ପରା ତୋ ଲୀଳାକ୍ଷେତ୍ର... ଆଉ ତୋ ବିନା ସତରେ କଣ ଅଛି କହିଲୁ ଏ ଦୁନିଆରେ...??

(କ୍ରମଶଃ)

+ ଭୁବନେଶ୍ୱର
ମୋ:୯୪୩୮୪୭୦୮୦୭

# ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଗ୍ରାହକ କେନ୍ଦ୍ରୀତ ହେଉ



**ଗୋପାଳ ମହାପାତ୍ର**

ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଯାହାକୁ ଦେଶର ଆର୍ଥୀକ ମେରୁଦଣ୍ଡ ବୋଲି କୁହାଯାଏ, ଅନେକ ସମୟରେ ଗ୍ରାହାକଙ୍କ ସହ ଅନୁଚିତ ବ୍ୟବହାର ପାଇଁ ସମାଲୋଚିତ ହୋଇଥାଏ। ନିକଟରେ ଭାରତୀୟ ରିଜର୍ଭବ୍ୟାଙ୍କ ଏକ ନୂଆ ନିର୍ଦ୍ଦେଶ ଜାରି କରିଛି। ରିଜର୍ଭବ୍ୟାଙ୍କର ଏହି ନିର୍ଦ୍ଦେଶରେ ସାରା ଦେଶରେ ବ୍ୟାଙ୍କରେ ନୂଆ ଶୁଳ୍କ ଏବଂ ନେଣ-ଦେଣର ସୀମାକୁ ନେଇ ଅସମଞ୍ଜସ ସ୍ଥିତି ସୃଷ୍ଟି ହୋଇଛି। ଅନେକ ଗ୍ରାହାକ ବ୍ୟାଙ୍କ ମାନଙ୍କ ଦ୍ୱାରା ଗ୍ରାହକମାନଙ୍କଠାରୁ ଅନୁଚିତ ଶୁଳ୍କ ଆଦାୟ ଏବଂ ରିଜର୍ଭବ୍ୟାଙ୍କର ନୀତିର ପ୍ରଭାବକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ବ୍ୟାଙ୍କ ମାନେ ଗ୍ରାହାକ ମାନଙ୍କଠାରୁ ଅତିରିକ୍ତ ଶୁଳ୍କ ଏବଂଚାର୍ଜେସ ଆଦାୟ କରୁଛନ୍ତି, ଯାହାର ବୋଝ ଗ୍ରାହକ ମାନଙ୍କ ଉପରେ ପଡୁଛି। ଅଭିଯୋଗ ମଧ୍ୟ ହେଉଛି ବ୍ୟାଙ୍କମାନେ ସେମାନଙ୍କ ସେବା ପାଇଁ ମନଇଛା ଶୁଳ୍କ ବଢାଉଛନ୍ତି। ଏପରିକି ଗ୍ରାହକ ମାନଙ୍କୁ ଅନୁଚିତ ନିୟମ ଏବଂ ସର୍ତ୍ତରେ ଛନ୍ଦି ଦେଉଛନ୍ତି। ଉଦାହରଣ ସ୍ୱରୂପ ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ଶୁଳ୍କ, ବ୍ୟାଙ୍କ ଖାତାରେ ସର୍ବନିମ୍ନ ବାଲାନ୍ସର ଆବଶ୍ୟକତା ଏବଂ ତୃତୀୟ ପକ୍ଷର ଉତ୍ପାଦ (ବୀମାର) ବିକ୍ରୀ ସାଧାରଣ ଗ୍ରାହକ ମାନଙ୍କ ପାଇଁ ମୁଣ୍ଡବନ୍ଧାର କାରଣ ପାଲଟୁଛି। ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ସତ୍ତ୍ୱେ ବ୍ୟାଙ୍କମାନେ ଗ୍ରାହକଙ୍କ ସହ ପରାଦର୍ଶିତା ଏବଂ ନିରପେକ୍ଷତା ପ୍ରଦର୍ଶନରେ ବିଫଳ। ବିଶେଷକରି ସ୍ୱଳ୍ପ ସଞ୍ଚୟ କରୁଥିବା ଏବଂ ଗ୍ରାମାଞ୍ଚଳର ଗ୍ରାହକମାନେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି ରିଜର୍ଭବ୍ୟାଙ୍କ ନିକଟରେ ଯେଉଁ ନିର୍ଦ୍ଦେଶନାମା ଜାରିକରିଛି ତଦନୁସାରେ ଗ୍ରାହାକଙ୍କୁ ନିଜ ବ୍ୟାଙ୍କର ଏଟିଏମ୍‌ରୁ ସୀମିତଥର ମାଗଣା ଉଠାଣର ସୁବିଧା ଦିଆଯାଇଛି। ଅନ୍ୟ ବ୍ୟାଙ୍କରେ ଏଟିଏମ୍‌ରୁ ମଧ୍ୟ ମାଗଣା ଉଠାଣର ସଂଖ୍ୟା ନିର୍ଦ୍ଧାରିତ କରାଯାଇଛି। ଏହି ସୀମା ପାର କଲେ ଗ୍ରାହକଙ୍କଠାରୁ ଶୁଳ୍କ ଆଦାୟ କରାଯାଏ। ରିଜର୍ଭ ବ୍ୟାଙ୍କ ଯେହେତୁ ନୂଆ ନିର୍ଦ୍ଦେଶ ନାମାରେ ବ୍ୟାଙ୍କମାନଙ୍କୁ ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପାଇଁ ଅନୁମତି ଦେଇଛି ଯେଉଁଥିପାଇଁ ଲୋକଙ୍କ ଉପରେ ବୋଝ ପଡିବ।

ଯଦି କେହି ଗ୍ରାହାକ ନିଜ ବ୍ୟାଙ୍କରେ ଏଟିମଏ୍‌ରୁ ୫ଥର ଟଙ୍କା ଉଠାଇବା ପରେ ମଧ୍ୟ ଯଦି ଟଙ୍କା ଉଠାନ୍ତି ତେବେ ତାଙ୍କୁ ଟଙ୍କା ଉଠାଇବା ପାଇଁ ୨୦ ଟଙ୍କା ବା ତାଠାରୁ ଅଧିକ ପର୍ଯ୍ୟନ୍ତ ଶୁଳ୍କ ଦେବାକୁ ପଡିଥାଏ। ସେହିଭଳି ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ମାତ୍ର ୩ଥର ମାଗଣାରେ ଟଙ୍କା ଉଠାଇବା ପରେ ଯଦି ଟଙ୍କା ଉଠାନ୍ତି ତେବେ ଶୁଳ୍କ ଲାଗୁହେବ। ଏହାର ଅର୍ଥ ହେଉଛି ଗ୍ରାହାକଙ୍କୁ ନିଜର ସଞ୍ଚୟ ଅର୍ଥକୁ ବ୍ୟବହାର କରିବା ପାଇଁ ମଧ୍ୟ ଶୁଳ୍କ ଦେବାକୁ ପଡିଥାଏ। ଏତଦ୍ ବ୍ୟତୀତ ରିଜର୍ଭବ୍ୟାଙ୍କ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ସାଇବର ସୁରକ୍ଷା ପ୍ରସଙ୍ଗରେ ମଧ୍ୟ ନିର୍ଦ୍ଦେଶ ନାମା ଜାରି କରିଛି। ଯେଉଁଥିରେ ମଲଟିଫ୍ୟାକ୍ଟର ଅର୍ଥଣ୍ଟିକେସନ ଏବଂ ଅନଧିକୃତ ନେଣ-ଦେଣ ସ୍ଥିତିରେ ଗ୍ରାହକଙ୍କୁ କୌମମଣସି ଶୁଳ୍କଦେବାକୁ ପଡେ ନାହିଁ। କିନ୍ତୁ ଏହି ନିୟମର କାର୍ଯ୍ୟକାରିତା ଅପର୍ଯ୍ୟପ୍ତ ଅଟେ। ବ୍ୟାଙ୍କମାନେ ଗ୍ରାହାକ ମାନଙ୍କୁ ସୂଚନା ଦେବା ଏବଂ ଅଭିଯୋଗ ଆସିଲେ ତାର ନିବାରଣର ପ୍ରକ୍ରିୟାରେ ପାରଦର୍ଶିତା ପ୍ରଦର୍ଶନ କରୁନାହାଁନ୍ତି ବରଂ ବିଶେଷ ଭାବରେ ବୀମା ଏବଂ ମ୍ୟୁଚୁଆଲ ଫଣ୍ଡସ୍‌ର ବିକ୍ରୀ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅନେକ ସମୟରେ ଦେଖାଯାଏ ଯେ ବ୍ୟାଙ୍କ ମାନେ ଋଣ ପାଇଁ ଅନୁଚିତ ସର୍ତ୍ତ ରଖିଥାନ୍ତି। ଫ୍ଲୋଟିଙ୍ଗ୍‌ରେଟରେ ଗୃହ ଋଣ ନେଉଥିବା ଗ୍ରାହକଙ୍କୁ କମ୍ ସୁଧହାରରେ ଋଣ ଦେବା ପରିବର୍ତ୍ତେ ଏଥିପାଇଁ ଅତିରିକ୍ତ ଶୁଳ୍କ ଆଦାୟ କରାଯାଇଥାଏ। ଏସବୁ ଯେ କେବଳ ଅନୁଚିତ ତାହା ନୁହେଁ ରିଜର୍ଭବ୍ୟାଙ୍କର ଗ୍ରାହାକ ଅଧିକାର ଚାର୍ଟଚର୍ଟର ର ମଧ୍ୟ ଉଲଂଘନ ଯେଉଁଥିରେ ନିରପେକ୍ଷ ବ୍ୟବହାର ଏବଂ ପାରଦର୍ଶିତା କଥା କୁହାଯାଇଛି। ରିଜଭ ର୍ବ୍ୟାଙ୍କ ୨୦୧୪ରେ ଗ୍ରାହାକ ଅଧିକାର ଚାର୍ଟର ଜାରି କରିଥିଲା ଯେଉଁଥିଲେ ୫ଟି ମୂଳଭୁତ ଅଧିକାରର କଥା କୁହାଯାଇଥିଲା। ଏହି ୫ଟି ହେଉଛି ନିରପେକ୍ଷ ବ୍ୟବହାର, ପାରଦର୍ଶିତା, ଉପଯୁକ୍ତତା, ଗୋପନୀୟତା ଏବଂ ଅଭିଯୋଗ ନିବାରଣ। ଅନେକ ଉପଭୋକ୍ତା କାର୍ଯ୍ୟାକର୍ତ୍ତା ମାନଙ୍କମତ ହେଉଛି ରିଜର୍ଭବ୍ୟାଙ୍କ ଏସବୁ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ପ୍ରଥମତଃ ଅଭିଯୋଗର ନିବାରଣ ବା ସମାଧାନ ପାଇଁ କୌଣସି ସମୟ ସୀମା ନିର୍ଦ୍ଧାରଣ କରାଯାଇନାହିଁ। ବ୍ୟାଙ୍କିଙ୍ଗ୍ ଲୋକପାଳ ପ୍ରାୟତଃ ବ୍ୟାଙ୍କ ସପକ୍ଷରେ ରାୟ ଶୁଣାଇଥାନ୍ତି। ବ୍ୟାଙ୍କମାନେ ଆଦାୟ କରୁଥିବା ଅନୁଚିତ ଶୁଳ୍କ ଏବଂ ଅନୁଚିତ ବ୍ୟବହାର ପ୍ରସଙ୍ଗରେ ରିଜର୍ଭବ୍ୟାଙ୍କ କଠୋର ପଦକ୍ଷେପ ନେବା ଉଚିତ୍। ରିଜର୍ଭବ୍ୟାଙ୍କର ନିଷ୍କ୍ରିୟତା ଗ୍ରାହାକଙ୍କୁ ଶୋଷଣ କରିବା ଦିଗରେ ବ୍ୟାଙ୍କମାନଙ୍କୁ ପ୍ରୋତ୍ସାହିତ କରୁଛି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)






## ଭଲ ଝିଅ ଓ କବିତା

**ପ୍ରବୀର କୁମାର କମିଲା**

ଆକାଶ ମାଟି ଫୁଲ ପବନ
ରାତି ନିଦ ଆଉ କିଛି
ଶୁଆଇ ଦେଉ ନଥିବା ସ୍ୱପ୍ନ
ହଁ, ସାରା ଆକାଶଟା ତାର
ମାଟିରେ ବି ତାର ସବୁ ଅଧିକାର
ଫୁଲଙ୍କୁ ନେଇ ସେ
ଲେଖେ ଫଗୁଣର କବିତା
ପବନ ସାଥେ ଗୁଣୁଗୁଣୁଉ ଥାଏ
ଲତା ସଙ୍ଗେସକରଙ୍କ ଗୀତ
ଗୁଲାମ ଅଲ୍ଲୀଙ୍କ ଗଜଲ୍
ଓ କବିର ଦାସଙ୍କ ଦୋହା
ତାର ଏଇ ବିନ୍ଦାସ ମିଜାଜ ପାଇଁ
ସେ ଲଗାଇ ଦେଇପାରେ
ଝଡ଼ାପତ୍ରରେ ବି ନିଆଁ ।
ଶ୍ରାବଣକୁ
ଶିଫନ ଶାଢି ପରି ପିନ୍ଧେ
ବର୍ଷାରେ
ବେଲଗାମ୍ ହେଇ ଭିଜେ
ଭରା ନଈ ହୋଇ
ନାଆ ଓ ନାଉରୀ
ଦୁହିଁଙ୍କୁ ସମ୍ଭାଳେ
କିନ୍ତୁ କୂଳ ଲଙ୍ଘି ଯାଏନା,
ସାଜିବ ବୋଲି ଦିନେ
କାହାର ସୁନା କନିଆଁ ।
ଜହ୍ନକୁ ଆଇନା କରି
ବାରମ୍ବାର ଦେଖୁଥାଏ ମୁହଁ,
ପୁଣି ଫେଆର ଏଣ୍ଡ ଲଭଲି ପରି
ମାଖି ହୁଏ ଜୋଛନା
ରାତିକୁ ଓଢ଼ଣୀ ପରି
ଢାଙ୍କି ଦିଏ ଛାତି,
ଆଉ ଛାତି ତଳେ ତାର
କେହି ଜଣେ ଗାଉଥାଏ
ମା ପରି ଲୋରି, ସତେ ଅବା
ଗୋଟେ ପଞ୍ଜୁରି ଭିତରର ଶାରୀ ।
ମନୋଜ ଦାସଙ୍କ କାହାଣୀର ସେ,
ଶେଷ ବସନ୍ତର ଚିଠି
ତା ଛାତି ତଳର ଦରଜ,
କିଛି ଅସ୍ପଷ୍ଟ ଅକ୍ଷର
ପଢୁ ପଢୁ ଝୁଣ୍ଟିପଡ଼େ,
ଆଖି ହିଁ ସେଇଠି ।
ଜହ୍ନ ତାରା ଆକାଶ
ଆଉ ସବୁ ମଣିଷ ମାନଙ୍କୁ
ଭଲପାଏ ବୋଲି ତ
ସେ ଲେଖିପାରେ ଭଲ କବିତା
ଆଉ ସେଇ କବିତା ପଢୁ ପଢୁ
ପ୍ରେମ ହୋଇଯାଏ,
ଖୁବ୍ ସୁନ୍ଦରୀ ଲାଗେ
ଗୋଟେ କବିତା ଲେଖୁଥିବା ଝିଅ ।

+ ବୈରାମ ନଗର, ବାଲେଶ୍ୱର
ମୋ: ୮୪୫୫୯୨୪୪୪୮

## ଏବେର ରଜ

**ସଦାଶିବ ବିଶ୍ୱାଳ**



ରଜର ସ୍ମୃତି ଝାପ୍ସା ହୋଇଛି
ଶୁଭୁନାହିଁ ଗଜ ଡାକ
ବୃକ୍ଷ କଟାହୋଇ ପଦା ହୋଇଲାଣି
ଭାଉଜ, ଭାଇ ପାଖେ ସଦା ଦେଖ

ଡ଼ଙ୍ଗା ଦୋଳି ଆଉ ପଡୁନି ଗଛରେ
ଉଡେ ନାହିଁ ସାଇଁ ସାଇଁ
ଦୂର ବିଦେଶରୁ ଭାଇ ନ ଆସନ୍ତି
ଭାଉଜ ନ ରହେ ତା' ବାଟ ଚାହିଁ ।

ସହର ବଜାରେ ଦୋଳି ବନ୍ଧା ହୁଏ
ହଜିଲାଣି ବାଗୁଡ଼ି,ବହୁଚୋରି
କିତ୍ କିତ୍, ତାସ, ପଶାଖେଳ
ସବୁ ପଡିଛନ୍ତି ମୁହଁ ମାଡି ।

କୋଠାର ଛାତରେ ଲୁହା ଫ୍ରେମରେ
ଝୁଲଇ ଜଞ୍ଜିର ଦୋଳି
ପୋଡ଼ପିଠା ନ ହୁଏ ଏଠାରେ
ଖୋଜା ବର୍ଗର,
ପିଜା ଭଳିକି ଭଳି ।

କାମର ଚାପ ବଢ଼ି ବଢ଼ି ଚାଲେ
ବଢ଼ିଛି କାର୍ଯ୍ୟ ଅବଧି
ହସ ଖେଳ ଭୂଲି ଅବସାଦ ଆପଣେଇ
ନେଉ ଅକାଳ ସମାଧି।

+ କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର
ଅଙ୍ଗାରୁଆ, ଜିଲ୍ଲା - କେଉଁଝର



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୬୯



ଡ. ସିନ୍ଧୁ ସେନ୍

ରାଜ୍ୟର ମରାମତି ମଧ୍ୟ ଚାଲିଥାଏ । ଏମିତିରେ ବେଶ୍ କିଛିଦିନ ଅତିକ୍ରାନ୍ତ ହୋଇଗଲା । ଝଡ଼ପରର ଆକାଶ ଭଳି ଲଙ୍କାର ଆକାଶ ଏବେ କିଛିଟା ଶାନ୍ତ, ଧୀର । ନିରୀହ ପ୍ରଜାମାନଙ୍କୁ କ୍ଷୟକ୍ଷତି ପୂରଣ କରିବାପାଇଁ ଯେତେଟା ସମ୍ଭବ ସାହାଯ୍ୟ ଦିଆଯାଇଛି । ଯୁଦ୍ଧକୁ ରୋକିବା ପାଇଁ ରଣତରୀ ଗୁଡ଼ିକ ମରାମତି କରି ନୌବାହିନୀକୁ ସୁଦୃଢ଼ କରିଥିଲି । ଲଙ୍କାର ସୀମାନ୍ତରେ ଯାଞ୍ଚ କରିବା ପାଇଁ ସୁରକ୍ଷା କର୍ମୀ ମାନଙ୍କୁ ନିଯୁକ୍ତ କରି ଉପଯୁକ୍ତ ତାଲିମ ମଧ୍ୟ ଦେଇଥିଲି । ମୋର ପ୍ରଥମ ଲକ୍ଷ୍ୟ ଥିଲା ଆର୍ଯ୍ୟାବର୍ତ୍ତ ଉପରେ ଆକ୍ରମଣ । କାରଣ, ଆମ ରାକ୍ଷସ ସଂସ୍କୃତିର ମୁଖ୍ୟ ବିରୋଧି ଥିଲେ ଆର୍ଯ୍ୟ ସଂସ୍କୃତି । ମୋର ଲକ୍ଷ୍ୟଥିଲା ଆର୍ଯ୍ୟ ସଂସ୍କୃତିର ବିଲୋପ, ଆଉ ରକ୍ଷ ସଂସ୍କୃତିର ପ୍ରତିଷ୍ଠା । ଖର ଓ ଦୂଷଣ ଭଳି ବୀରମାନଙ୍କୁ ଏକାକୀ ରାମଚନ୍ଦ୍ର ହିଁ ନଷ୍ଟ କରି ଦେଇଥିଲେ । ମୋତେ ତେଣୁ ଆଗଠାରୁ ବଡ଼ ଏକ ଶକ୍ତିଶାଳୀ ସେନାବାହିନୀ ଗଠନ କରିବାକୁ ପଡ଼ିଥିଲା । ବାହ୍ୟ ଆକ୍ରମଣରୁ ନିଜ ଅଞ୍ଚଳକୁ ରକ୍ଷା କରିବାପାଇଁ ସବୁପ୍ରକାର ପ୍ରତିଷେଧକ ବ୍ୟବସ୍ଥା କରି ସାରିଥିଲି ।

ହନୁମାନଙ୍କ କାର୍ଯ୍ୟକଳାପରେ ମୁଁ ଏପରି ଭୟଭୀତ ହୋଇପଡ଼ିଥିଲି ଯେ, ମୋତେ ଲାଗୁଥିଲା, ମୋ ହାତରୁ ଧୀରେଧୀରେ ସବୁ ଖସିଯାଉଛି । ବାନରରାଜ ବାଳୀର ମୃତ୍ୟୁ ପରେ ମୁଁ ବନ୍ଧୁହରା ହୋଇପଡ଼ିଛି । ବର୍ତ୍ତମାନ ବାନର ରାଜା ସୁଗ୍ରୀବ ଓ ମୋ ଶତ୍ରୁପକ୍ଷର ବନ୍ଧୁ । ତେଣୁ ତାଙ୍କ ଉପରେ ମୋର ବିଶ୍ୱାସ ଆସିବ କୁଆଡୁ । ବରଂ କିଷ୍କିନ୍ଧ୍ୟା ରାଜା ସୁଗ୍ରୀବ ତାଙ୍କ ଦୂତ ହାତରେ ମୋତେ ତ ଏକପ୍ରକାର ଯୁଦ୍ଧର ଡାକରା ଦେଇ ସାରିଲେଣି । ଏପରି ପରିସ୍ଥିତିରେ ଯେ, ମୋ ଉପରେ ଆସନ୍ନ ବିପତ୍ତି ମାଡ଼ିଆସୁଛି ଏ ଦିଗରେ ମୁଁ ନିଶ୍ଚିତ ହୋଇ ପଡ଼ିଥିଲି । ଏତିକି ମଧ୍ୟ ବୁଝି ପାରୁଥିଲି, ଲଙ୍କାନଗରୀ ଧୀରେଧୀରେ ସଂକୁଚିତ ହେବାରେ ଲାଗିଛି । ମୋର ଶତ୍ରୁମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି ।

ମୁଁ ରାବଣ, ଭୟକୁ ମୁଁ ଘୃଣାକରେ । ମାନସିକ ସ୍ତରରେ ଯେତେ ଭୟଭୀତ ହୋଇଥିଲେ ମଧ୍ୟ ମୁଁ କେବେ ଖୋଲାଖୋଲି ପ୍ରକାଶ କରେନି ମୋର ଭୀରୁତାକୁ । କାରଣ ମୁଁ ଏତେଶୀଘ୍ର ହାରମାନିବା ଶିଖିନି । ମୁଁ ଜିତି ନପାରେ କିନ୍ତୁ ହାରିବାକୁ ମାନିନେଇ ପାରିବିନି । ମୋର ମାନସିକ ସ୍ଥିତିକୁ ତେଣୁ ଦୃଢ଼ କରି ନେଇଥିଲି । ଧୈର୍ଯ୍ୟ କି ସାହସ କିଛି ବି ହରାଇ ନଥିଲି । ଜିତିବାର ମୋହରେ ଅନ୍ଧ ମୁଁ । ସେଥିପାଇଁ ଉଦ୍ୟମ ଜାରି ରଖିଥିଲି । ଅତୀତରେ ମୋ ଉପରକୁ ଅନେକ ବିପଦ ମାଡ଼ି ଆସିଛି । ତାକୁ ଯଦି ସାହସର ସହ ମୁକାବିଲା କରିପାରିଥିଲି, ତେବେ ଆଜି କାହିଁକି ଭୟ ଓ ଅବସାଦକୁ ମନରେ ପୂରାଇ ଦୁର୍ବଳ ହୋଇଯିବି । ନା ନା ରାବଣ ପାଖରେ ଏସବୁ ଶୋଭାପାଏନା । ସବୁଦିନେ ସମାନ ଯାଏନା । ଅନ୍ଧାର ପରେ ଆଲୋକ ତ ନିଶ୍ଚିତ ଦିନେ ଆସିବ । ପରିବର୍ତ୍ତନ ହେବ । ମୋତେ ତେଣୁ ଧୈର୍ଯ୍ୟର ସହ ସେ ପରିବର୍ତ୍ତନକୁ ଅପେକ୍ଷା କରିବାକୁ ପଡ଼ିବ । ରାକ୍ଷସ ସଂସ୍କୃତିର ପ୍ରତିଷ୍ଠା ପାଇଁ ମୋ ଦେହରେ ଶେଷରକ୍ତ ବିନ୍ଦୁ ଝରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ।

ବାସ୍ତବରେ ଅପେକ୍ଷାର ଫଳ ମିଠା । ସେହି ବିଶ୍ୱାସ ଓ ଭରସାରେ ମୁଁ ସେଇ ସୁଦିନର ପ୍ରତୀକ୍ଷାରେ ଅଛି । କେବେ ମୋ ଉପରେ ସଫଳତାର ପୁଷ୍ପବୃଷ୍ଟି ହେବ । ହୋଇପାରେ ମୁଁ ଅନାର୍ଯ୍ୟ, ରାକ୍ଷସ । ତଥାପି ମୋ ଉପରେ ବ୍ରହ୍ମାଙ୍କ ବରଦାନ ରହିଛି । ଅଛି ମଧ୍ୟ ମହାଦେବଙ୍କ ଆଶୀର୍ବାଦ । ତେଣୁ ମୁଁ ଭୟ କରିବି କାହିଁକି ? ସେଦିନ ଶଶୁର ମୟଦାନବଙ୍କ ସହ ମନ୍ତ୍ରଣା କକ୍ଷରେ ଆଲୋଚନା କରୁଥିଲି । ତାଙ୍କଠାରୁ ଯାହା ସବୁ ଶୁଣିଲି ସେଥିରେ ମୋର ଆନନ୍ଦର ସୀମା ରହିଲାନାହିଁ । ମୋର ବିଜୟୀ ପାଇଁ ସେ ଅନେକ କିଛି ଅସ୍ତ୍ର ତିଆରିରେ ଲାଗି ପଡ଼ିଥିଲେ । କେତେ ବିଷାକ୍ତ, ମାରାତ୍ମକ ଅସ୍ତ୍ର ବିଷୟରେ ମୋତେ ବୁଝାଉଥିଲେ । ଆହୁରି ଅନେକ କିଛି ନୂତନ ମାରଣାସ୍ତ୍ର ନିର୍ମାଣ ପାଇଁ ସେ ଲାଗି ପଡ଼ିଥିଲେ । ପଚାରିଲେ, ହେ ରାଜନ୍ ! ଏବେ ଆଉ କିଛି ଯୁଦ୍ଧର ଅଭିଯାନ ଅଛି କି ?

ନା ନା ଅଭିଯାନ ମୋ ପକ୍ଷରୁ ନାହିଁ । ମାତ୍ର ଲଙ୍କା ଉପରେ ଆକ୍ରମଣ ହେବାର ଆଶଙ୍କା ଅଛି ।

ଲଙ୍କା ଉପରେ ପୁଣି ଆକ୍ରମଣ । ପୂର୍ବରୁ ତ କେବଳ ଲଙ୍କାଧୀଶ ଆକ୍ରମଣ କରୁଥିଲେ । ଏବେ କାହାର ଏମିତି ସାହସ ଅଛି ଯେ, ଲଙ୍କା ଉପରେ ଆକ୍ରମଣ କରିବ । କିଏ ସେ ? ଯା'ର ମୃତ୍ୟୁକୁ ଭୟ ନାହିଁ ।

ହଁ ସିଏ ସେମିତି ବୀର । ଯାହାଙ୍କ ସମ୍ମୁଖୀନ ହେବାକୁ ମଧ୍ୟ କେହି ସାହସ କରୁନାହାଁନ୍ତି । ସେ ତ କୋଶଳ ରାଜପୁତ୍ର ରାମ, ବାନରାଜ ସୁଗ୍ରୀବଙ୍କ ପ୍ରିୟ ସଖା । ଯାହାଙ୍କର ଇଂଗିତରେ ହନୁମାନ ଲଙ୍କାରେ ଏମିତି ପ୍ରଳୟ କରି ଦେଇଛନ୍ତି । ଲକ୍ଷ୍ୟ ତାଙ୍କର ମୋ ବିରୁଦ୍ଧରେ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର କରିବା । ଏଥିପାଇଁ ସେ ବାନର ବାହିନୀର ସହାୟତା ମଧ୍ୟ ନେଇଛନ୍ତି ।

ମୋରି ଆଗରେ ମୋର ସ୍ୱର୍ଣ୍ଣଲଙ୍କା ଜଳିପୋଡ଼ି ଧ୍ୱଂସ ହୋଇ ଯାଉଥିଲା ନା ମୁଁ ତାକୁ ରକ୍ଷା କରିପାରିଲି ନା ନିରୀହ ପ୍ରଜାମାନଙ୍କୁ ସାହାଯ୍ୟ କରି ପାରିଲି । ମୋତେ ଯେମିତି ଲାଗୁଥିଲା, ଲଙ୍କା ପୋଡ଼ି ଯାଇନି ଯେ ମୋ ନିଜର ରାବଣତ୍ୱ ହିଁ ପୋଡ଼ିଯାଇଛି । ଯେଉଁ ରାବଣତ୍ୱକୁ ନେଇ ମୋ ମନରେ ଏତେ ଗର୍ବ, ଅହଂକାର ଥିଲା, ସେସବୁ ତ ଏବେ ଧୂଳିସାତ୍ ହୋଇଯାଇଛି । ଏସବୁ ଦୃଶ୍ୟ ଦେଖି ବାସ୍ତବରେ ମୁଁ ଭୀଷଣ ଡରି ଯାଇଥିଲି । କାହା ଆଗରେ ପ୍ରକାଶ କରିବି ମୋ ମନର ବେଦନା । ମୋ କାନରେ କେବଳ ପ୍ରତିଧ୍ୱନିତ୍ୱ ହେଉଥିଲା, ମୋ ପ୍ରଜାଗଣଙ୍କ ଆର୍ତ୍ତଚିତ୍କାର । ଭଗ୍ନ ଲଙ୍କାକୁ ବୁଲି ଦେଖିବାର ଧୈର୍ଯ୍ୟ ମୋ ନିକଟରେ ନଥିଲା । ଅଗ୍ନିପୀଡ଼ିତା ନିରୀହ ଜନତାଙ୍କ ସାମ୍ନାରେ ଠିଆ ହେବାର ସତ୍‌ସାହସ ମଧ୍ୟ ମୋର ନଥିଲା । ସେମାନଙ୍କୁ କେଉଁ ଭାଷାରେ ସମବେଦନା ଜଣାଇବି, ମୁଁ ହିଁ ତ ସେମାନଙ୍କର ରାଜା । ବାନରଟିର ପ୍ରକୋପକୁ ରୋକିବାରେ ବିଫଳ ହେଲି । ପ୍ରଜାମାନେ ନିଶ୍ଚିତ ଭାବୁଥିଲେ ଆମ ରାଜା ଏତେ ଦୁର୍ବଳ । ବାସ୍ତବରେ ମାନସିକ ସ୍ତରରେ ମୁଁ ଖୁବ୍ ଦୁର୍ବଳ ହୋଇ ପଡ଼ିଥିଲି । ମୋତେ ଯେମିତି ଲାଗୁଥିଲା, ମୋ ଦେହରୁ ସମସ୍ତ ଶକ୍ତି ଲୋପ ପାଇଯାଇଛି । ମୁଁ ପୂରାପୂରି ନିର୍ବଳ ହୋଇପଡ଼ିଛି । ଭଗ୍ନ ମନ ନେଇ ମୁଁ ସେଦିନ ମୋ କକ୍ଷକୁ ଫେରିଆସିଲି । ସେଦିନ ରାତିରେ ମୋ ଆଖିରୁ ହଜି ଯାଇଥିଲା ନିଦ, ଝରକା ଫାଙ୍କ ଦେଇ ମୁଁ କେବଳ ଅନାଇ ରହିଥିଲି ଶୂନ୍ୟକୁ । ମୋର ଚତୁର୍ଦ୍ଦିଗ କେବଳ ଶୂନ୍ୟ ଶୂନ୍ୟ ଲାଗୁଥିଲା । ମହାଶୂନ୍ୟ ମଧ୍ୟରେ ମୁଁ ଘୁରି ବୁଲୁଥିବଲି ।

ଗତିଶୀଳ ସମୟ । କାହାକୁ ଅପେକ୍ଷା କରେନି । ଅବିରାନ୍ତ ଗତିରେ ସେ ଗଡ଼ିଚାଲେ । ଧ୍ୱସ୍ତବିଧ୍ୱସ୍ତ ଲଙ୍କା ଏବେ ଖରାପ ସମୟ ଦେଇ ଗତି କରୁଛି । ଯାହାହେଲେ ବି ମୋତେ ହିଁ ତାର ମୁକାବିଲା କରିବାକୁ ପଡ଼ିବ । ଦିନ ପରେ ଦିନ ଅତିକ୍ରାନ୍ତ ହେଉଥାଏ । କ୍ଷୟକ୍ଷତି ହୋଇଥିବା ଲଙ୍କା ରାସ୍ତାଘାଟ, ବଜାର ଆଗଠାରୁ ଏବେ ସ୍ୱାଭାବିକ ହୋଇଯାଇଛି । ପରିବେଶ ଏକପ୍ରକାର ସ୍ତବ୍ଧ, ଶାନ୍ତ, ସ୍ୱର୍ଣ୍ଣପୁରୀ ଲଙ୍କାକୁ ସଂପୂର୍ଣ୍ଣ ସଜାଡ଼ି ନପାରିଲେ ମଧ୍ୟ କିଛିଟା ଆଶ୍ୱସ୍ତ ମୁଁ । ଏସବୁ ସମ୍ଭବ ହୋଇପାରିଛି କେବଳ ମୟଦାନବ ପାଇଁ ।

ବାସ୍ତବରେ ମୟଦାନବଙ୍କୁ ପାଇ ମୋ ଜୀବନ ଧନ୍ୟ । ନହେଲେ ପରିସ୍ଥିତି ଯାହା ହୋଇଥିଲା ଲଙ୍କା ଯେ ପୁଣି ସଜାଡ଼ି ହୋଇପାରିବ । ଏ ବିଶ୍ୱାସ ମୋର ନଥିଲା । ମାତ୍ର ମୟଦାନବ ହିଁ ପୁନର୍ବାର ସ୍ୱର୍ଣ୍ଣଲଙ୍କାର ପୁନରୁଦ୍ଧାର କରି ମୋତେ ଚିନ୍ତାମୁକ୍ତ କରି ଦେଇଥିଲେ । ଏସବୁ ଦେଖି ସେଦିନ ମୟଦାନବଙ୍କ ନିକଟରେ ସ୍ୱତଃ ମୋ ମୁଣ୍ଡ ନଇଁ ଯାଇଥିଲା । ବାସ୍ତବରେ ତାଙ୍କ ହାତରେ ଥିଲା ଯାଦୁକାରୀ ସ୍ପର୍ଶ । ମୋ ମନରେ ଆଶାକୁ ଉଦ୍‌ଜୀବିତ କରି ଲଙ୍କା ଏବେ ପୂର୍ବାବସ୍ଥାକୁ ଫେରି ଆସିଛି । କିନ୍ତୁ ଦୂତ ଯେ ସୀତାଦେବୀଙ୍କ ସନ୍ଧାନ ନେଇ ଚାଲିଯାଇଛି । ଶତ୍ରୁପକ୍ଷ ପାଖରେ ଅନେକ ଖବର ପହଞ୍ଚି ଯାଇଛି । କିଏ ଜାଣେ, ଖୁବ୍ ନିକଟରେ ଯେ ଯୁଦ୍ଧ ନହେବ, ଏକଥା ତ କହିହେବନି । ମୋ ତେଣୁ ଭବିଷ୍ୟତ ପାଇଁ ସତର୍କ ରହିବାକୁ ପଡ଼ିବ । ପୂର୍ବଠାରୁ ଆହୁରି ସୁଦୃଢ଼ କରିବ ଆମ ଲଙ୍କାର ସୁରକ୍ଷା ବଳୟକୁ । ସବୁଆଡ଼େ ସଶସ୍ତ୍ର ପ୍ରହରୀ ଆଉ ଅସ୍ତ୍ରଶସ୍ତ୍ର ମହଜୁଦ ରଖିବାପାଇଁ ନିର୍ଦ୍ଦେଶ ଦେଲି, ମୋ ଆଦେଶ ଯେମିତି କଡ଼ାକଡ଼ି ଭାବେ ପାଳନ ହୁଏ ସେ ବିଷୟରେ ପର୍ଯ୍ୟବେକ୍ଷଣ କରିବାପାଇଁ ମହାମନ୍ତ୍ରୀଙ୍କୁ ସୂଚନା ଦେଲି । କିଏ ଜାଣେ, ଆମ ପକ୍ଷର କିଛି ଦୁର୍ବଳତାର ସୁଯୋଗ ନେଇ ଶତ୍ରୁପକ୍ଷ ଆକ୍ରମଣ ନ କରିବେ ବୋଲି । ଆଉ ଆକ୍ରମଣ ହେବା ପୂର୍ବରୁ ପ୍ରତ୍ୟାକ୍ରମଣ ପାଇଁ ତ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ । କାରଣ ଶାସ୍ତ୍ରାନୁଯାୟୀ ଆତ୍ମରକ୍ଷା ପାଇଁ ପ୍ରତ୍ୟାକ୍ରମଣ ତ ଏକାନ୍ତ ମାଧ୍ୟମ । ତାଛଡ଼ା ସମ୍ଭାବ୍ୟ ଆକ୍ରମଣକୁ ଏଡ଼ାଇ ଭୀରୁ ପରି ପଳାୟନପନ୍ଥୀ ସାଜିବା ତ ପ୍ରକୃତ ସାହସିକତାର ପରିଚୟ ନୁହେଁ । ତେଣୁ ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ମୁଁ ସେଥିପାଇଁ ଆମ ସୈନ୍ୟବଳକୁ ମଧ୍ୟ ବଢ଼ାଇ ଦେଇଥିଲି । ଅନେକ ନୂତନ ଅଶ୍ୱ ଓ ହସ୍ତୀ ମଧ୍ୟ ଲଙ୍କାକୁ ଅଣାଇଛି । ଜଳପଥରେ

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




# ଅସମାପିକା

## ସ୍ମିତା ପଣ୍ଡା

ଲୁହରେ ବତୁରି ଯାଇଥିବା ଦୁଃଖର ମଞ୍ଜିରୁ
ଗଛଟିଏ ହେଲା ଯେ -
ତା' ଛାଇରେ ଉତୁରି ପାରିଲା ନାଇଁ
ଓଠ ଉପରେ ସୁଖର ଚାରାଟିଏ ଆଉ
ଆସିଲେ ଫଗୁଣ
ମନେହେଲା ଆସିଛି ଶ୍ରାବଣ
ବର୍ତ୍ତମାନ ବି ଲେଉଟିଲା ନାଇଁ
ଅତୀତର ରାସ୍ତାରୁ ଆଉ ?

ଯେଉଁଠାରେ ଜଣାଥିଲା
ଶେଷ ହେବ କଥା ଦୁଃଖର
ଶେଷ ହେବ ଯାତନାର
ସେଇଠାରୁ ନୂଆ ହୋଇ
ଅସରନ୍ତି ଗପ ଲମ୍ବି ଗଲା
କହିଲା ବେଳକୁ ପୁଣି
ବଢ଼ିଗଲା ହୃଦୟର ଭାର
ସହିବାକୁ ଆଉ କରିହେଲା ନାହିଁ ମନା ?

ନୂଆ ଜନ୍ମ ଆସିବା ଆଗରୁ
ସମୟ ବି ପଡିଗଲା ଝୁଣ୍ଟି
ଯେତେ ସୁଖ ମିଳିବାର ଥିଲା
ସତେ କଣ
କେବେ ଆସି କେବେ ଚାଲି ଗଲା
ଖୋଜିଲା ବେଳକୁ କିଛି ନାହିଁ
ରହି ରହି ତା'ର ଖାଲି ପ୍ରତିଧ୍ୱନି ଶୁଭୁଛି
ଅସମାପ୍ତ ଜୀବନର ପୃଷ୍ଠାରେ
ବାକ୍ୟ ସବୁ ପୂର୍ଣ୍ଣଛେଦ ଅପେକ୍ଷାରେ ରହିଛି ?


+ମୋ-୯୮୬୧୩୨୩୬୫୦


# କଳ୍ପ୍ୟ

## ଶୁଭସ୍ମିତା ତ୍ରିପାଠୀ



ମୋ ଛାତ ଉପରେ ଫୁଟା ଗୋଲାପ
କଢ଼ିର ବାସ୍ନା
ତୁମ ଆକାଶର ମେଘ ବାସ୍ନାକୁ
ଛୁଉଁ କି ନ ଛୁଉଁ,
ତମ ଲୁହର କାକର ଟୋପାକୁ
ଜାବୁଡ଼ି ଧରେ ଜୋର୍ କରି
ତାରା ବୁଝେ, ଜହ୍ନ କୁହେ, ପକ୍ଷୀ ଭାବେ
ତମେ କେବେ କାନ୍ଦନା
ତେଣୁ ତମ କୁହ ସବୁ ନିରୋଳା କାକର
ସେତେବେଳେ ମୁଁ ଦର୍ପଣ ସାମ୍ନାରେ
ମୋ ଆଖିର ବଗିଚାରେ ଦେଖେ
ଜହ୍ନଠୁ ଲୁଚେଇ
ମୋ ଫୁଲପତ୍ରରେ ତମେ
ଲେଖିଦେଇ ରଖିଥିବା
ସବୁ ଶୀତଳ ଲୁହର ଗପ !

ଟୋପାଏ ଲୁହରେ
ଅଧଆଧା ତିନ୍ତି ଯାଉଥାଏ ଆକାଶଟେ ବୋଲି
ମୋ ଶୋଇବା ଘରର ଲଣ୍ଠନ କାଚ ଭିତରେ ବି
ସବୁ ଜମୁଥିବା ଉତ୍ତାପ ହୁଏ ଘର୍ମାକ୍ତ,

ଅନ୍ଧାରି ଆକାଶ ଛାତିରେ
ଜହ୍ନ ଆଲୁଅର କାଳିରେ ଲେଖା
ତମେ ଆସିବାର ଚିଠିଟିଏ
ଫରଫର ଉଡେ,ପବନରେ
ସେତେବେଳେ ବି ମାଟି ବୁଝେ,
ପାହାଡ଼ ଭାବେ
ଆଲୁଅର କାଳି ନେଇ
ଅକ୍ଷର ଲେଖିହୁଏନା କେବେ
ତେଣୁ, ଅକ୍ଷର ସବୁ
ତୁଚ୍ଛା ଆଲୁଅରୁ ମେଞ୍ଚାଏ ମେଞ୍ଚାଏ !

ସେତେବେଳେ ମୋ ଆଖିର ଅନ୍ଧାର ଦେଖେ,
ଛୁଇଁ ହେଉନଥିବା ତମ ଆଲୁଅର ଶବ୍ଦ
ପଢି ହେଉଥିବା ଅଥଚ,
କେମିତି ଗୋଟେ ବୁଝେଇ
ହେଉନଥିବା ଅବସୋସ !

ମୋ ଘର କାନ୍ଥ ଉପରେ ମାଡି
ଯାଇଥିବା ମଧୁମାଳତୀ
ଖୋଜୁଥିବା ତୁମ ବର୍ଷା ଟିକକର
ମୋହ ସବୁକୁ
ତା'ସୁଖର ମାଠିଆ ଭିତରେ ପୁରେଇ
ହସୁ କି ନ ହସୁ; ସେ କିନ୍ତୁ ବାରିପାରେ
ତୁମ ଶୁଖିଲା ମାଟିର ଧୂନ୍
ତୁମ ଧୂସର ଧୂଳିର ତୂଳୀରେ
ଆଙ୍କିଦେଇପାରେ ତୁମ କଳ୍ପିତ ମୁହଁ,
ଲେଖିଦେଇପାରେ ଓଦା ହେବାର କବିତା !

ଏବେ କୁହ, କିଏ ତମେ ?
ମୁଁ କେବେ ଏମିତି ହଜୁଥିବା
କୋଳାହଳମୟ ଭିଡ଼
ନା, ମୁଁ ଭଲପାଉଥିବା
ଗୋଟେ ଓଦାଓଦା ନୀରବତା ?


+ବ୍ରହ୍ମପୁର, ଗଂଜାମ




# ପ୍ରୀତି ପାଇଁ

## ଲତିକା ମହାପାତ୍ର

ଦେଖିଚ କି କୁହ ନୀଳ ଆଖି ଧାରେ
ପ୍ରୀତିର ଅସୀମ ଗଭୀରତା ?
ମାପିଚ ବୁକୁର ତାତି ତୁମେ ପ୍ରିୟ
ଗୋଲାପି ଅଧର ମାଦକତା !

ଜଳୁଚି କେମିତି ଅଲିଭା ସେ ଶିଖା
ମୋ ଅନ୍ତରେ ରାତି ଋତୁ ଭରି ।
ଜୀବନ ଯୁଇରେ ଜଳୁଚି କେମିତି
ସମୟ ଆସୁଚି ସରି ସରି !

ସେ କେଉଁ ଲଗନେ କାହିଁକି କୁହତ
ପ୍ରେମ ଆସି ମୋତେ ଗଲା ଛୁଇଁ
ପଚାରି ପାଇନି କାରଣ କେମିତି
ଫୁଟିଗଲି ମୁଁ ଯେ ଫୁଲ ହୋଇ ।

ଜହ୍ନ ବଗିଚାରେ ତୋଳିବାକୁ ଘର
ସ୍ୱପ୍ନ ଯେ କେବେ ଦେଖିଥିଲି
ଅଧା ରାତିରେ ମୋ ଭାଙ୍ଗିଲା ସପନ
ଆଖିଲୁହେ ମୁଁ ଗୋ ଅନ୍ଧ ହେଲି ।

ସହଜ ନୁହଁଇ ପାଳିବା ଜଗତେ
ପବିତ୍ର ପ୍ରେମର ମହୋତ୍ସବ
ପ୍ରୀତି ନୁହେଁ ମିତ ମିଛ ବାଲିଘର
ସେ ତ ହୃଦୟର କଳରବ ।

ଲିଭେନା ସେ ନିଆଁ ଲାଗିଗଲେ ଥରେ
ଜଳିଯାଏ ଅବା ଜାଳିଦିଏ
ସେଇ ଦହନରେ ଜଳି ମରୁଥାଏ
ଅନନ୍ତ ଅସୀମ କାଳଯାଏଁ ।


+ତାଳଚେର, ଅର୍ମାଲ
ମୋ: ୯୮୬୧୩୮୫୫୩୯




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୯୫ ॥

ବ୍ୟାକୁଳ ଭାବରେ ତିନି ଭୁବନର ଲୋକ ମାନେ ବିଷ୍ଣୁଙ୍କର ହିଁ ଶରଣାପନ୍ନ ହୋଇଥିଲେ । ସେମାନେ ତାଙ୍କୁ ବ୍ୟାକୁଳ ଭାବେ ପ୍ରାର୍ଥନା କରି କହିଲେ କି, 'ହେ ପ୍ରଭୁମୟ ଦୈତ୍ୟର ମାୟାରେ ଆମ୍ଭେମାନେ ବହୁତ ସଙ୍କଟରେ ପଡି ଯାଇଛୁ । ସେଥିପାଇଁ ଆମେ ଆପଣଙ୍କର ଶରଣାପନ୍ନ ହୋଇଛୁ । ମୟଦୈତ୍ୟ ଏକ ତ୍ରିପୁର ବିମାନ ନିର୍ମାଣ କରିଛି । ତାହା ମଧ୍ୟରେ ନିରାପଦରେ ଥାଇ ସେ କିପରି କେଜାଣି ବାହାରର ସମସ୍ତ ଶତ୍ରୁ ମାନଙ୍କୁ ଦେଖିପାରୁଛି ଓ ପଲକ ମାତ୍ରକେ ବିନାଶ କରୁଛି । ସେହି ତ୍ରିପୁରକୁ କୌଣସି ବାଣ ବା ଶସ୍ତ୍ର ଭେଦ କରିପାରୁନାହିଁ । ଭିତର ଘୋର ଅନ୍ଧକାର ହୋଇଥିବାରୁ ଅସୁରମାନଙ୍କୁ ମଧ୍ୟ ଦେଖି ହେଉନାହିଁ । ଆମର ଏବେ ଉପାୟ କ'ଣ ଅଛି ?'

ଦେବତା ମାନଙ୍କ ପ୍ରାର୍ଥନା ଶୁଣି ତ୍ରିଲୋଚନ ଶିବ ତାଙ୍କୁ ଆଶ୍ୱାସନା ଦେଇ କହିଲେ , 'ତୁମ୍ଭେମାନେ ତାଙ୍କୁ ଭୟ କର ନାହିଁ । ସେହି ଅସୁରମାନଙ୍କୁ ମୁଁ ବିନାଶ କରିବି । ସେହି ମୟବଂଶୀମାନେ ବିଜ୍ଞାନ ବଳରେ ଦୂରବର୍ତ୍ତୀ ଗ୍ରହ, ନକ୍ଷତ୍ର, ସ୍ଥାନମାନ ଦେଖିବା ପାଇଁ ମଧ୍ୟ ଯନ୍ତ୍ର ମାନ ତିଆରି କରିଥାନ୍ତି । ଖୁବ୍ ଉଚ୍ଚ ବିମାନର ଖୁବ୍ ଉଚ୍ଚ କୋଠରୀକୁ କଳା ରଙ୍ଗର ଦ୍ରବ୍ୟରେ ଅନ୍ଧକାର କରିଛନ୍ତି । କାନ୍ଥରେ ଛୋଟ ବାତାୟନ ରନ୍ଧ୍ର ମାନଙ୍କ ସାହାଯ୍ୟରେ ସମଗ୍ର ଯୁଦ୍ଧ କ୍ଷେତ୍ରକୁ ଦେଖି ଉପରୁ ସେହି ବାଟେ ବାଣ ଓ ଅସ୍ତ୍ର ମାରୁଛନ୍ତି । ସେମାନେ ମାୟାବୀପୁରଞ୍ଜନ ମଧ୍ୟ ଉଚ୍ଚ ବୃକ୍ଷ ଶାଖାରେ ମଞ୍ଚ କରି ନିରାପଦରେ ଖରା ଓ ବର୍ଷାରେ ଯୁଦ୍ଧ କରୁଥିଲେ । ବୃକ୍ଷ ଓ ଇନ୍ଦ୍ର ତ ବନ୍ଧୁ । (ଓଡ଼ିଶାର ପଠାଣି ସାମନ୍ତ ଦୁଇଟା ବାଉଁଶ ନଳୀରେ ଗ୍ରହ, ନକ୍ଷତ୍ର ଏବଂ ଗୋଟିଏ ଦୋଳକରେ ଦୂର ପର୍ବତ ମାପୁଥିଲେ । ତେଣୁ ମୟ ହୁଏତ ଏହିପରି ଯନ୍ତ୍ର ମଧ୍ୟ ବ୍ୟବହାର କରୁଥିବା) ଶିବ ତାଙ୍କ ଧନୁ ଧରି ଅତ୍ୟନ୍ତ କ୍ରୋଧିତ ହୋଇ ଶରମାନ ବିନ୍ଧିବାରେ ଲାଗିଲେ ।

ତାଙ୍କ ଦୃଷ୍ଟିରୁ କେହି ମଧ୍ୟ ଅସୁର ବାଦ ଗଲେ ନାହିଁ । ଅସୁର ମାନଙ୍କର ମୁଣ୍ଡ, ହାତ ଓ ହୃଦୟ ଛିଣ୍ଡି ବିମାନ ଉପରେ ପଡି ରହିଲେ । ଜୀବନ୍ତ ଅବସ୍ଥାରେ ମଧ୍ୟ ଦଳେ ମହାଭୟ ପାଇବାରୁ ତଳେ ଖସି ପଡିଲେ । ତାହା ଦେଖି ମୟଦୈତ୍ୟ ପୁଣି ମାୟା ରଚନା କରି ଦେବତାଙ୍କୁ ଶର ପ୍ରହାର କରିବାରେ ଲାଗିଲା । ପାଣି ସହିତ ଅମୃତ ରସ (ବୋଧହୁଏ ଜଳରେ ଅମୃତ ରସ ରହିଅଛି) ଅସୁରମାନଙ୍କ ଦେହରେ ପଡିବାରୁ ସେମାନେ ପୁଣି ଚେତନା ପାଇ ବଜ୍ର କଠିନ ଦେହ ଧରି ଉଠି ପଡିଲେ । ଖୁବ ଶୀଘ୍ର ଉଠି ସୁରଗଣଙ୍କ ପାଖରେ ପହଞ୍ଚି ଗଲେ । ନାନା ପ୍ରକାର ଅସ୍ତ୍ର, ଶସ୍ତ୍ରଧରି ଦେବତା ଓ ଦାନବ ମାନେ ଲଢେଇ କରିବାରୁ ପୃଥିବୀ ଭୟରେ କମ୍ପିଉଠିଲା । ଭୟରେ ଦେବଗଣ ମାନେ ପଳାୟନ କରୁକରୁ 'ହେ ନାରାୟଣ ରକ୍ଷାକର' ବୋଲି ଚିତ୍କାର ଛାଡୁଥିଲେ । ଶଙ୍କର ସଂକଳ୍ପ ଭାଙ୍ଗିଯାଇଥିବାରୁ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କଲେ । ଶିବଙ୍କର ମନସ୍ତାପ ଦେଖି ବିଷ୍ଣୁ ବି କିଛି ନୂତନ ଉପାୟ ବାହାର କଲେ । ସେ ସୁରଭୀ ଗାଭୀର ରୂପ ଧାରଣ କରି ଯୋଗ ବଳରେ ବ୍ରହ୍ମାଙ୍କୁ ବାଛୁରୀ କଲେ । ସେ ସମସ୍ତ ରସକୁ ନିଜ ମଧ୍ୟରୁ ନିଃଶେଷ କରିଦେଲେ । କୌଣସି ଅସୁର ତାହା ନିରୋଧ କରି ପାରିଲେ ନାହିଁ । (ପୁସ୍ତକ ପଠନରୁ ମୁଁ ଅନୁମାନ କରୁଅଛି,ଏହା ଶକ୍ତିର ଏକ ରୂପାନ୍ତରକରଣ ବା ବଦଳ ପ୍ରକ୍ରିୟା । ପ୍ରକୃତିର ନିୟମ ଆଜି ମଳ, କାଲି ଫଳ, ଆଜି ଜଳ, କାଲି କ୍ଷୀର, ଆଜି ମାଂସ, କାଲି ମାଟି । ଯେପରି ପବନ, ଜଳ, ଅଣୁ, ସୂର୍ଯ୍ୟ କିରଣ ଆଦି ଶକ୍ତି ବିଦ୍ୟୁତ୍ ଶକ୍ତିରେ ରୂପାନ୍ତର କରାଯାଏ, ଅନ୍ତର୍ବିଜ୍ଞାନରେ ସେହି ପରି ସାଧନା ବଳରେ ମାଂସକୁ ଛେନା, ଘାସକୁ ମଣି, ମାଣିକ୍ୟରେ ପରିଣତ କରାଯାଏ । ଯେପରି ମଣିଷର ମୂତ୍ରାଶୟ ବଦଳ କରାଯାଉଛି, ସେହିପରି ରୋଗକୁ ସେମାନେ ଅନ୍ୟ ମଣିଷ, ଏପରିକି ଗଛଠାରେ ବଦଳ କରି ଦିଅନ୍ତି । ଶକ୍ତିକୁ ମଧ୍ୟ ଅନ୍ୟକୁ ବଦଳ କରିଥିବା ସମ୍ଭବ । ପ୍ରାୟ ବିଶ୍ୱର ସମସ୍ତ ସୃଷ୍ଟିର ମୂଳ ଉପାଦାନ ଏକ ହୋଇଥିବା) ମହାଦେବ ଆସୁରମାନଙ୍କୁ ଚାହିଁ କହିଲେ, 'ହେ ଦାନବ ମାନେ ! ସେ ଦେବତା ହେଉ, ଅସୁର ହେଉ ବା ନର ହେଉ ତାର କର୍ମଫଳ ବା ଭାଗ୍ୟ ଭୋଗ କରେ । କେହି ତାହାର ପ୍ରତିରୋଧ କରିପାରନ୍ତି ନାହିଁ । ତକ୍ଷଣେ ବିଷ୍ଣୁ ରୁଦ୍ରଙ୍କ ଶରୀର ମଧ୍ୟରେ ଯୋଗ ବଳରେ ତେଜ ଭର୍ତ୍ତି କରିଦେଲେ । ବିଷ୍ଣୁଙ୍କର ଶକ୍ତି ସ୍ୱରୂପ, ବୈରାଗ୍ୟ, ଜ୍ଞାନ, ଧର୍ମ, ତପ, ପ୍ରକ୍ରିୟା, ବିଦ୍ୟା, ସିଦ୍ଧି,ଏହି ସପ୍ତ ଗୁଣ, ସପ୍ତ ତେଜ, ରଥୀ, ସାରଥୀ (ବୋଧହୁଏ ଏସବୁ ବିଷ୍ଣୁଙ୍କ ଯୋଗ ଶକ୍ତି ବା ଅନ୍ତର୍ବିଜ୍ଞାନ ଶକ୍ତି) ସହ ମହାଧ୍ୱଜ, କୋଦଣ୍ଡ, ଧନୁ, ତୂଣ, ଶର ଆଦି ନାନା ଅସ୍ତ୍ର, ଶସ୍ତ୍ର ବିଷ୍ଣୁ ଶିବଙ୍କୁ ଯୋଗାଇଦେଲେ । ଠିକ ମଧ୍ୟାହ୍ନ ସମୟରେ ତେଜୋଦୀପ୍ତ ଶିବଧନୁ ଓ ବ୍ରହ୍ମଶର ସହିତ ଶିବ ବିମାନ ଉପରକୁ ଉଠିଗଲେ । ଏ ସମସ୍ତ ଅଗ୍ନି ବାଣକୁ ବିନ୍ଧି (ଏହା ପ୍ରାୟ ଯୋଗ ବଳରେ ଉତ୍ପନ୍ନ ଅଗ୍ନି ବମ୍ ପରି ହୋଇଥାଇପାରେ ।) ସେ ଅସୁରମାନଙ୍କୁ ରୁନ୍ଧି ପକାଇଲେ । ସେହି ଅଗ୍ନି ବାଣରେ ସେ ତ୍ରିପୁର ବିମାନକୁ ଦହନ କରିଦେଲେ । ଆକାଶରେ ଶତଶତ ବିମାନ ମାନ ଭାସି ବୁଲୁଥିଲା । ( ହୋଇପାରେ ବିଶାଳ ପକ୍ଷୀ ମାନଂକ ବାହିତ ଯାନ ବା ସାଧାରଣଙ୍କ ପାଇଁ ଅଦୃଶ୍ୟ ଏଲିଏନ ଶକ୍ତି । ଦୁନ୍ଦୁଭି ବାଦ୍ୟ ନାଦରେ ଆକାଶ କମ୍ପୁଥିଲା । ପିତୃ, ଦେବତା ଓ ସିଦ୍ଧ ମାନେ ପୁଷ୍ପ ବର୍ଷା କରୁଥିଲେ । ବ୍ରହ୍ମାଦି ଦେବତାମାନେ ଆନନ୍ଦରେ ସ୍ତୁତି କରୁଥିଲେ ।) ଏହିପରି ଜନନୀ ଦିତି, ଦନୁ ଓ ଦୈତ୍ୟମାନଙ୍କର ସମସ୍ତ ଆଶାକୁ ନିଷ୍ଫଳ କରି ସେହି ବିଷ୍ଣୁଙ୍କ ସହାୟତାରେ ମୟ ମଧ୍ୟ ମର୍ମ ବିଘାତୀ ବ୍ରହ୍ମ ଶରରେ ପରାଜିତ ହୋଇଗଲା !!

ସେତେବେଳେ ଇନ୍ଦ୍ର ନିଜର ଇନ୍ଦ୍ର ପଦ ପାଇ ଗର୍ବିତ ହୋଇ ଯାଇଥିଲେ । ସେ ସର୍ବଦା ଅପ୍ସରା ଓ ଗନ୍ଧର୍ବମାନଙ୍କ ସହିତ ନୃତ୍ୟ, ଗୀତ ଓ ବିଳାସ ବ୍ୟସନରେ ସମୟ ବିତା ଉଥିଲେ । ଦିନେ ସେ ଦେବସଭା ମଧ୍ୟରେ ଆସୀନ ଥିବା ସମୟରେ ତାଙ୍କର ଗୁରୁ ଅଙ୍ଗୀରସ ସେହି ସଭା ମଧ୍ୟରେ ପ୍ରବେଶ କଲେ । ଇନ୍ଦ୍ର ତାଙ୍କୁ ଗୁରୁ ବୋଲି ଜାଣିଥିଲେ ମଧ୍ୟ ଆସନରୁ ଉଠିଲେ ନାହିଁ । ଇନ୍ଦ୍ରଙ୍କର ଅବଜ୍ଞା ଦେଖି ଅଙ୍ଗୀର ସ ଅପମାନିତ ଭାବେ ସେହି ସଭାରେ ବସିଥିବା ସିଦ୍ଧ, ଗନ୍ଧର୍ବ, ଚାରଣ, ବିଦ୍ୟାଧରଙ୍କ ନିକଟରେ ଲଜ୍ଜିତ ହୋଇ ସଭାତ୍ୟାଗ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ଗୁରୁ ସେହି ସଭା ମଧ୍ୟରୁ ନିଷ୍କ୍ରାନ୍ତ ହେବା ପରେ ଇନ୍ଦ୍ରଙ୍କ ଅନ୍ତରାତ୍ମା ଅନୁତପ୍ତ ହୋଇ ଉଠିଲା । ସେ କ୍ଷମା ପ୍ରାର୍ଥନା କରି ବା ପାଇଁ ସଙ୍ଗେ ସଙ୍ଗେ ଗୁରୁଙ୍କ ମନ୍ଦିର ଅଭିମୁଖେ ଚାଲିଲେ । ମାତ୍ର ଅଙ୍ଗୀରସଙ୍କ ହୃଦୟର କ୍ଷୋଭ ସେପର୍ଯ୍ୟନ୍ତ ଦୂର ହୋଇନଥିଲା । ସେ ଇନ୍ଦ୍ରଙ୍କୁ ଦେଖିବା କ୍ଷଣି ଅନ୍ୟ ଦ୍ୱାର ଦେଇ ବାହାରକୁ ଚାଲିଗଲେ । ଇନ୍ଦ୍ର ସେଠାରେ ଉପସ୍ଥିତ ଥିବା ସମୟ ମଧ୍ୟରେ ସେ ଆଉ ସେଠାକୁ ଫେରିଲେ ନାହିଁ । ଅପେକ୍ଷା କରି କରି ଇନ୍ଦ୍ର କ୍ଲାନ୍ତ ହୋଇପଡିଲେ । ତାଙ୍କର ଆଉ ଧୈର୍ଯ୍ୟ ନଥିଲା । ନିରୂପାୟ ଭାବେ ସେ ଅମରାବତୀକୁ ଫେରି ଆସିଲେ ସତ ତଥାପି ତାଙ୍କ ମନ ଭିତରୁ ଆଶଙ୍କା ଦୂର ହେଲା ନାହିଁ । ଗୁରୁଙ୍କୁ ଅପମାନ ଦେଲେ, ଆତ୍ମାର କୁଶଳ ହେବ ନାହିଁ ଜାଣି ସେ ଚିନ୍ତିତ ହୋଇପଡିଲେ । ଇନ୍ଦ୍ରଙ୍କୁ ଚିନ୍ତିତ ହେବାର ଦେଖି ଦେବଗଣ ମଧ୍ୟ ଚିନ୍ତିଚ ଓ ଜୀର୍ଣ୍ଣ ହେବାରେ ଲାଗିଲେ । ଏମାନଙ୍କର ଏହି ବିଷାଦ ଚତୁର୍ମାଥ ବ୍ରହ୍ମାଙ୍କୁ ମଧ୍ୟ ବିଷାଦିତ କରିବାରେ ଲାଗିଲା ।

'ଦେବଗଣ ! ଗୁରୁଙ୍କୁ ଅସନ୍ତୁଷ୍ଟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ । ଏବେ ଶତ୍ରୁମାନେ ବଳବାନ ହୋଇ ଏହି ସୁଯୋଗରେ ସ୍ୱର୍ଗପୁରକୁ ଲୁଣ୍ଠନ କରିବେ । ଦେଖ, ଶୁକ୍ରାଚାର୍ଯ୍ୟଙ୍କୁ ଆରାଧନା କରି ସର୍ବଦା ସମ୍ମାନିତ କରିବାରୁ ଦାନବ ମାନେ ଐଶ୍ୱର୍ଯ୍ୟ ଭୋଗ କରୁଛନ୍ତି । ତେଣୁ ତୁମ୍ଭେମାନେ ଖୁବ ଶୀଘ୍ର ଯାଇ ବିଶ୍ୱରୂପଙ୍କୁ ପୁରୋହିତ ଗୁରୁ ରୂପେ ବରଣକର । ସେ ହେଉଛନ୍ତି ତ୍ୱଷ୍ଟା ପ୍ରଜାପତି (ଏହି ତ୍ୱଷ୍ଟା ଅଦିତିଙ୍କର ପୁତ୍ରତ୍ୱଷ୍ଟା ମଧ୍ୟ ହୋଇପାରନ୍ତି) ଓ ଦୈତ୍ୟ ତନୟା ରଚନାଙ୍କର ପୁତ୍ର । ତାଙ୍କର ପୌରହିତ୍ୟରେ ଦେବତା ମାନଙ୍କର ସମସ୍ତ ଶୁଭ ପ୍ରାପ୍ତହେବ' ।

ବ୍ରହ୍ମାଙ୍କଠାରୁ ପରାମର୍ଶପାଇ ଦେବତା ମାନେ ବିଶ୍ୱରୂପଙ୍କ ନିକଟରେ ପହଞ୍ଚିଲେ । ବିଶ୍ୱରୂପ ନିଜେ ଅତ୍ୟନ୍ତ ଦରିଦ୍ର ଥିଲେ । ସେ କ୍ଷେତରୁ ଧାନ୍ୟାଦି ଗ୍ରହଣ କରି ଜୀବନ ଧାରଣ କରୁଥିଲେ । ସେ ବିନୀତ ଭାବରେ କହିଲେ,'ମୁଁ ପୁରୋହିତ କାର୍ଯ୍ୟ କରି ଲୋକମାନଙ୍କ ମଧ୍ୟରେ ନିନ୍ଦିତ ହେବାକୁ ଚାହେଁନାହିଁ । କିନ୍ତୁ ଯେଉଁ ମନ୍ତ୍ରର ପ୍ରସାଦରୁ ତୁମେ ଦାନବମାନଙ୍କ ସମାନ ଐଶ୍ୱର୍ଯ୍ୟ ପ୍ରାପ୍ତହେବ, ମୁଁ ତାହା ତୁମ୍ଭକୁ କହିପାରିବି । ପ୍ରଥମେ ନାରାୟଣ କହି ଓଁକାର କରିବ । ଦ୍ୱାଦଶ ବିଦ୍ୟା ସହ ଅଙ୍ଗନ୍ୟାସ କରି ବିଶୁଦ୍ଧ ଚିତ୍ତରେ ପ୍ରଣବ କରିବ । ତର୍ଜନୀ ଆଦି ଅଙ୍ଗୁଳି ଦ୍ୱାରା କ୍ରମିକ ଭାବରେ ମନ୍ତ୍ରକୁ ନ୍ୟାସ କରି ହୃଦୟରେ ଓଁକାର, ମସ୍ତକରେ ବିକାର, ଭ୍ରୁଯୁଗରେ ସକାର ଦେବ, ଶକାର ଶିଖାରେ ବସାଇବ, ବକାର ନୟନ ଓ ନକାର, ମ କାର ସନ୍ଧିରେ ନ୍ୟାସ କରି ଓଁକାରକୁ ସ୍ମରଣ କରିବ । ବିଷ୍ଣୁଙ୍କ ନାମ ଉଚ୍ଚାରଣ କରି ପ୍ରଥମେ ଓଁକାର ଦେଇ ଯେ ପରମାତ୍ମା ତାଙ୍କୁ ଧ୍ୟାନ କରିବ । ....। (ମୋ ପରି ସାଧାରଣ ମଣିଷ ପକ୍ଷରେ ଏହି ଜ୍ଞାନ ଅବୋଧ ଅଟେ ।)

ଇନ୍ଦ୍ର ବିଶ୍ୱରୂପଙ୍କଠାରୁ ଏହି ମହାବିଦ୍ୟା ଶିକ୍ଷା ପାଇ ଯୁଦ୍ଧରେ ଦୈତ୍ୟ ମାନଙ୍କୁ ଜିଣି ତ୍ରୈଲୋକ୍ୟ ଲକ୍ଷ୍ମୀ ଭୋଗ କରିଥିଲେ । କିନ୍ତୁ ବିଶ୍ୱରୂପଙ୍କର ଏହି ଉପକାର ପାଇଁ ସେ ତାଙ୍କ ନିକଟରେ କୃତଜ୍ଞ ରହିଥିଲେ କି ? (କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ବିକାଶ ମେଳାର ଷଷ୍ଠ ଦିବସ: କୃଷକ ସଶକ୍ତି କରଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୧୮/୬ (ନି.ପ୍ର): ବିକାଶ ମେଳା ୨୦୨୫ ନୂତନ ସରକାରଙ୍କ ଯୋଜନା ସେବା , ସୂଚନା ଓ ହିତାଧିକାରୀ ଯୋଗାଯୋଗର ଏବଂ ବିକଶିତ ଓଡ଼ିଶା ଗଠନ ରେ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ମୁଖ୍ୟ ସ୍ରୋତରେ ସାମିଲ କରି ସୁଫଳ ପ୍ରତିଫଳନ କୁ ଘରେ ଘରେ ପରିଚିତ କରିବା ଓ ଓଡ଼ିଶାକୁ ସମଗ୍ର ଦେଶରେ ପ୍ରସିଦ୍ଧି କରାଇବା ଲକ୍ଷ୍ୟ ନେଇ ମେଳାର ଆୟୋଜନ ହୋଇଛି ବୋଲି ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ହାବେଳୀ ପଡିଆ ମଞ୍ଚରେ ଯୋଗଦେଇ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଆୟୋଜିତ କୃଷକ ସମ୍ବର୍ଦ୍ଧନା ସମାରୋହରେ ଉଦବୋଧନ ଦେଇଛନ୍ତି । କୃଷି ପ୍ରଧାନ ଭାରତବର୍ଷ ଓ ଓଡ଼ିଶାର କୃଷକ ମାନଙ୍କ ଉନ୍ନତି, ଚାଷୀଙ୍କୁ ସରକାରଙ୍କ କୃଷି ଯୋଜନାରେ ସାମିଲ କରି ସୁଫଳ ସହ ନୂତନ ଏକ ବର୍ଷ ର ସରକାର ଅନେକ ଯୋଜନା ସନିବାସହ ସେମାନଙ୍କ ଉନ୍ନତିକୁ ବହୁଗୁଣରେ ସାକାର କରିବାକୁ ଅଙ୍ଗିକାରବଦ୍ଧ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରି ଥିଲେ । ଏହି କାର୍ଯ୍ୟ କ୍ରମରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ,ଉଦ୍ୟାନ କୃଷି,ଜଳ ବିଭାଜିକା ପ୍ରକଳ୍ପ ଓ ସମବାୟ ବିଭାଗ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ରବିନାରାୟଣ ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଚାଷୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୮ ଜଣ, ମତ୍ସ୍ୟ ପୋଖରୀ ଯୋଜନାରେ ୧୩ ଜଣ, ଶ୍ରୀ ଅନ୍ନ ଅଭିଯାନରେ ୧୮ ଜଣ, ସମବାୟ ବିଭାଗର କିଶାନ କ୍ରେଡିଟ କାର୍ଡ ୫ଟି ଦଳର ୨୫ଜଣ ଙ୍କୁ ବଣ୍ଟନ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ର୨୩ ଜଣଙ୍କୁ କୁକୁଡ଼ା ଫାର୍ମ କାର୍ଯ୍ୟାଦେଶ,ଜଳ ବିଭାଜିକା ପ୍ରକଳ୍ପ ଅଧୀନରେ ୧୨ଜଣଙ୍କୁ କ୍ଷେତ ପୋଖରୀ କାର୍ଯ୍ୟାଦେଶ ବଣ୍ଟନ, ୫ଜଣ ଚାଷୀଙ୍କୁ ଧନିଚା ଚାଷ ବିହନ, ୬ଜଣ ଚାଷୀଙ୍କୁ ମାଣ୍ଡିଆ ବିହନ ବଣ୍ଟନ କରାଯାଇଥିଲା । ସମନ୍ୱିତ କୃଷି ପଦ୍ଧତି ପାଇଁ ୭ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ଓ ୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଆକର୍ଷଣୀୟ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଫୁଲବାଣୀରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ, ୧୮/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଚଳିତ ବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଜିଲ୍ଲାପାଳ ଅମୃତ ?୍ ଋତୁରାଜ ?୍ ଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ପୂର୍ବ ବର୍ଷମାନଙ୍କପରି ଚଳିତ ବର୍ଷ ମଧ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବିଶେଷକରି ରାସ୍ତା ଓ କୋଠାବାଡ଼ି, ପୋଲିସ , ପୌର ପରିଷଦ,ଟାଟା ପାଓ୍ୱାର, ଜନ ସ୍ୱାସ୍ଥ୍ୟ, ଅବକାରୀ,ଉଦ୍ୟାନ କୃଷି, ସଂସ୍କୃତି ଆଦି ବିଭାଗ ତରଫରୁ ମିଳୁଥିବା ସହଯୋଗ ଉପରେ ଜିଲ୍ଲାପାଳ ଆଲୋଚନା କରିଥିଲେ। ଯେହେତୁ ମାଉଷୀମାଆ ମନ୍ଦିର ଟିକେ ଦୂରରେ ଅଛି, ଯଦି ସନ୍ଧ୍ୟା ସୁଦ୍ଧା ରଥ ମନ୍ଦିରକୁ ନ ପହଂଚେ, ତେବେ ରଥ ଟଣା କାର୍ଯ୍ୟକ୍ରମ ସନ୍ଧ୍ୟା ପରେ ନକରି ରଥ ଯେଉଁ ସ୍ଥାନକୁ ପହଂଚିଛି ସେ ସ୍ଥାନରେ ରହି ତା ପରଦିନ ରଥ ଟଣା କାର୍ଯ୍ୟକ୍ରମକୁ ଚାଲୁକରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ପ୍ରାରମ୍ଭରେ, ବୈଠକର ଆବାହକ ତଥା ଫୁଲବାଣୀ ଉପ-ଜିଲ୍ଲାପାଳ ଭିକାରୀ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକଙ୍କ ଆଲୋଚନାରୁ, ପ୍ରକାଶ ଯେ, ତା ୨୬.୦୬.୨୦୨୫ ପ୍ରାତଃ ୭ଟାରେ ନେତ୍ରୋତ୍ସବ ପୂଜା ଆରମ୍ଭ, ଦିବା ୧୦ଟା ୩୦ ମି.ରେ ନବଯୌବନ ଦର୍ଶନ, ଦିବା ୧୧ଟା ରେ ରଥ ପ୍ରତିଷ୍ଠା, ତା. ୨୭.୦୬.୨୦୨୫ ରିଖ ପ୍ରାତଃ ୪ଟା ୩୦ ଠାରୁ ଦିବା ୧୨ଟା ୩୦ ପର୍ଯ୍ୟନ୍ତ ମଙ୍ଗଳ ଆଳତୀ, ରୋଷଘର ହୋମ, ମଇଲମ ତଡ଼ପଲାଗି, ସୂର୍ଯ୍ୟ ପୂଜା, ଦ୍ୱାରପାଳଙ୍କ ପୂଜା, ଅବକାଶ, ରାଜଙ୍କୁ ନିମନ୍ତ୍ରଣ, ପୂଜା ଓ ମଙ୍ଗଳାର୍ପଣ, ପହଣ୍ଡି ଆରମ୍ଭ, ଛେରା ପହଁରା, ପ୍ରସାଦ ସେବନ ଇତ୍ୟାଦି ସମସ୍ତ ପୂଜାବିଧି ପରେ ଦିବା ୧ଟା ୩୦ ସମୟରେ ରଥ ଟଣା କାର୍ଯ୍ୟ ଆରମ୍ଭ ହେବ । ସେହିପରି ଭାବରେ ତା.୦୫.୦୭.୨୦୨୫ ରିଖ ପ୍ରାତଃ ୪ଟା ୩୦ ଠାରୁ ଦିବା ୧୨ଟା ୩୦ ପର୍ଯ୍ୟନ୍ତ ମଙ୍ଗଳ ଆରତୀ, ମଇଲମ ଓ ତଡ଼ପଲାଗି, ଅବକାଶ, ସ୍ନାନ ଓ ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ରାଜାଙ୍କୁ ନିମନ୍ତ୍ରଣ, ରଥ ଶୁଦ୍ଧିକରଣ, ମଙ୍ଗଳାର୍ପଣ, ଠାକୁରଙ୍କ ପହଣ୍ଡି ଆରମ୍ଭ, ଛେରା ପହଁରା ଓ ଆଳତୀ, ପ୍ରସାଦ ସେବନ ଇତ୍ୟାଦି କାର୍ଯ୍ୟ ପରେ ଦିବା ୧ଟା ୩୦ମି. ସମୟରେ ବାହୁଡ଼ା ଯାତ୍ରା ପାଇଁ ରଥ ଟଣା କାର୍ଯ୍ୟ ଆରମ୍ଭ ହେବ । ତା.୦୬.୦୭.୨୦୨୫ ରିଖ ରବିବାର ସନ୍ଧ୍ୟା ୫ଟା ଠାରୁ ସୁନାବେଶ, ତା.୦୭.୦୭.୨୦୨୫ ରିଖ ସୋମବାର ରାତ୍ରି ୭ଟା ୩୦ ଗତେ ଠାକୁରଙ୍କର ଅଧରପଣା ଭୋଗ, ତା.୦୮.୦୭.୨୦୨୫ ରିଖ ମଙ୍ଗଳବାର ସନ୍ଧ୍ୟା ୭ଟା ୩୦ ଗତେ ଶ୍ରୀଜୀଉଙ୍କର ନୀଳାଦ୍ରୀ ବିଜେ ଉତ୍ସବ ଅନୁଷ୍ଠିତ ହେବ।

# ରେମୁଣାର ତୀର୍ଥସ୍ଥଳୀମାନଙ୍କୁ ନେଇ ପର୍ଯ୍ୟଟନ କରିଡର ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର



ରେମୁଣା, ୧୮/୬ (ନି.ପ୍ର): ରେମୁଣାରେ ଥିବା ବିଭିନ୍ନ ଐତିହାସିକ, ପୌରାଣିକ ଓ ଆଧ୍ୟାତ୍ମିକ ପୀଠସ୍ଥଳୀ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଘେରା ସ୍ଥାନର ବିକାଶ ସହିତ ଏକ କରିଡର ବ୍ୟବସ୍ଥା କରିବାକୁ 'ପର୍ଯ୍ୟଟନ ବିକାଶ ମଞ୍ଚ' ରେମୁଣା, ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଆଲୋଚନା କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି । ମଞ୍ଚର ସଭାପତି ସାମ୍ବାଦିକ ଲକ୍ଷ୍ମୀଧର ଗା'ଣ ଏ ସମ୍ପାଦକ ଅଦ୍ୱୈତ୍ୟ କୁମାର ଦାସଙ୍କ ନେତୃତ୍ୱରେ ସାମ୍ବାଦିକ ସୁରେଶ ଦାସ, ଶିଳ୍ପୀ କେଶୁ ଦାସ, ହରେକୃଷ୍ଣ ଗିରି, ପ୍ରଦୀପ ଜେନା, ବିନୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଦେବେନ୍ଦ୍ର ମଣ୍ଡଳ, ଉମେଶ ଚନ୍ଦ୍ର ମଣ୍ଡଳ ପ୍ରମୁଖ ସାମିଲ ଥିଲେ। ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ହୋଇଥିବା ଆଲୋଚନା ବେଶ୍ ସକାରାତ୍ମକ ଥିଲା । ଏନେଇ ବିସ୍ତୃତ ପ୍ରକଳ୍ପ ଖସଡ଼ା (ଡିପିଆର) ପ୍ରସ୍ତୁତ ପାଇଁ ଜିଲାପାଳଙ୍କୁ କୁହାଯିବ ବୋଲି ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ । ସୂଚନାଯୋଗ୍ୟ ଯେ ରେମୁଣାର ଦୁର୍ଗାଦେବୀ, ଭୀମେଶ୍ୱର, କନକଦୁର୍ଗା, କ୍ଷୀରଚୋରା ସଂଲଗ୍ନ ପଂଚତୀର୍ଥ, ସୋନ-ଗଙ୍ଗାହର-ବୁଢ଼ାବଳଙ୍ଗର ସଙ୍ଗମସ୍ଥଳ ତ୍ରିବେଣୀ ଏବଂ ପ୍ରସିଦ୍ଧ ଟୀକାକର ପଣ୍ଡିତ ଶ୍ରୀଧରସ୍ୱାମୀ ଏବଂ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମ ପୀଠକୁ ନେଇ ଏକ କରିଡର କରିବାର ପ୍ରସ୍ତାବ ଉପରେ ମଞ୍ଚ ପକ୍ଷରୁ ଏକାଧିକ ଥର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି ।

OFFICE OF THE PRINCIPAL,
R.I.H.S., BHOGRAI
BALASORE,ODISHA
TENDER CALL NOTICE

NO:- 431 DATE:-18/06/2025

Sealed tenders in the prescribed format are invited from registered firms/dealers/suppliers having valid GST registration, PAN & IT clearance for supply of IT equipment's to the college so as to reach the undersigned through Registered Post/ Speed Post by 2.00pm on or before 25.06.2025. The Tender paper is available in the college office . The undersigned reserves the right to accept or reject any or all bids or parts without assigning any reason what-so-ever.

Sd/- Principal

# ମାଛ ଚାଷକରି ପାଣି ଦୂଷିତ କରିବାକୁ ନେଇ ଉପଜିଲ୍ଲାପାଳଙ୍କ ଠାରେ ଫେରାଦ



ନୀଳଗିରି, ୧୮/୬ (ନି.ପ୍ର): ଗାଁର ପୋଖରୀକୁ ସ୍ଥାନୀୟବାସିନ୍ଦା ବ୍ୟବହାର କରୁଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉକ୍ତ ପୋଖରୀରେ ମାଛଚାଷ କରିଆସୁଥିବା ବେଳେ, ମାଛ ଦାନା ଠାରୁ ଆରମ୍ଭକରି କୁକୁଡ଼ା ପୁଷ୍ଟି, ଛେଳି ପୁଷ୍ଟି, ନାଡ଼, ୟୁରିଆ ସାର, ମାଛ ଦାନା, ମାଛ ବଢ଼ିବା ପାଇଁ ବିଭିନ୍ନ ପ୍ରକାରର ଉନ୍ନତ ମାନର ରାସାୟନିକ ପଦାର୍ଥ ପ୍ରୟୋଗ କରିବା ଫଳରେ ପାଣିଟି ବିଷାକ୍ତ ହୋଇଛି । ଫଳରେ ପାଣି ଦୂଷିତ କୁ ନେଇ ବସ୍ତି ବାସିନ୍ଦା ଉପଜିଲ୍ଲା ପାଳଙ୍କ ଠାରେ ଦ୍ୱାରସ୍ଥ ହୋଇଛନ୍ତି । ଏଭଳି ଏକ ସମ୍ବେଦନ ଶିଳ ଘଟଣା ନୀଳଗିରି ଏନଏସି ଅନ୍ତର୍ଗତ କାହାଳିଆ ମୌଜାର ପଡ଼ା ଗ୍ରାମ - ପୋଖରୀସାହି ରେ ଥିବା ଉକ୍ତ ପୋଖରୀରେ ଦେଖିବାକୁ ମିଳିଛି । କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ଏହି ପୋଖରୀରେ ମାଛ ଚାଷ କରିବା ଫଳରେ ପାଣି ବିଷାକ୍ତ ହୋଇ ବ୍ୟବହାର ଅନୁପଯୋଗୀ ହୋଇଯାଇଛି । ବିଶେଷ କରି ପୋଖରୀ ସାହିରେ ୭୫୦ରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି । ଉକ୍ତ ପୋଖରୀ ଉପରେ ଲେଙ୍କାସାହି ଓ ସିମୁଳିଆ ମୌଜାର ଲୋକମାନେ ନିର୍ଭରଶୀଳ କରନ୍ତି । ପାଞ୍ଚ ବର୍ଷ ହେବ ଉକ୍ତ ପୋଖରୀକୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ମାଛ ଚାଷ କରିବା ଫଳରେ ସାଧାରଣ ଲୋକ ପାଣି ବ୍ୟବହାର କରିପାରୁ ନାହାନ୍ତି । ଏଭଳି ରାସାୟନିକ ସାର ଓ କୁକୁଡ଼ା ଖାଦ୍ୟ ପାଇଁ ବିଷାକ୍ତ ହେବା ଦ୍ୱାରା ଉକ୍ତ ପୋଖରୀ ପାଣିଙ୍କୁ ଗୋରୁଗାଈ ପିଇବା ଯୋଗୁଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଏନେଇ ଆଜି ଗ୍ରାମର ପ୍ରିୟଙ୍କା ଦାସ, ଦେବସ୍ମିତା ମହାନ୍ତି, ସାରସ୍ୱତୀ ମହାନ୍ତି, ସୁମତି ମହାନ୍ତି, ଚୁନିଲତା ବେହେରା, ନିରୁପମା ବେହେରା, ସେବତୀ ରାଣୀ ବେହେରା, ଶକୁନ୍ତଳା ବେହେରା, ସସ୍ମିତା ବେହେରା ପ୍ରମୁଖ ବାସିନ୍ଦା ନୀଳଗିରି ଉପଜିଲ୍ଲା ପାଳ ଙ୍କ ଠାରେ ଫେରାଦ ହୋଇ ଏକ ଲିଖିତ ଅଭିଯୋଗ ଦେଇଥିବା ବେଳେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ନହେଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜଣା ପଡ଼ିଛି । ଏଠାରେ ସୂଚନା ଯୋଗ୍ୟ ଉକ୍ତ ପୋଖରୀ ୧୮ଶହ ଶତାବ୍ଦୀରୁ ଖୋଳା ଯାଇଥିଲେ ହେଁ ୨୦୧୭ମସିହାର ପର୍ଯ୍ୟନ୍ତ କୌଣସି ମାଛ ଚାଷ କରାଯାଉ ନଥିଲା ।

# ଯୁବତୀକୁ ପ୍ରତାରଣା: ଅଭିଯୁକ୍ତ ଗିରଫ

ଜୟପୁର, ୧୮/୬ (ନି.ପ୍ର): ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଦୁଇଟି ସନ୍ତାନର ଜନକକୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ନବରଙ୍ଗପୁର ଜିଲା ଖାତିଗୁଡା ଥାନା ବଙ୍ଗଳାଗୁଡା ଗ୍ରାମର ମଂଟୁ ଉତ୍ରା (୨୭) । ସୂଚନା ଅନୁଯାଇ ନବରଙ୍ଗପୁର ଜିଲା ଖାତିଗୁଡା ଥାନା ବଙ୍ଗଳାଗୁଡା ଗ୍ରାମର ମଂଟୁ ଉତ୍ରା (୨୭) ଜୟପୁର ଅଂଚଳର ଜଣେ ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା । ପରେ ବିବାହ କରିବାକୁ ମନା କରି ପ୍ରତାରଣା କରିଥିଲା । ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରିଛି ।

ADMISSION OPEN
BAISINGA
I.T.I
: TRADE :
FITTER & ELECTRICIAN
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296
7846866623, 8327799536

# ହାତୀ ଆକ୍ରମଣରେ ଯୁବକ ଆହତ

ଚମ୍ପୁଆ, ୧୮/୬ (ନି.ପ୍ର): ହାତୀ ଦେଖିବାକୁ ଯାଇ ହାତୀ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଥିବା ଜଣାପଡ଼ିଛି । ଯୁବକ ଜଣଙ୍କୁ ଚିକିତ୍ସା ପାଇଁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଆଜି ଅପରାହ୍ନ ପ୍ରାୟ ଛଅ ଘଟିକା ସମୟରେ ଚମ୍ପୁଆ ବନାଞ୍ଚଳ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବିଟ୍ ଝାଲିଆବେଡା ଜଙ୍ଗଲରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଯୁବକ ଜଣଙ୍କ ହେଲେ ଚମ୍ପୁଆ ବ୍ଲକ ପର୍ଶଲା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଚିତ୍ରସେନ ମହାନ୍ତଙ୍କ ପୁଅ ଗୁରୁଚରଣ ମହାନ୍ତ (୧୭) କ୍ଷ ଗୁରୁଚରଣ ଆଜି ଅପରାହ୍ନରେ ଝାଲିଆବେଡା ଜଙ୍ଗଲକୁ ହାତୀ ଦେଖିବାକୁ ଯାଇଥିବା ବେଳେ ଏହି ଜଙ୍ଗଲରେ ଥିବା ଗୋଠ ଛଡ଼ା ଦନ୍ତା ହାବୁଡରେ ପଡିଥିଲେ । ହାତୀଟି ଗୁରୁଚରଣଙ୍କୁ ଶୁଣ୍ଢରେ ବାଡେଇ ଦେବାରୁ ତାଙ୍କର ଗୋଟିଏ ଗୋଡ ଭାଙ୍ଗିବା ସହିତ ସେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ବନ କର୍ମଚାରୀମାନେ ସଙ୍ଗେ ସଙ୍ଗେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ବିଭାଗରେ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ କରିବା ଲକ୍ଷ୍ୟରେ ମକ୍ ଡ୍ରିଲ୍ ଆୟୋଜିତ



ରାଉରକେଲା, ୧୮/୬ (ନି.ପ୍ର): ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷରେ ଜୁନ୍ ୧୭ ତାରିଖ ଦିନ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ନୂତନ ପ୍ଲେଟ୍ ମିଲ୍ ବିଭାଗର ଫର୍ଣ୍ଣେସ୍ ନିକଟସ୍ଥ ମେନିଫୋଲ୍ଡ ଅଞ୍ଚଳରେ କାଳ୍ପନିକ ମିକ୍ସଡ ଗ୍ୟାସ୍ ଲିକେଜ୍ ପରିସ୍ଥିତିକୁ ଅନୁକରଣ କରି ଏକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ କରାଯାଇଥିଲା।

ନୂତନ ପ୍ଲେଟ ମିଲ ଏବଂ ଏସପିପି ବିଭାଗ ର ସି ଜି ଏମ୍ ଶ୍ରୀ ଆର କେ ବିଶାରେଙ୍କ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଅଗ୍ନିଶମ ବିଭାଗର ଜିଏମ ଶ୍ରୀ ଜୀବନ ବଲ୍ଲଭ ପଟ୍ଟନାୟକ, ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା, ଏନପିଏମ ମେକାନିକାଲ ବିଭାଗର ଜି ଏମ୍ ଏବଂ ଏଚ ଓ ଏସ ତଥା ସାଇଟ୍ ଇନସିଡେଣ୍ଟ କଣ୍ଟ୍ରୋଲର, ଶ୍ରୀ ସୁଧାକର ସୁବ୍ରମଣ୍ୟମ୍, ଅପରେସନ ବିଭାଗ ର ଜି ଏମ୍ ଇନ ଚାର୍ଜ ଶ୍ରୀ ନୀଳମଣି ମହାପାତ୍ର, ଇଲେକ୍ଟ୍ରିକାଲ୍ ବିଭାଗ ର ଜି ଏମ୍ ଇନ ଚାର୍ଜ ଶ୍ରୀ ଅମିତ ରାଓ୍ୱତ, ଡି ଏସ ଓ ଶ୍ରୀ ସୁମନ କୁମାର, ଏବଂ ଏ ଏସ ଓ ସୁଶ୍ରୀ ପ୍ରଜ୍ଞା ନାଥ ଏହି ଅଭ୍ୟାସ ଆୟୋଜନରେ ସହଯୋଗ କରିଥିଲେ। ଆରଏସପିରେ ଜାରି ବୈଧାନିକ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରୋଟୋକଲର ଏକ ଅଂଶ ଭାବେ ଏହି କାଳ୍ପନିକ ଅଭ୍ୟାସ ସମ୍ପନ୍ନ କରାଯାଇଥିଲା। ଏଥିରେ ଅନସାଇଟ୍ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ଦକ୍ଷତା ଏବଂ ପ୍ରସ୍ତୁତିକୁ ସୁଦୃଢ କରିବା ଲକ୍ଷ୍ୟ ରଖାଯାଇଛି।

ଉକ୍ତ ମକ୍ ଡ୍ରିଲ୍ ମାଧ୍ୟମରେ ମିଶ୍ରିତ ଗ୍ୟାସ ଲିକେଜ ଓ ଅଗ୍ନିକାଣ୍ଡର ଏକ କାଳ୍ପନିକ ସ୍ଥିତିରେ ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓ ଏଚ ଏସ ସି), ଶକ୍ତି ପ୍ରବନ୍ଧନ ବିଭାଗ (ଇ ଏମ୍ ଡି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସି ଆଇ ଏସ ଏଫ ଙ୍କ ସମେତ ପ୍ରମୁଖ ବିଭାଗଗୁଡ଼ିକ ତ୍ୱରିତ ପଦକ୍ଷେପ ଗ୍ରହଣ ସହକାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଆରଏସପିର ଏକାଧିକ ବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ସମର୍ପିତ ଉଦ୍ଧାରକାରୀ, ଆନୁଷଙ୍ଗିକ ଓ କମ୍ବାଟ ଦଳ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ ଆଧାରରେ କାର୍ଯ୍ୟ କରିଥିଲେ। ପ୍ରତିକ୍ରିୟା ସମୟ, ଆନ୍ତଃ ଏଜେନ୍ସି ସମନ୍ୱୟ ଏବଂ ମାନକ କାର୍ଯ୍ୟ ପ୍ରକ୍ରିୟା (ଏସଓପି) ପାଳନ ଭଳି ପ୍ରମୁଖ ପାରାମିଟରଗୁଡ଼ିକୁ ମୂଲ୍ୟାଙ୍କନ କରାଯାଇଥିଲା। ଶିଳ୍ପ କ୍ଷେତ୍ରରେ ଜରୁରୀକାଳୀନ ପରିସ୍ଥିତିରେ ଉଚ୍ଚ ସତର୍କତା ଏବଂ ଶୀଘ୍ର ପ୍ରତିକ୍ରିୟାଶୀଳତା କୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ରେ ଆର ଏସ ପି ର ରଣନୈତିକ କାର୍ଯ୍ୟକ୍ଷମ ୟୁନିଟ୍ ଗୁଡ଼ିକରେ ଏପରି ମକ୍ ଡ୍ରିଲ୍ ନିୟମିତ ଭାବରେ ଅନୁଷ୍ଠିତ ହେଉଛି। ଏକ ବିଶ୍ଳେଷଣ ଏବଂ ମୂଲ୍ୟାଙ୍କନ ଅଧିବେଶନ ସହିତ ଏହି ଅଭ୍ୟାସ ଶେଷ ହୋଇଥିଲା ଯାହା ଶିକ୍ଷଣ ଏବଂ ଅଧିକ ଉନ୍ନତି ପାଇଁ କେତେକ ଗୁରତ୍ୱପୂର୍ଣ୍ଣ ଅଞ୍ଚଳ ଚିହ୍ନଟ କରିଥିଲା ।

ନାମ ଲେଖା ଚାଲୁଅଛି
SAI SADHANA
ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର
୧ମରୁ ୧୦ମ. (ଓଡ଼ିଆ ମାଧ୍ୟମ)
ସାଇ ସାଧନା+୨ ସାଇନ୍ସ ଏବଂ ଆର୍ଟସ (ଉଦଳା)
ସାଇ ସାଧନା + ୩ ସାଇନ୍ସ
Hons : Phy., Chem., Math., Comp. Sc, Bot, Zool
ରେସିଡେନସିଆଲ / ଡେ ବୋର୍ଡିଂ
ସାଇସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
(+୨ ବିଜ୍ଞାନ ଓ କଳା)
Contact : 9437294587, 9438317887

# ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କୁ ଆକ୍ରମଣ: ଥାନାରେ ଏତଲା

ମାଲକାନଗିରି, ୧୮/୬ (ନି.ପ୍ର): ଗତ ୧୫ତାରିଖ ଦିନ ଏକ ନାବାଳିକା ଶିଶୁ କନ୍ୟା ଗୁରୁତର ହୋଇ ମେଡିକାଲ ରେ ଚିକିତ୍ସିତ ହେବା ସମୟରେ ମୃତ୍ୟୁ ଘଟଣାକୁ ନେଇ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥୁଲା ଓ ତେବେ ଏହି ସମୟରେ ନାବାଳିକା ର ପରିବାର ଲୋକେ ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ ଆଣିବା ଦୀର୍ଘ ସମୟ ଧରି ମେଡ଼ିକାଲ ରେ ଉତେଜନା ପ୍ରକାଶ ପାଇବା ପରେ ବରିଷ୍ଠ ଡାକ୍ତର ସପନ ଦିଣ୍ଡାଙ୍କୁ ମାଡ଼ ମାରିବା ସହ ଦୁର୍ବ୍ୟବହାର କରିଥିଲେ ଓ ତେବେ ଏହି ଘଟଣା କୁ ନେଇ ମୃତ ଶିଶୁ କନ୍ୟାର ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଆଜି ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ମାନେ ଡ୍ୟୁଟି ସମୟରେ ଆକ୍ରମଣ କୁ ବିରୋଧ କରିବା ସହ ଜୀବନ ପ୍ରତି ବିପଦ ଥିବାରୁ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଓ ଏନେଇ ନିଜେ ଡଃ ସପନ କୁମାର ଦିଣ୍ଡା ଥାନାରେ ଅଭିଯୋଗ କରିଥିବା ବେଳେ ମେଡ଼ିକାଲ ର ବହୁ ଡାକ୍ତର ଓ ସହଯୋଗୀ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଏହିଭଳି ଘଟଣା ଘଟିଲେ ରୋଗୀ ଚିକିତ୍ସା ବ୍ୟାହତ ହେବ ବୋଲି ଡାକ୍ତର ମାନେ ପ୍ରକାଶ କରିଛନ୍ତି ।

# ଦିବଂଗତ ଧରମ୍ ସିଂ ଥିଲେ ନିରବ ତପସ୍ୱୀ: ଶ୍ରଦ୍ଧାଞ୍ଜଳି ବୈଠକରେ ମୂଲ୍ୟାଙ୍କନ



ଭଦ୍ରକ, ୧୮/୬ (ନି.ପ୍ର): ବ୍ୟକ୍ତିଗତ ଭୋଗବିଳାସ ତ୍ୟାଗକରି, ସମୟ ଓ ସମ୍ବଳ ବିନିଯୋଗ କରି ସମାଜସେବାରେ ଜୀବନ ବିତେଇଦେବା ଭଳି ମଣିଷ ସଂସାରରେ ଖୁବ୍ କମ୍ ମିଳନ୍ତି। ସେମିତି ଜଣେ ମହାତ୍ମା ଥିଲେ ଦିବଂଗତ ଧରମ୍ ସିଂ। ଶିକ୍ଷାର ପ୍ରସାର, ସ୍ୱାସ୍ଥ୍ୟସେବା ଓ ଆଧ୍ୟାତ୍ମିକ ଚେତନାର ସେ ଥିଲେ ଅନନ୍ୟ ବାର୍ତ୍ତାବହ। ତାଙ୍କ ଉଦ୍ୟମରେ ଚରମ୍ପା ଠାରେ ଶ୍ରୀମା-ଅରବିନ୍ଦ ପାଠଚକ୍ର, ଅରବିନ୍ଦ ନିଶୁଳ୍କ ଚିକିତ୍ସା କେନ୍ଦ୍ର, ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଶ୍ରୀମା ସଙ୍ଗୀତ ମହାବିଦ୍ୟାଳୟ, ମାତୃପଲ୍ଲୀ ଆଦି ଅନେକ ଅନୁଷ୍ଠାନ ସୃଷ୍ଟି ହୋଇଥିଲା। ରାଜ୍ୟରେ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ ଅନେକ ଶିକ୍ଷା ଓ ଧର୍ମ ଅନୁଷ୍ଠାନର ସେ ପୃଷ୍ଠପୋଷକତା କରୁଥିଲେ। ସେ ଥିଲେ ଦାନବୀର। କୌଣସି ସାମାଜିକ ସଂଗଠନ ହେଉ ଅଥବା ଜଣେ ଅଭାବୀ ସାଧାରଣ ମଣିଷ, କେହି ତାଙ୍କ ଦ୍ୱାରରୁ ରିକ୍ତ ହସ୍ତରେ ଫେରୁନଥିଲେ। ତାଙ୍କ ସ୍ମୃତିରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଭଦ୍ରକର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବ୍ୟକ୍ତିତ୍ୱର ଏମିତି ମୂଲ୍ୟାଙ୍କନ କରିଛନ୍ତି। ସୋମବାର ଦିନ ଅପରାହ୍ଣ ୪ ଘଟିକା ସମୟରେ ଚରମ୍ପା ସ୍ଥିତ 'ମହାଓ୍ୱର ଭବନ'ରେ ଏହି ଶ୍ରଦ୍ଧାଞ୍ଜଳି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ମାନଙ୍କୁ ଗୁପ୍ତା ପରିବାର ପକ୍ଷରୁ ସ୍ୱାଗତ କରିଥିଲେ ଅଶୋକ କୁମାର, ବିଜୟ କୁମାର ଗୁପ୍ତା, ମଦନଲାଲ୍ ଗୁପ୍ତା, ରତନଲାଲ୍ ଗୁପ୍ତା, ଇଂ ମନୀଷ ଗୁପ୍ତା, ଡଃ ଆକାଶ କୁମାର ଗୁପ୍ତା ଏବଂ ଇଂ ବିଭୋର ଗୁପ୍ତା। ଆରମ୍ଭରେ ଅତିଥି ମାନେ ସ୍ୱର୍ଗତ ସିଂ ଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ତାଙ୍କ ଆତ୍ମାର ସଦ୍ ଗତି ପାଇଁ ପ୍ରାର୍ଥନା କରିଥିଲେ। ବୈଠକରେ ଅଧ୍ୟକ୍ଷତା କରିଥିଲେ ଆଇନଜୀବୀ ପବନ କୁମାର ଶର୍ମା। ସ୍ମୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ, ବିଶିଷ୍ଟ ସମାଜସେବୀ ଶେଖର ମହାପାତ୍ର, 'ରମା ସେବା ଆଶ୍ରମ'ର ସଭାପତି ରାଜକିଶୋର ଅଗ୍ରୱାଲ୍ ଓ ସମ୍ପାଦକ ରୋଟାରିୟାନ୍ ସୀତାକାନ୍ତ ଦାସ, ରୋଟାରିୟାନ୍ ଶିଶିର କୁମାର ମିଶ୍ର, 'ଶ୍ରୀମା-ଅରବିନ୍ଦ ଆଶ୍ରମ'ର ସଭାପତି ପ୍ରଫେସର୍ ଗୋଲକ ବିହାରୀ ସାହୁ, ସଦସ୍ୟ ଲକ୍ଷ୍ମୀଧର ଦାସ ଓ ପ୍ରଦୀପ ଜେନା, 'ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର'ର ଅଧ୍ୟକ୍ଷ ମହେନ୍ଦ୍ର ପ୍ରସାଦ ଯତି, 'ମହାଓ୍ୱର ସମାଜ'ର ପ୍ରତିନିଧି ହେମନ୍ତ କୁମାର ଗୁପ୍ତା, ଚାନ୍ଦବାଲିର ବିଶିଷ୍ଟ ଶିଳ୍ପପତି ସନ୍ତୋଷ ଅଗ୍ରୱାଲ୍, 'ମାହେଶ୍ୱରୀ ସମାଜ'ର କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ଲଖାନୀ ଓ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ର ସଭାପତି ପ୍ରଫେସର୍ ବିଜୟ କୁମାର ଜେନା। ଶେଷରେ ରୋଟାରିୟାନ୍ ବେଦପ୍ରକାଶ ଗୁପ୍ତା କୃତଜ୍ଞତା ଅର୍ପଣ କରିଥିଲେ। ଦିବଂଗତ ଧରମ୍ ସିଂ ୧୯୩୫ ମସିହା ଡିସେମ୍ବର ୨୨ ତାରିଖ ଦିନ ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିଲେ ଓ ଚଳିତ ଜୁନ୍ ମାସ ୧୩ ତାରିଖ ଅପରାହ୍ନରେ ଚରମ୍ପା ସ୍ଥିତ ତାଙ୍କ ବାସଭବନରେ ଇହଲୀଳା ସମ୍ବରଣ କରିଥିଲେ।

# ଭେଡା ରଜ ମହୋତ୍ସବ ଓ ସମ୍ବର୍ଦ୍ଧନା ସଭା



ବାସୁଦେବପୁର, ୧୮/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ଦୋଳ ମେଳନ ପଡିଆରେ ବିଶିଷ୍ଟ ସମାଜସେବୀ ମନୋଜ ନାୟକଙ୍କ ପକ୍ଷରୁ ଭେଡ଼ା ପ୍ରଥମ ରଜ ମହୋତ୍ସବ ୨୦୨୫ ଉଦଘାଟିତ ହୋଇ ଯାଇଛି। ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟ ଆୟୋଜକ ସମାଜ ସେବୀ ମନୋଜ ନାୟକ, ଶିଳ୍ପପତି ଓ ସମାଜସେବୀ ରାଜୀବ ନାୟକ, କରଞ୍ଜ ଆଡିଆ ସରପଞ୍ଚ ମାର୍କଣ୍ଡ ଚରଣ ତରାଇ, ବାଲିମୁଣ୍ଡାର ଗିରିଜା ଶଙ୍କର ନାୟକ, ଅବସର ପ୍ରାପ୍ତ ବାୟୁ ସେନା ଅଧିକାରୀ କୈଳାସ ଚନ୍ଦ୍ର ନାଥ, ରାଜଘର ପୋଖରୀ ସରପଞ୍ଚ ଅରୁଣ କୁମାର ମହାନ୍ତି, ବରଣ୍ଡୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ନରେନ୍ଦ୍ର କୁମାର ଦାସ, ସାମ୍ବାଦିକ ଯଦୁମଣି ପାଣିଗ୍ରାହୀ, ଯାତ୍ରା ଜଗତର ଲୋକପ୍ରିୟ ଅଭିନେତା ଦିପକ ମହାନ୍ତି ଓ ରିଙ୍କୁ ନାୟକ। ସମସ୍ତ ଅତିଥି ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ କୃଷି ଭିତ୍ତିକ ପର୍ବ ରଜ ପର୍ବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରଜ ଭାର ଖୋଲା ଯାଇଥିଲା ଓ ସେଥିରେ ଥିବା ହଳଦୀ ପତ୍ର ପିଠା, ଆରିସା ପିଠା, ମିଠା ସମସ୍ତ ଙ୍କୁ ବଣ୍ଟନ କରା ଯାଇଥିଲା। ଚଳିତ ବର୍ଷ ବାସୁଦେବପୁର ବ୍ଲକ ର ମାଟ୍ରିକ ପରୀକ୍ଷାରେ ଏ ସ୍ଥାନ ପାଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ଜୀବନ ଜ୍ୟୋତି ଦାସ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିକାଶ କରିବା ପାଇଁ ଆଗାମୀ ଦିନରେ ଅଧିକ ଯୋଜନା ପ୍ରସ୍ତୁତ କରାଯିବ ବୋଲି ବିଶିଷ୍ଟ ସମାଜସେବୀ ମନୋଜ ନାୟକ ପ୍ରକାଶ କରିଥିଲେ। ଏହି ଉତ୍ସବକୁ ପରିଚାଳନା କରିବାରେ ବିପିନ ବିହାରୀ ମିଶ୍ର, ରାଜେନ୍ଦ୍ର ବିଶ୍ୱାଳ, ପ୍ରଦୀପ ବଳ, ସଚିନ ଆଚାର୍ଯ୍ୟ, ଭକ୍ତହରି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ରଜ ମହୋତ୍ସବ ଖୁବ୍ ନିଆରା ଢଙ୍ଗରେ ପାଳନ ହୋଇଥିଲା ଓ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ। ନାଟ୍ୟକାର ସୁଶାନ୍ତ ଦାସ ମଞ୍ଚ ସଂଯୋଜନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନ୍ଦରପୁର ରଜ ମହୋତ୍ସବ ଉଦ୍‌ଯାପିତ: ଜୁନିୟରରେ ବସନ୍ତ ମଞ୍ଜରୀ, ସିନିୟରରେ ସ୍ମୃତିରେଖା ରଜ କୁଇନ




ଖଇରା, ୧୮/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ୪ଦିନ ଧରି ଚାଲିଥିବା ରଜ ମହୋତ୍ସବ ସୋମବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। କମିଟି ସଭାପତି ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟ ଅତିଥି,ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର,ନନ୍ଦ କିଶୋର ସାହୁ,ଅଜୟ ସ,ବାଲ୍ମିକୀ ନାୟକ,କରୁଣାକର ପାଣି,ସୁରେନ୍ଦ୍ର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜୁନିୟରରେ ରଜ କୁଇନ ବସନ୍ତ ମଞ୍ଜରୀ ସାମଲ, ରନର୍ସ ଭାବେ ଶାଳିନୀ ସୁତାର, ଆଦ୍ୟାଶକ୍ତି କବି, ଦେବସ୍ମିତା ସ, ସାଇ ଦିବ୍ୟାଂଶୀ ନାୟକ ଏବଂ ସିନିୟରରେ ରଜ କୁଇନ ସ୍ମୃତିରେଖା ନାୟକ, ରନର୍ସ ଅପ ହରରଶ୍ମି କବିଙ୍କୁ ମୁକୁଟ, ମାନପତ୍ର ଓ ଚେକ ପ୍ରଦାନ କରାଯାଇଥିଲା। କୁଞ୍ଜଲତା ମାହୁନ୍ତ ଓ ବିଶ୍ୱକଲ୍ୟାଣ ନାୟକ ମଞ୍ଚ ପରିଚାଳନା ଓ ବିରଞ୍ଚି ନାରାୟଣ ପଣ୍ଡା ବେଦପାଠ କରିଥିଲେ।

# ମୂର୍ଚ୍ଛନା ଓ ଓକା ଅନୁଷ୍ଠାନ ତରଫରୁ ଜିଲ୍ଲାସ୍ତରୀୟ ରଜ ମହୋତ୍ସବ ଓ ଗ୍ରାମୀଣ ଉତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା , ୧୮/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ସୁଦର୍ଶନ ଉଚ୍ଚ ବିଦ୍ୟାଳୟ ପଡିଆ ଠାକୁର ହାଟ ଠାରେତା -୧୪,୧୫,୧୬,୩ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି ପ୍ରଥମ ରଜରେ ମୁଖ୍ୟ ଅତିଥି ପୂର୍ବତନ ଜିଲ୍ଲା ପରିଷଦ ଶ୍ରୀମତୀ ଗୀତାଞ୍ଜଳି ସେଠୀ ଉଦଘାଟନ କରିଥିବାବେଳେ, ରଜ ମହୋତ୍ସବର ସଭାପତି ଶିବାନୀ ଶଙ୍କର ଦାସ ରଜ ମହୋତ୍ସବର ଉପ ସଭାପତି ରମେଶ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ତଥା ରଜ ମହୋତ୍ସବର ସମ୍ପାଦକ ନିରାକାର ମହାରଣା ଅତିଥି ପରିଚୟ ଦେଇଥିଲେ। ପ୍ରଦୀପ କୁମାର ବିହାରୀ ସଭାପତିତ୍ୱ କରିଥିଲେ ଦ୍ୱିତୀୟ ରଜର ଅତିଥି ଭାବେ ଯୋଗଦେଇ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରବକ୍ତା ଓ ସାମାଜିକ ଗଣ ମାଧ୍ୟମ ଉମାକାନ୍ତ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ବିଜେପି ଜିଲ୍ଲା ସମ୍ପାଦିକା ମନିଷା ପଣ୍ଡା, ପାରାଦ୍ୱୀପ ଟ୍ରକ୍ ମାଲିକ ସଂଘ ସମ୍ପାଦକ ରାଜେଶ ମହାନ୍ତି, ସରପଞ୍ଚ ପ୍ରତିନିଧି ଦିଲ୍ଲୀପ କୁମାର ଦାସ,ପୂର୍ବତନ ସରପଂଚ ବଟକୃଷ୍ଣ ସେଠୀ ପ୍ରମୁଖ ଯୋଗଦେଇ ଦେଇଥିଲେ। ଶେଷ ରଜ୧୬ ତାରିଖରେ ମୁଖ୍ଯ ଅତିଥି ଭାବେ ଦେଇଥିଲେ ପଞ୍ଜାବର ସୁଫି ସିଙ୍ଗର ଓ ସଙ୍ଗୀତ ନିର୍ଦ୍ଦେଶକ ପି ସି ରାଉତ ରାଜପୁତ ସମ୍ମାନୀତ ଅତିଥି ଭାବେ ଯୁବ ସମାଜସେବୀ କଳିଙ୍ଗ କେଶରୀ ପରିଡ଼ା,କେପିଏସ୍ ସ୍କୁଲର ପ୍ରତିଷ୍ଠାତା ତଥା ସମାଜସେବୀ ଅଜୟ କୁମାର ରାଉତ, ଶିକ୍ଷାବିତ୍ ସୁରେନ୍ଦ୍ର ପଣ୍ଡା,ସମାଜସେବୀକା ଆର୍ଜୁ ବିବି ଓ ପୂଜା ଚାରିଟେବୁଲ ଟ୍ରଷ୍ଟ, ପାଲା ଗାୟକ ଗଗନ ବିହାରୀ ସିଂହ, ପ୍ରମୁଖ ଯୋଗଦେଇ ଦେଇଥିଲେ ମୂର୍ଚ୍ଛନା ଓ ଓକା ଅନୁଷ୍ଠାନ ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ମହୋତ୍ସବ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖି ଥିବାସହ,ସମସ୍ତ ଅତିଥି ମାନଙ୍କୁ ତୁଳସୀ କ୍ଷେତ୍ର ସମ୍ମାନ ପ୍ରଦାନ କରିଥିଲେ ରଜ ୩ ଦିନ ବିଭିନ୍ନ ପ୍ରତିଯୋଗୀତା କରାଯାଇ ରଜ କୁଇନ ଆୱାର୍ଡ଼ ଓ ରଜ କିଙ୍ଗ ଆୱାର୍ଡ଼ ପ୍ରଦାନ କରାଯାଇଥିଲା କଳାକାର, କବି ଓ ସମାଜସେବୀ ମାନଙ୍କୁ ଲଛମନ ଜୀଉ ସମ୍ମାନ ରେ ସମ୍ବର୍ଦ୍ଧିତ କରା ଯାଇଥିଲା ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ଦଳ ମାନଙ୍କ ଦ୍ୱାରା ଚିତା କର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କର ଯାଇଥିଲା ଏହି ଉତ୍ସବରେ ବିଜୟ କେତନ ସାହୁ ସନ୍ତୋଷ ପୋଥାଳ ଓ ବହୁ ସ୍ୱେଚ୍ଛାସେବକ ମାନେ ସହଯୋଗ କରିଥିଲେ ।

# ୧୦ ଦିନର ପ୍ରସବ ମହିଳାକୁ ଶାଶୁ ଘର ଲୋକ ମାରିଦେଲେ ବୋଲି ଥାନାରେ ଅଭିଯୋଗ : ସ୍ୱାମୀ, ଶଶୁର ଓ କାକାଶୁର ଥାନାରେ ଅଟକ



ଜଳେଶ୍ୱର, ୧୮/୬ (ନି.ପ୍ର): ଝିଅ ଜନ୍ମ ହେଲା ବୋଲି ନିର୍ଯାତନା ଦେଇ ଶାଶୁ ଘର ଲୋକ ମାରିଦେଲେ ୧୦ ଦିନର ପ୍ରସବ ମହିଳାକୁ। ଅଭିଯୋଗ ଆଣିଲେ ବାପ ଘର ଲୋକେ। ସ୍ୱାମୀ,ଶଶୁର ଓ କକାଶୁର ଥାନାରେ ଅଟକ।ପୋଲିସର ତଦନ୍ତ ଜାରୀ। ଏଭଳି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ପଥରପୁରା ଗ୍ରାମରେ। ଜଳେଶ୍ୱର ପୌପରିଷଦର ଉପ ନଗରପାଳ ପୁଷ୍ପପ୍ରିୟା କାମିଳାଙ୍କର ପୁତ୍ର ରିତେଶ କାମିଳାଙ୍କୁ ଚକବିଷ୍ଣୁ ଗ୍ରାମର ଜଳନ୍ଧର ପ୍ରଧାନଙ୍କର ଝିଅ ନମିତାଙ୍କ ସହିତ ଦୀର୍ଘ ୩ ବର୍ଷ ତଳେ ବୈଦିକ ରୀତିରେ ବିବାହ ହୋଇଥିଲା।ସେବେଠାରୁ ହସଖୁସିର ସଂସାର ଚାଲି ଆସୁଥିଲା ବେଳେ ତାଙ୍କର ୧୦ଦିନର ଝିଅଟିଏ ରହିଛି।ତେବେ ଆଜି ସକାଳ ୧୦ଟା ସମୟରେ ନମିତାକୁ ଗୁରୁତ୍ୱର ହୋଇ ପଡିଥିବା ଅବସ୍ଥାରେ ଶାଶୁ ଘର ଲୋକ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ନେଇ ଆସିଥିଲେ ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।ନମିତା ବେକରେ ରଶିଦେଇ ଆତ୍ମହତ୍ୟା କରିଥିବା କଥା ଶାଶୁ ଘର ଲୋକ କହୁଥିଲା ବେଳେ ନମିତା ଝିଅ ଜନ୍ମ କରିଥିବାରୁ ତାକୁ ଶାଶୁ ଘର ଲୋକ ନିର୍ଯାତନା ଦେଇ ମାରିଥିବା ନେଇ ବାପ ଘର ଲୋକ ଅଭିଯୋଗ ଆଣିଛନ୍ତି। ଖବର ପାଇ ଜଳେଶ୍ୱର ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ସ୍ୱାମୀ ରିତେଶ, ଶଶୁର ବିଜୟ କାମିଳା ଓ କକା ଶଶୁର ବସନ୍ତ କାମିଳାଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଆସନ୍ତା କାଲି ସାଇଣ୍ଟିଫିକ ଟିମ ଓ ପୋଲିସ ମିଳିତ ଭାବେ ତଦନ୍ତ କରିସାରିଲା ପରେ ପୋଷ୍ଟ ମଟମ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।ତେବେ ତଦନ୍ତ ପରେ ଫିଟିବ ଗୁମର,ଏହା ହତ୍ୟାକି ଆତ୍ମହତ୍ୟା ?

**Nilamani Mahavidyalaya, Rupsa, Balasore.**

No- 358 Date- 18.06.2025

**Quotation Call Notice**

Sealed quotations are invited from Reputed Publishers/ Distributors/Books Suppliers for Nilamani Mahavidyalaya, Rupsa, Baleswar, The quotations should reach to the office of the undersigned latest by 26.06.2025 in a sealed cover mentioning "Quotation for Supply of books For Library".

The authority reserves the right to reject/ cancel the quotations in whole or in part without assigning any reason thereof. The authority will not be responsible for any postal delay.

Principal,
Nilamani, Mahavidyalaya,
Rupsa

## ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଗ୍ରାହକ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବ୍ୟାଙ୍କ ମାନଙ୍କର ଏଭଳି କାର୍ଯ୍ୟ ଯୋଗୁଁ ଅଧିକ ପ୍ରଭାବିତ ହେଉଛନ୍ତି ମଧ୍ୟମବର୍ଗ, ସ୍ୱଳ୍ପ ସଞ୍ଚୟକାରୀ ଏବଂ ଗ୍ରାମାଞ୍ଚଳର ଗ୍ରାହକ। ବ୍ୟାଙ୍କ ଖାତାରେ ନ୍ୟୁନତମ ରାଶି(ବାଲାନ୍ସ) ରଖି ପାରୁନଥିବା ଜମାକାରୀଙ୍କଠାରୁ ମଧ ଶୁଳ୍କ (ଜୋରିମାନା) ଅସୁଲ କରାଯାଉଛି।

ଏସବୁ ବାବଦରେ ରିଜର୍ଭବ୍ୟାଙ୍କ ବିଚାର କରିବା ଉଚିତ୍। ବ୍ୟାଙ୍କ ନେଉଥିବା ଶୁଳ୍କ ଏବଂ ଚାର୍ଜେସ ବାବଦରେ ଗ୍ରାହକଙ୍କୁ ସ୍ପଷ୍ଟ ଓ ସରଳ ଭାଷାରେ ସୂଚୀତ କରାଇବା ଆବଶ୍ୟକ। ତୃତୀୟ ପକ୍ଷର ଉତ୍ପାଦ ବିକ୍ରୀ ପାଇଁ ଗ୍ରାହକଙ୍କ ସହମତି ବାଧ୍ୟତାମୂଳକ ହେବା ଦରକାର। ଅଭିଯୋଗର ଶୁଣାଣୀ ଏବଂ ନିବାରଣ ପାଇଁ ରିଜର୍ଭବ୍ୟାଙ୍କ ସମୟସୀମା ନିର୍ଦ୍ଧାରଣ କରିବା ମଧ ଅପରିହାର୍ଯ୍ୟ। ରିଜର୍ଭବ୍ୟାଙ୍କର ନିର୍ଦ୍ଦେଶନାମାରୁ ସ୍ପଷ୍ଟ ଭାରତୀୟ ବ୍ୟାଙ୍କିଙ୍ଗ ପ୍ରଣାଳୀକୁ ସୁଧାରିବାର ଆବଶ୍ୟକତା ରହିଛି। ଗ୍ରାହାକଙ୍କ ସଶକ୍ତି କରଣ ଧନ ସଂରକ୍ଷଣର ସବୁଠାରୁ ଅଧିକ ସୁରକ୍ଷିତ ବ୍ୟବସ୍ଥା ଅଟେ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଯୁଦ୍ଧରେ ଜଳୁଛି...

ଏହି ସଂଘର୍ଷକୁ ନେଇ ଅନ୍ତର୍ଜାତୀୟ ସମୁଦାୟରେ ଉଦବେଗ ଦେଖାଦେଇଛି। ଯୁକ୍ତରାଷ୍ଟ୍ର ଆମେରିକା ଇସ୍ରାଏଲକୁ ସମର୍ଥନ ଜାରି ରଖିଛି ଏବଂ ମଧ୍ୟପ୍ରାଚ୍ୟରେ ଅତିରିକ୍ତ ଯୁଦ୍ଧବିମାନ ଓ ସାମରିକ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ "ନିଃସର୍ତ୍ତ ଆତ୍ମସମର୍ପଣ" ପାଇଁ ଆହ୍ୱାନ ଦେଇଛନ୍ତି, ଯାହା ଉତ୍ତେଜନାକୁ ଆହୁରି ବଢ଼ାଇଛି। ଅନ୍ୟପଟେ, ଇରାନର ତୈଳ ଶୋଧନାଗାର ଓ ଅର୍ଥନୈତିକ ଅବସ୍ଥାନଗୁଡ଼ିକୁ ଇସ୍ରାଏଲର ଆକ୍ରମଣ ଯୋଗୁଁ ବିଶ୍ୱ ବଜାରରେ ତୈଳ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଏହି ସଂଘର୍ଷର ଅନ୍ତ ଦେଖାଯାଉ ନାହିଁ। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ ଇରାନର ପରମାଣୁ ଓ କ୍ଷେପଣାସ୍ତ୍ର ସାମର୍ଥ୍ୟ ସଂପୂର୍ଣ୍ଣ ନଷ୍ଟ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଅନ୍ୟପଟେ, ଇରାନ କୂଟନୀତିକୁ ପ୍ରାଧାନ୍ୟ ଦେବାକୁ ଚାହୁଁଥିବା କହିଲେ ମଧ ଆଗ୍ରହଣ ବିରୁଦ୍ଧରେ ଲଢ଼ିବାକୁ ପ୍ରସ୍ତୁତ ଥିବା ଘୋଷଣା କରିଛି। ଏହି ସଂଘର୍ଷ ଆଞ୍ଚଳିକ ସ୍ଥିତିକୁ ଆହୁରି ଜଟିଳ କରିପାରେ ଏବଂ ବିଶ୍ୱ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିପାରେ।

### ପ୍ରବଳ ବର୍ଷା ନେଇ...

୧୯ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ସମ୍ବଲପୁର, ଝାରସୁଗୁଡ଼ାରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଆଲର୍ଟ ରହିଛି । ଏହାପରେ ଲଘୁଚାପ ଦୁର୍ବଳ ହେବା ସହ ବର୍ଷାର ପରିମାଣ କମିବ । ଲଘୁଚାପ ବର୍ଷାରେ ୩ ଦିନରେ ୨୯ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି । ଅନ୍ୟପଟେ ରେଡ୍ ଆଲର୍ଟ ଭିତରେ ସମସ୍ତ ଜିଲ୍ଲାପାଳଙ୍କୁ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି । କୌଣସି ଅଘଟଣ ଏଡ଼ାଇବାକୁ ଆଗୁଆ ପଦକ୍ଷେପ ନେବାକୁ କୁହାଯାଇଛି ।

### ଥମୁନି ହଇଜା କୋପ...

ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି, ପାଣି ଏକ ପ୍ରମୁଖ ମାଧ୍ୟମ, ପିଇବା ପାଣିରୁ ହିଁ ବ୍ୟାପିଛି ଡାଇରିଆ। ତେଣୁ ଲୋକଙ୍କୁ ବିଶୋଧିତ ପାନୀୟ ଜଳ ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରୀୟ ଟିମ୍। ତାସହ ସଂକ୍ରମଣ ଚେନ୍ କୁ ଭାଙ୍ଗିବାକୁ ଧ୍ୟାନ ଦେବାକୁ କହିଛନ୍ତି। ଆଗାମୀ ଦିନରେ ପ୍ରଭାବିତ ହୋଇଥିବା ଥିବା ଜିଲ୍ଲାଗୁଡ଼ିକରେ ମଧ୍ୟ ସ୍କୁଲ ଖୋଲିବା ଘୁଞ୍ଚି ପାରେ। କଲେରା ବ୍ୟାକ୍ଟେରିଆ ଝାଡ଼ା ବାଟେ ପାଣିକୁ ଆସିଥାଏ ଓ ପାଣିରୁ ଖାଦ୍ୟକୁ ଯାଇ ବ୍ୟାପିଥାଏ। ତେଣୁ ଝାଡ଼ା ଯିବା ପରେ ଭଲ ଭାବେ ହାତ ଧୋଇବା ଉଚିତ୍। ଏ ଦିଗରେ ଅଧିକ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ଏପଟେ ଯଦିଓ ରୋଗୀ ସଂଖ୍ୟା କମୁଛି ହେଲେ ଡାଇରିଆରେ ଲାଗୁନି ବ୍ରେକ୍। କେବଳ ଯାଜପୁର ଜିଲ୍ଲାରେ ୪୯ ସାମ୍ପଲରୁ ଆଉ ୧୬ ଭିବ୍ରିଓ କଲେରା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଦୁଇଟି ପର୍ଯ୍ୟାୟରେ ଯାଇଥିବା ସାମ୍ପଲରୁ ଏସବୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜଳ ନମୁନା ନୁହେଁ, କେବଳ ମଳ ନମୁନାରୁ ମିଳିଛି ଭିବ୍ରିଓ କଲେରା। ସେପଟେ ଯାଜପୁର ରୋଡ୍ ମେଡିକାଲରେ ଡାଇରିଆରେ ଜଣେ ଶିଶୁ ସମେତ ୨ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଯାଜପୁର ସିଡିଏମଓ କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ବର୍ତ୍ତମାନ ଯାଜପୁର ଜିଲ୍ଲାରେ ଡାଇରିଆ ସ୍ଥିତି ସ୍ଥିର ରହିଛି। ଜିଲ୍ଲାରେ ଏବେ ମୋଟ୍ ୧୯୬ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଧର୍ମଶାଳାରେ ୬ ଜଣ ନୂଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ରସୁଲପୁରରେ ଜଣେ ଏବଂ ବଡ଼ଚଣାରେ କେହି ବି ସଂକ୍ରମିତ ହୋଇ ନାହାନ୍ତି। ଏପଟେ ଉଗଉ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଟକ ଶଙ୍କରପୁର ଦାସସାହି ଓ ଉପରସାହି ସ୍ଥିତ ପାଣି କମ୍ପାନୀ ଉପରେ ଆଜି ରେଡ୍ କରାଯାଇଥିଲା। ପାଣିକୁ ବିଶୁଦ୍ଧ ନକରି ବିକ୍ରି କରୁଥିବା ଅଭିଯୋଗରେ ୨ଟି ଯାକ ପାଣି କଂପାନୀ ସିଲ୍ କରିଛି ବିଭାଗ। ପାଣିକୁ ବିଶୁଦ୍ଧ ନକରି ମାର୍କେଟ୍ କୁ ଛଡ଼ାଯାଉଥିଲା ୨୦ ଲିଟର ବିଶିଷ୍ଟ ପାଣି ଜାର୍। ଏହି ଅଭିଯୋଗ ପରେ ରେଡ୍ କରି ଆବଶ୍ୟକ ପ୍ରମାଣ ପାଇବାପରେ କଂପାନୀକୁ ସିଲ୍ କରିଛି ସ୍ୱାସ୍ଥ୍ୟବିଭାଗ। ସେପଟେ ଢେଙ୍କାନାଳରେ ରଙ୍ଗ ମିଶା ନିମ୍ନମାନର ଖାଦ୍ୟ ବିକ୍ରି ଅଭିଯୋଗ ପରେ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ଓ ମ୍ୟୁନିସିପାଲିଟି ପକ୍ଷରୁ ଚଢ଼ାଉ ହୋଇଥିଲା। ଏଥିରେ ୧୦ଟି ହୋଟେଲ୍ ଉପରେ ୩୦ ହଜାର ଟଙ୍କାର ଫାଇନ୍ ହୋଇଛି।

### ଗୋପାଳପୁର ଲଜ୍ଜାର...

ଅପରପକ୍ଷେ ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପହଞ୍ଚିଥିଲେ କ୍ରାଇମସ୍ପଟରେ । ଆଉ ପୂର୍ବ ସରକାରବେଳର ଅଧପନ୍ତରିଆ ବ୍ଲୁ ଫ୍ଲାଗ୍ ବିଚ୍ ଯୋଜନା ଭିତରେ ପଡ଼ିରହିଥିବା କ୍ୟାବିନ, ଯେଉଁଠି ଘଟିଥିଲା ଘଟଣା, ସେଗୁଡ଼ିକୁ ଭାଙ୍ଗି ସୁରକ୍ଷା ବଢ଼ାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ଜଣେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଘେରିଯାଇ ୪ ନାବାଳକ ସହ ୧୦ ଜହ୍ଲାଦ ଯେଭଳି ଲୋମଟାଙ୍କୁରା କାଣ୍ଡ ଭିଆଇଥିଲେ ସାରା ରାଜ୍ୟରେ ଆଜି ଚର୍ଚ୍ଚା । ଏହି ଚର୍ଚ୍ଚା ଭିତରେ ସଂଘଟିତ ଆଉ ଏକ ବୀଭତ୍ସ ଅପରାଧକୁ ନେଇ ହଲଚଲ୍ କେନ୍ଦୁଝର ଜିଲ୍ଲା । ପଣ୍ଡାପଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ପ୍ରଥମେ ଦୁଷ୍କର୍ମ ଆଉ ତା'ପରେ ଗଛରେ ଟାଙ୍ଗି ହତ୍ୟା କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ସୋମବାର ଶୌଚ ପାଇଁ ଯାଇ ଘରକୁ ଫେରିନଥିବା ନାବାଳିକାର ଝୁଲନ୍ତା ମୃତଦେହ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ନାବାଳିକା ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ସଂଗୀନ ଅଭିଯୋଗ ଆଣିଛନ୍ତି ସମ୍ପର୍କୀୟ । ତା'ସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ ଭିତରେ ୨ ଜଣଙ୍କୁ ଧରି ପଚରାଉଚରା କରୁଛି ପୋଲିସ । ଏସଡିପିଓ ସୂଚନା ଦେଇ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଗୋଟିଏ ପଟେ ଗୋପାଳପୁର ପର୍ଯ୍ୟଟନସ୍ଥଳୀରେ ପାପ, ଆରପଟେ କେନ୍ଦୁଝର ଜିଲ୍ଲାରେ କଳଙ୍କ । ୩ ଦିନ ଭିତରେ ଦୁଇ ଦୁଇଟି ଲଜ୍ଜାଜନକ ଘଟଣା ପରେ ଲୋୟର ପିଏମଜିରେ ଖଡ଼ଗହସ୍ତ ଯୁବ ଓ ଛାତ୍ର କଂଗ୍ରେସ । ସରକାର ବିରୋଧରେ ନାରାବାଜି,ପୋଲିସ ସହ ଧସ୍ତାଧସ୍ତି, ଦୀର୍ଘ ସମୟର ଛକାପଞ୍ଝା । ଶତାଧିକ କର୍ମୀଙ୍କ ସହ ଯୁବ ଓ ବରିଷ୍ଠ ନେତାଙ୍କୁ ଧରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ବାରିକେଡି ଭାଙ୍ଗି ପଶିବା ପାଇଁ ଉଦ୍ୟମବେଳେ ଉପୁଜିଥିଲା ଏଭଳି ପରିସ୍ଥିତି । ସେପଟେ ବ୍ରହ୍ମପୁର ଏସପିଙ୍କୁ ଅଲଗା ଅଲଗା ଯାଇ ଭେଟିଛି କଂଗ୍ରେସ ଏବଂ ଏଆଇଏସଏଫ୍ । ବେଳାଭୂମିର ନିର୍ଜନ ସ୍ଥାନଗୁଡ଼ିକୁ ନିଷିଦ୍ଧାଞ୍ଚଳ ଘୋଷଣା ସହ ଜନଶୂନ୍ୟ ଇଲାକାରେ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି ନେତା । ବିଜେପି କହିଛି, ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ରାଜନୈତିକ ଦୃଷ୍ଟିରେ ଦେଖିବା ନିନ୍ଦନୀୟ ।

### ରାଜ୍ୟର ଜନଜାତି ...

ଯେତେବେଳେ ସମ୍ମାନର କଥା ଆସେ ଏଇ ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ, ମହାମହିମ ରାଷ୍ଟ୍ରପତି ଆସନ ଅଳଙ୍କୃତ କରି ଦେଶକୁ ଗୌରବାନ୍ୱିତ କରୁଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି। ସେ କହିଛନ୍ତିଯେ, କେନ୍ଦ୍ର ସରକାରଙ୍କ ସହିତ ଓଡିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧିନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି । କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି । ୫ ହଜାର ଆଦିବାସୀ ଯୁବକ ଓ ଯୁବତୀମାନେ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭ କରି ଉପକୃତ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ ଗୋଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଶିକ୍ଷାକୁ ସୁଦୂରପ୍ରସାରି କରିବା ସହ ଅଧାରୁ ପାଠ ପଢ଼ା ଛାଡିଦେଉଥିବା ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ସ୍ରୋତକୁ ଆଣିବା ନିମନ୍ତେ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଆରମ୍ଭ ହୋଇଛି । ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରଣିତ କରିବା ଲକ୍ଷ୍ୟରେ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ଆଶ୍ରମ ବିଦ୍ୟାଳୟ ଯୋଜନା ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । 'ବିକଶିତ ଓଡିଶା, ବିକଶିତ ଭାରତ'ର ସାରଥି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପିଏମ୍-ଜନମନ ଯୋଜନାର ପ୍ରଚାରପ୍ରସାର କରାଯାଉଛି ।

### ଆମେରିକାକୁ ଭାରତର...

ଜଣାଇଥିଲେ ଏବଂ ଆତଙ୍କବାଦ ବିରୁଦ୍ଧରେ ସମର୍ଥନ ଜଣାଇଥିଲେ। ସଂଘର୍ଷ ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ବାର୍ତ୍ତାଳାପ ଥିଲା। ମୋଦୀ ଏବଂ ଟ୍ରମ୍ପ୍‌ଙ୍କ ମଧ୍ୟରେ ହୋଇଥିବା ଫୋନ୍ ଆଲୋଚନା ସମ୍ପର୍କରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି, ଅପରେସନ୍ ସିନ୍ଦୂର ସମ୍ପର୍କରେ କୌଣସି ବାଣିଜ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇନାହିଁ। ସେ କହିଛନ୍ତି, ଭାରତ କେବେ ବି କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା ଗ୍ରହଣ କରିନାହିଁ ଏବଂ ଭବିଷ୍ୟତରେ ମଧ ଏପରି କୌଣସି ମଧ୍ୟସ୍ଥତା ଗ୍ରହଣ କରିବ ନାହିଁ। ସେ କହିଛନ୍ତି ଯେ ଟ୍ରମ୍ପ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ କାନାଡାରେ ଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେରିକା ଆସିବାକୁ ନିମନ୍ତ୍ରଣ କରିଥିଲେ। କିନ୍ତୁ, ମୋଦୀ କହିଥିଲେ ଯେ, ତାଙ୍କର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ସେ ଏହି ନିମନ୍ତ୍ରଣ ଗ୍ରହଣ କରିପାରିବେ ନାହିଁ। ମିଶ୍ରି କହିଛନ୍ତି ଯେ, ମୋଦୀ ଚଳିତ ବର୍ଷ ପ୍ରସ୍ତାବିତ କ୍ୱାଡ୍ ଶିଖର ସମ୍ମିଳନୀ ପାଇଁ ଟ୍ରମ୍ପ୍‌ଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଥିଲେ। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବିବାଦ ବୃଦ୍ଧି ପାଇବାରୁ ଆମେରିକା ରାଷ୍ଟ୍ରପତି ଗୋଟିଏ ଦିନ ପୂର୍ବରୁ ଜି-୭ ଶିଖର ସମ୍ମିଳନୀ ଛାଡି ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ଅପରେସନ ସିନ୍ଦୂର ବିଷୟରେ ବିସ୍ତୃତ ଭାବରେ କଥା ହୋଇଥିଲେ। ସେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ସ୍ପଷ୍ଟ ଭାବରେ କହିଥିଲେ ଯେ, ଏପ୍ରିଲ ୨୨ ପରେ ଭାରତ ସମଗ୍ର ବିଶ୍ୱକୁ ଆତଙ୍କବାଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସଂକଳ୍ପ ବିଷୟରେ କହିସାରିଛି। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ୬-୭ ମେ' ରାତିରେ ଭାରତ କେବଳ ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିଥିଲା। ଭାରତ ଏହା ମଧ ସ୍ପଷ୍ଟ କରିଥିଲା ଯେ, ଭାରତ ପାକିସ୍ତାନର ଗୁଳିର ଜବାବ ଗୁଳିରେ ଦେବ।

# ବଡ଼ସାହି ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ ଟେବୁଲ ଟପ ଅଭ୍ୟାସ କାର୍ଯ୍ୟକ୍ରମ

ବଡ଼ସାହି , ୧୮/୬ (ନି.ପ୍ର): ବଡ଼ସାହି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ଗୋଷ୍ଠିଗତ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଆଲୋଚନା ଚକ୍ର ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିପିଡିଓ ଅବିନାଶ ପଣ୍ଡା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା କାର୍ଯ୍ୟକ୍ରମଟିକୁ ଅଧକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ପ୍ରଶାସନିକ ସେବାର ତାଲିମ ନେଉଥିବା ପ୍ରିତିଶ ଭୋଳ, ଶ୍ୱେତକ୍ଷଶ୍ରୀ ମହାପାତ୍ର, ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ, ଶିବାନନ୍ଦ କାର୍ମୀ, ଏବିଓ ରାଧିଆ ଚରଣ ମାର୍ଣ୍ଡି ପ୍ରମୁଖ ଯୋଗଦେଇଥିଲେ । ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ ଲକ୍ଷ୍ୟରଖି ଲୋକଙ୍କର ଧନଜୀବନ ସୁରକ୍ଷିତ ରହିବା ସହିତ ବିପର୍ଯ୍ୟୟ ସମୟରେ ନିଜକୁ ପ୍ରସ୍ତୁତ ରଖି ବିଭିନ୍ନ ସେବାକୁ ଜରୁରୀ କାଳୀନ ପରିସ୍ଥିତିରେ ମୁକାବିଲା କରାଯିବା ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପରାମର୍ଶ ଓ ସୂଚନା ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଓ ଶାଳଗାଁ, କୁଚୁଲାଖୁଣ୍ଟା, ଦୁର୍ଗାପୁର ପଞ୍ଚାୟତର ସରପଞ୍ଚ, ଶେଲଟର ସମ୍ପାଦକ ମାନେ ଉପସ୍ଥିତ ଥିଲେ। ଆସନ୍ତା କାଲି ତା - ୧୯-୦୬-୨୫ ରିଖରେ ସକାଳ ୮ ଟାରେ ଶାଳଗାଁ, ବାଗୁଲି, ରଙ୍ଗପାଣି ସ୍ଥିତ ବନ୍ୟା ଆଶ୍ରୟ ସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ତହସିଲଦାର ସୂଚନା ପ୍ରଦାନ କରିଥିଲେ । ସର୍ବଶେଷରେ ନୋଡାଲ ଏନଜିଓ 'ସଂକଳ୍ପ'ର ପ୍ରଦୀପ କୁମାର ଦାସମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




# କୁଳଡିହା ଅଭୟାରଣ୍ୟରୁ ଶିକାରୀ ଗିରଫ: ହାତୀମୃତ୍ୟୁ ଘଟଣାରେ ସଂପୃକ୍ତି ଥିବା ସନ୍ଦେହ



ନୀଳଗିରି , ୧୮/୬ (ନି.ପ୍ର): ମଙ୍ଗଳବାର ତେଲିପାଳ ପଞ୍ଚାୟତ ହୁଡିସାହି ପୁଟିବନ୍ଧ ନିକଟରୁ ଏକ ଗଳିତ ହାତୀର ମୃତଦେହ ସ୍ଥାନୀୟ ଅଞ୍ଚଳବାସୀ ଦେଖି ବନବିଭାଗକୁ ଖବର ଦେବାପରେ ବାଲେଶ୍ୱର ଡିଏଫଓ, ଏସିଏଫ୍ଓ , ନୀଳଗିରି ରେଞ୍ଜରଙ୍କ ସମେତ ନୀଳଗିରି ଅତିରିକ୍ତ ତହସିଲଦାର, ମିଳିତ ଟାସ୍କଫୋର୍ସର ଏକ ଟିମ୍, ନୀଳଗିରି ଓ ଔପଦାର ପ୍ରାଣୀଚିକିତ୍ସକ ଏବଂ ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀଟିକୁ ଯାଞ୍ଚ କରିବା ସହିତ ଚିକିତ୍ସକଙ୍କ ଦ୍ୱାରା ହାତୀଶରୀରର ବିଭିନ୍ନ ଅଂଶରୁ ନମୁନା ସଂଗ୍ରହକରି ଲେବକୁ ପଠାଇଥିଲେ। ତେବେ ହାତୀଟି ଦେହରୁ ପ୍ରଚୁର ଗନ୍ଧ ବାହାରୁଥିବା କାରଣରୁ ହାତୀଟି ଦୀର୍ଘଦିନ ତଳେ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଇଛି। ମାତ୍ର ବନବିଭାଗ ହାତୀଟି ଦନ୍ତା କିମ୍ବା ମାଇ ସ୍ପଷ୍ଟ କରିନଥିବା ବେଳେ କେତେଦିନ ତଳେ ମୃତ୍ୟୁବରଣ କରିଛି ତାହାମଧ ସ୍ପଷ୍ଟ କରିନାହିଁ। ତେବେ ଅଭୟାରଣ୍ୟରେ ବାରମ୍ବାର ହାତୀମଡକ ହେଉଥିବା ବେଳେ ସୁରକ୍ଷାଦେବାରେ ବନବିଭାଗ ବିଫଳ ହେଉଥିବା ପରିବେଶ ତଥା ପଶୁପ୍ରେମୀ ଅଭିଯୋଗ କରିଛନ୍ତି। ତେବେ ବନବିଭାଗ ବୁଧବାର ସକାଳେ ଉକ୍ତ ଅଞ୍ଚଳ ଅର୍ଥାତ୍ ହୁଡିସାହି ଗ୍ରାମର ଦାଶରଥି ସିଂ(୪୨)ଙ୍କ ଘରେ ଚଢ଼ାଉକରି ଗୋଟିଏ ଦେଶୀବନ୍ଧୁକ, କିଛି ଗୋଳାବାରୁଦ ସହ ଦୁଇଟି ଧନୁତୀର ଜବତ କରିବା ସହିତ ଦାଶରଥିଙ୍କୁ ଗିରଫ କରିଥିବା ଜଣାଯାଇଛି। ମୃତହାତୀ ଠାବର ଗୋଟିଏଦିନ ମଧରେ ଶିକାରୀ ଗିରଫ କରିବା ସନ୍ଦେହ ଉପୁଜିଥିବା ବେଳେ ହାତୀଟି ଦନ୍ତାହାତୀ ହୋଇଥିବା ଅଧିକ ସନ୍ଦେହ ଘନିଭୂତ ହୋଇଛି। ହାତୀକୁମାରି ଏହାର ଦାନ୍ତ ଲୁଟ୍ ହୋଇଥିବା ଅଞ୍ଚଳବାସୀ ଅନୁମାନ କରିଥିବା ବେଳେ ବନବିଭାଗ ଜାଣିଶୁଣି ହାତୀଟିର ଲିଙ୍ଗ ଲୁଚାଇଥିବା ପଶୁପ୍ରେମୀ ଅଭିଯୋଗ କରିଛନ୍ତି। ତେବେ ହାତୀମୃତ୍ୟୁର ପ୍ରକୃତ ରହସ୍ୟ କେବେ ଉନ୍ମୋଚନ ହେବ ଏବଂ କିଏ ପ୍ରକୃତ ଦୋଷୀ ସଠିକ୍ ତଦନ୍ତ ପରେ ଜଣାପଡ଼ିବ।

# ବିକାଶର ଗାଥା ଗାଉଛି ବିକାଶ ବାହନ ରଥ



ବସ୍ତା , ୧୮/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ରଥ ବସ୍ତା ବ୍ଲକ ରେ ପଞ୍ଚାୟତକୁ ପଞ୍ଚାୟତ ବୁଲି ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ , ଲୋକାଭିମୁଖୀ ଯୋଜନା ସହିତ ବିକାଶ ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଉଛି। ଯାହା ଦ୍ୱାରା ଲୋକେ ଅଧିକ ରୁ ଅଧିକ ସଚେତନ ହୋଇ ପାରିବେ। ଏହି ଅବସରରେ ପାଉଁଶକୁଲି ପଞ୍ଚାୟତର ପାଉଁଶକୁଲି ହାଟ ପଡ଼ିଆ ନିକରେ ବିକାଶ ବାହନ ରଥ ପହଞ୍ଚିବା ପରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଏଲ୍ଇଡି ମାଧମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆୟୋଜିତ ସଭାରେ ସରପଞ୍ଚ ବିନ୍ଦୁବାଳା ସେନାପତି, ସମିତି ସଭ୍ୟା ସୁମିତ୍ରା ପାତ୍ର, ନାଏବ ସରପଞ୍ଚ ରାମହରି ବେଶ୍ରା, ସମାଜ ସେବୀ ଶିଶିର ସେନାପତି, କାର୍ତ୍ତିକ ପାତ୍ର, ପଞ୍ଚାନନ ଦାସ, ମହେଶ୍ୱର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧାଂଶୁ ରାଉତ,ଏଡିଓ ଅନନ୍ତ ଦେ, ଗ୍ରାମ୍ୟ ରୋଜଗାର ସେବକ ବଂଶୀଧର ବାରିକ, ସମବାୟ ସମିତିର କର୍ମଚାରୀ ପ୍ରବିର କୁମାର ସେନାପତି, କୃଷକ ସାଥି ଉମେଶ ଚନ୍ଦ୍ର ଜେନା ସମେତ ୱାର୍ଡ ସଭ୍ୟ, ସଭ୍ୟା, ଜନସେବା କେନ୍ଦ୍ର ସଂଯୋଜକ ଦୀପକ ସେଠୀ, ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ହିତାଧିକାରୀ ଙ୍କୁ ଅନ୍ତୋଦୟ ଯୋଜନାରେ ଆବାସ ଗୃହ ପାଇଁ କାର୍ଯ୍ୟାଦେଶ, ଜବକାର୍ଡ ଓ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା।

# ନିଟ-ୟୁଜିରେ ଜୟଜିତଙ୍କ ସଫଳତା



ଭଦ୍ରକ, ୧୮/୬ (ନି.ପ୍ର): ମେଡିକାଲ ନାମ ଲେଖା ପାଇଁ ହୋଇଥିବା ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ-ୟୁଜି)ରେ ବନ୍ତ ବ୍ଲକ ଅଣ୍ଡିଆ ଗ୍ରାମ ନିବାସୀ ବର୍ତମାନ ସାମରାଏପୁର (ଆରଡ଼ିଛକ)ରେ ବାସ କରୁଥିବା ଭୂତପୁର୍ବ ସୈନିକ ଶକ୍ତିଶଙ୍କର ଧଳ, ମାତା ନର୍ମଦା ପାତ୍ର (ଗୃହିଣୀ)ଙ୍କର ଏକମାତ୍ର ପୁତ୍ର ଜୟଜିତ ଧଳ ମୋଟ ୬୦୯ ନମ୍ବର ରଖି ସର୍ବ ଭାରତୀୟ ସ୍ତରରେ ୮୪୫ ରାଙ୍କରେ ପ୍ରଥମ ଥର ପରୀକ୍ଷାରେ ସ୍ଥାନ ପାଇଛନ୍ତି। ସେ ସଫଳତାର ସମସ୍ତ ଶ୍ରେୟ ଶିକ୍ଷକ, ଶିକ୍ଷୟିତ୍ରୀ, ପିତା -ମାତା, ବଡ଼ ବାପା -ମା, ସାନ ବାପା -ମା ତଥା ଭାଇ ଭଉଣୀଙ୍କୁ ଦେଇଛନ୍ତି। ଜୟଜିତଙ୍କର ଜେଜେମା ମଳୟ ମଞ୍ଜରୀ ସାହୁ ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ ଓଡିଶୀ କଣ୍ଠ ଶିଳ୍ପୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଜେଜେବାପା ଦେବକୁମାର ଧଳ ଅବସରପ୍ରାପ୍ତ (ବିଏସଏନଏଲ) କର୍ମଚାରୀ ଥାଇ ନାତିର ଶୁଭକାମନା କରିଛନ୍ତି। ବିଦ୍ୟାର୍ଜନ ପାଇଁ ମନରେ ସଂକଳ୍ପ, ବାପା -ମା'ଙ୍କର ଅକ୍ଳାନ୍ତ ପରିଶ୍ରମ,ଏସବିଡି ଇଂଟର ନେସନାଲ ସ୍କୁଲ, ଭଦ୍ରକ ଓ ଯାଜପୁର ଜିଲ୍ଲାସ୍ଥ ପ୍ରୟାସ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଶିକ୍ଷାଦାନ ଓ ଆଶୀର୍ବାଦ ଲାଭ କରି ସଫଳତା ପାଇଛନ୍ତି ଓ ସେ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କର ସେବା କରିବେ ବୋଲି କହିଛନ୍ତି।

# ବିପର୍ଯ୍ୟୟ ମୁକାବିଲା ପାଇଁ ଉଦଳା ଏନଏସିର ଟେବୁଲଟପ ଏକ୍ସରସାଇଜ




ଉଦଳା , ୧୮/୬ (ନି.ପ୍ର): ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନର ସହଯୋଗରେ ଆଜି ଜୁନ ୧୮ ତାରିଖ ବୁଧବାର ଦିନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଟେବୁଲଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ସ୍ଥାନୀୟ ଅଂଚଳରେ ପ୍ରାକୃତିକ ବିପର୍ଯ୍ୟୟ କିଭଳି ରୂପ ନେଇଥାଏ ଏବଂ ଏହାର ମୁକାବିଲା ପାଇଁ ଆମକୁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ଏଥିରେ ଅଧକ୍ଷତା କରି ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଆମରାଜ୍ୟ ଓଡ଼ିଶା ଆଜି କିପରି ସାରା ପୃଥିବୀରେ ଉଦାହରଣ ସୃଷ୍ଟି କରିଛି ବ୍ୟକ୍ତ କରିଥିଲେ । ନଗରପାଳ ପ୍ରମିଳା ପଣ୍ଡା ଅତିତରେ ବିପର୍ଯ୍ୟୟ ସମୟରେ ସବୁ ବିଭାଗ ଯେଉଁଭଳି ମିଳିମିଶି ସହଯୋଗ କରିଥାନ୍ତି ଏହାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ଉଦଳା ଥାନାର ସବଇନ୍ସପେକ୍ଟର ନିବେଦିତା ପ୍ରିୟଦର୍ଶନି ବନ୍ୟା ଓ ବାତ୍ୟା ସମୟରେ କିଛି ଲୋକ ନିରାପଦ ସ୍ଥାନକୁ ଯିବାକୁ ଚାହାଁନ୍ତି ନାହିଁ । ଏପରି କଲେ ଆମେ ବଳ ପ୍ରୟୋଗ କରିବାକୁ ବାଧ ହେବୁ ବୋଲି କହିଥିଲେ । ଉଦଳାରେ କାର୍ଯ୍ୟରତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତି ମଂଜରି ପଣ୍ଡା ବିଦ୍ୟାଳୟ ଗୁଡ଼ିକୁ ବିପର୍ଯ୍ୟୟ ସମୟରେ ଅସ୍ଥାୟୀ ଆଶ୍ରୟସ୍ଥଳ ରୂପେ ନିଆଯାଇଥାଏ । ସେଥିପାଇଁ ଶିକ୍ଷା ବିଭାଗ ସହଯୋଗ କରିବାକୁ ସବୁବେଳେ ପ୍ରସ୍ତୁତ ଅଛି ବୋଲି ଜଣାଇଥିଲେ। ଡ଼ାକ୍ତର ରାଜେଶ କୁମାର ନନ୍ଦ ବିପର୍ଯ୍ୟୟ ସମୟରେ ଚିକିତ୍ସା ପାଇଁ ଡ଼ାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ତାଛଡ଼ା ବାତ୍ୟା ଆଶ୍ରୟସ୍ଥଳ ଗୁଡ଼ିକୁ ନିୟମିତ ପରିଦର୍ଶନରେ ଯିବା ପାଇଁ ଷ୍ଟାପ ନିଯୁକ୍ତ କରାଯାଇଛି ବୋଲି ଜଣାଇଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ସୌଦାମିନି ମହାପାତ୍ର, ଦିପିକା ବେହେରା, ଶରତ ଚନ୍ଦ୍ର ଦାସ, ଉର୍ମିଳା ନାୟକ, ଭଗବତି ପାତ୍ର, ଧିରେନ୍ଦ୍ର ଖଣ୍ଡେଲୱାଲ, ମହେନ୍ଦ୍ର ବେହେରା, ପ୍ରତିଶ କୁମାର ଜେନା ପ୍ରମୁଖ ଅଂଶ ଗ୍ରହଣ କରି ବାତ୍ୟା ସମୟରେ ବିଗତ ଦିନର ଅନୁଭବ ଓ ମତାମତ ଉପସ୍ଥାପନ କରିଥିଲେ। ସଂଜୟ କୁମାର ପାଢ଼ି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ନିମନ୍ତେ ପରାମର୍ଶ କର୍ମଶାଳା ଅନୁଷ୍ଠିତ




ବାଲେଶ୍ୱର , ୧୮/୬ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟରିୟମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ନିମନ୍ତେ ଏକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀଯୁକ୍ତ ମୟୁର ବିକାଶ ବାଲେଶ୍ୱରର ଶିକ୍ଷା ଶିଳ୍ପ, କଳା, ଇତିହାସ ବର୍ଣନା କରିବା ସମେତ ସାମଗ୍ରିକ ଉନ୍ନତି ନିମନ୍ତେ ବାଲେଶ୍ୱରବାସୀଙ୍କୁ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ, ବାଲେଶ୍ୱର (ସଦର) ଶ୍ରୀ ମାନସ କୁମାର ଦତ୍ତ ଓ ମାନ୍ୟବର ବିଧାୟକ, ନୀଳଗିରି, ଶ୍ରୀ ସନ୍ତୋଷ ଖଟୁଆ, ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ ସିଂ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼. ମଧୁସ୍ମିତା ସାମନ୍ତରାୟ, ବାଲେଶ୍ୱର ଚେମ୍ବର ଅଫ୍ କମର୍ସର ଅଧକ୍ଷ ଶ୍ରୀ ସଞ୍ଜୟ କୁମାର ଦାସ, ନୋସିର ଅଧକ୍ଷ ଶ୍ରୀ ପି କେ ଦାବେ ଓ ଫକିର ମୋହନ ମେଡିକାଲ କଲେଜ୍ ବାଲେଶ୍ୱରର ଡିନ୍ ଶ୍ରୀ ଯେ ଏନ ବେହେରା ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଡ଼. ମଧୁସ୍ମିତା ସାମନ୍ତରାୟ ପରିଚାଳନା କରିବା ସଙ୍ଗେ ସଙ୍ଗେ ଜିଲ୍ଲାର ଦୃଷ୍ଟିପତ୍ର ପ୍ରସ୍ତୁତି ଏକ ବିସ୍ତୃତ ପାୱାରପଏଣ୍ଟ୍ ଉପସ୍ଥାପନ କରିଥିଲେ । ମାନ୍ୟବର ବିଧାୟକ, ନୀଳଗିରି, ଶ୍ରୀ ସନ୍ତୋଷ ଖଟୁଆ, କ୍ରିୟାନ୍ୱୟନ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଆଲୋଚିତ ଧାରଣାମାନଙ୍କୁ ପ୍ରୟୋଗରେ ଆଣିବା ପାଇଁ ପ୍ରଶାସନିକ କାର୍ଯ୍ୟନିର୍ବାହୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ ବୋଲିବୋଲି ମତବ୍ୟକ୍ତ କରିଥିଲେ । ମାନ୍ୟବର ବିଧାୟକ,ବାଲେଶ୍ୱର (ସଦର) ଶ୍ରୀ ମାନସ କୁମାର ଦତ୍ତ ଏହି କର୍ମଶାଳାରେ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ଦୃଢ଼ ଉଦ୍ଭାବିତ ଧାରଣା ଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଇଡସ୍ଟ୍ରୋର ବାଲେଶ୍ୱର ଜିଲ୍ଲାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବୋଲି ଅବିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପରିଷଦର ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେକି ବାଲେଶ୍ୱର ଧାନ, ମୀନ,ପାନର ଗନ୍ତ ଘର. ଏଥିରେ ସାମୁହିକ ବିକାଶ ପାଇଁ ଅର୍ଥନୀତିର ବିକାଶ ନିମନ୍ତେ କୃଷି ସମେତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ସାମଗ୍ରିକ ଉନ୍ନତି ନିମନ୍ତେ ସାମୁହିକ ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ ସିଂ, ବିକଶିତ ଓଡ଼ିଶାରେ ବିକଶିତ ବାଲେଶ୍ୱର ଜିଲ୍ଲା ନିମନ୍ତେ ବିଭିନ୍ନ ବିଭାଗରେ ବିଭାଗୀୟ ପଦାଧିକାରୀ ମାନଙ୍କର ସାମଗ୍ରିକ ଉନ୍ନତି ନିମନ୍ତେ ଦୃଢ଼ ପରିକର ଭାବରେ କାର୍ଯ୍ୟ ତୁଲାଇବା ନିମନ୍ତେ ଆହ୍ୱାନ ଦେଇ ଥିଲେ। କାର୍ଯ୍ୟକ୍ରମରେ ଉଦ୍ୟୋଗ ଜଗତ, ଷ୍ଟାର୍ଟ-ଅପ୍, ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା, ଏନଜିଓ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏକ ସୁସ୍ଥ ଓ ଗଭୀର ଆଲୋଚନା ହେଲା, ଯେଉଁଥିରେ ଅନେକ ମୂଲ୍ୟବାନ ମତ ଓ ପ୍ରତିବୋଧନ ଦିଆଯାଇଥିଲା।

# ବିକାଶ ରଥକୁ କୋଟସାହି ପଞ୍ଚାୟତରେ ସ୍ୱାଗତ

ଜଳେଶ୍ୱର, ୧୮/୬ (ନି.ପ୍ର): ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିକାଶ ରଥ ଗଡିବା ଆରମ୍ଭ କରିଛି। ମଙ୍ଗଳବାର ଅପରାହ୍ନରେ ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତ ପକ୍ଷରୁ ବିକାଶ ରଥକୁ ବାଦ୍ୟର ତାଳେ ତାଳେ ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇ ଉଚ୍ଛସ୍ୱିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ପରେ ପଂଚାୟତ ଅଫିସ ଠାରେ ଆୟୋଜିତ ସଭାରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ପରିଚାଳନା ରେ ସଭାକାର୍ଯ୍ୟ ଓ ଏଲିଡି ମାଧମରେ ବିକାଶର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମଞ୍ଜୁବାଲା ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀଣୀ ସଲିମା ରାଉତ୍ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ଦୁଇ ବିକଳାଙ୍ଗଙ୍କୁ ଟ୍ରାୟ ସାଇକେଲ, ୧୧ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା, ୬ ଜଣ ଗରିବ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ୬ ଜଣ ନୂଆ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ, ୧୦ ଜଣଙ୍କୁ ଜବ କାର୍ଡ ଓ ୯ ଜଣଙ୍କୁ ଆୟୁଷ୍ମାନ କାର୍ଡ଼ ବଣ୍ଟନ କରିଥିଲେ।୧ ବର୍ଷର ମୋହନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ଉପଲବ୍ଧି, ପାରଦର୍ଶିତା, ଭବିଷ୍ୟତ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀ ଙ୍କୁ ଶ୍ରୀଯୁକ୍ତ ପ୍ରଧାନ ଅବଗତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର ଯୁବନେତା କାଳୀଚରଣ ଦାସ, ରାଜେଶ୍ ଖଟୁଆ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିନେଶ କୁମାର ସେଠୀ, ଏଡିଇଓ ନିମାଇଁ ଚରଣ ମହାନ୍ତି, ଗ୍ରାମ୍ୟ କୃଷି ଅଧିକାରୀ ସେକ ରାଜନ, କୃଷକ ସାଥୀ, ପଞ୍ଚାୟତର ଏମ୍ବିକେ, ଆଶା ସହିତ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏବଂ ପାଞ୍ଚ ଶହ ପାଖାପାଖି ପଞ୍ଚାୟତର ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କଲେ ତେଲଦିଆ ଗ୍ରାମବାସୀ



ଖଇରା, ୧୮/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ତେଲଦିଆ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ୨୦ପରିବାର ଏକ ପ୍ରକାର ଜଳବନ୍ଦୀରେ ରହିଛନ୍ତି । ତୁରନ୍ତ ଡ୍ରେନେଜ ବ୍ୟବସ୍ଥାକୁ ସୁଧାରି ଏଭଳି କୃତ୍ରିମ ବନ୍ୟା ରୋକିବାକୁ ଗ୍ରାମର ଗୋକୁଳ ଚନ୍ଦ୍ର ପ୍ରଧାନ, ତପନ କୁମାର ପ୍ରଧାନ, ତ୍ରିଲୋଚନ ପ୍ରଧାନ, କୈଳାସ ଚନ୍ଦ୍ର ବେହେରା, ଭରତ ନାୟକ, ଜିବନଜ୍ୟୋତି ପ୍ରଧାନ, ଭଗବାନ ଜେନା ପ୍ରମୁଖ ଦାବି କରିଛନ୍ତି । ଉକ୍ତ ଗ୍ରାମ ସମ୍ମୁଖରେ ରାସ୍ତା ଓ ସରକାରୀ ଗୃହ ନିର୍ମାଣ ବେଳେ ଜଳ ନିଷ୍କାସନକୁ ଗୁରୁତ୍ୱ ଦିଆ ଯାଇନଥିବାରୁ ପାଖାପାଖି ୧୫୦ ଗ୍ରାମବାସୀ ହିନସ୍ତା ହେଉଛନ୍ତି । ବିଶେଷ କରି ଛୋଟ ଛୋଟ ପିଲାମାନେ ବିଦ୍ୟାଳୟକୁ ଯିବାରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି । ସେପଟେ ମାସ ମାସ ଧରି ସନ୍ତସନ୍ତିଆ ପରିବେଶ ଯୋଗୁଁ ଝାଡାବାନ୍ତି ରୋଗ ସମ୍ଭାବନା ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇଲାଣି । ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥାରେ ବର୍ଷାଜଳ ନିଷ୍କାସନ କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି। ଯଦି ଯୁଦ୍ଧକାଳିନ ଭିତ୍ତିରେ ସମସ୍ୟାରେ ସମାଧାନ କରାନଯାଏ ତେବେ ଗ୍ରାମବାସୀ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

# ଜମ୍ମୁ କଶ୍ମୀରର କିସ୍ତୱାଡାରେ ଆତଙ୍କବାଦୀଙ୍କ ତଲାସରେ ଅଭିଯାନ ଆରମ୍ଭ

ଜମ୍ମୁ, ୧୮/୬: ସୁରକ୍ଷାବଳ ପକ୍ଷରୁ ବୁଧବାର ଜମ୍ମୁ-କାଶ୍ମୀରର କିଶ୍ତୱାଡ଼ ଜିଲ୍ଲାର ଏକ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତ ସୂଚନା ପାଇବା ପରେ ତଲାଶୀ ଅଭିଯାନ ଆରମ୍ଭ କରାଯାଇଛି। ପୋଲିସ୍ ଓ ସେନାର ମିଳିତ ତଲାସୀ ଅଭିଯାନ ବୁଧବାର ସକାଳେ ଛାତ୍ରୁ ଅଞ୍ଚଳର ସିଂହପୋରା ଜଙ୍ଗଲ ଅଞ୍ଚଳରେ ଆରମ୍ଭ ହୋଇଥିଲା । ଅଧିକାରୀମାନେ କହିଛନ୍ତି ଯେ ସୁରକ୍ଷା ବଳଙ୍କୁ କିଛି ଆତଙ୍କବାଦୀ ଉପସ୍ଥିତ ଥିବା ବିଷୟରେ ସୂଚନା ମିଳିଥିଲା ଓ ସେମାନେ ସେହି ଅଞ୍ଚଳକୁ ଚାରିପାଖରୁ ଘେରି ଦେଇଛନ୍ତି, ଯାହାଦ୍ୱାରା ଆତଙ୍କବାଦୀମାନେ ଖସିଯିବା ଉପରେ ରୋକ୍ ଲାଗିପାରିବ। ଯଦିଓ, ବର୍ତ୍ତମାନ ପର୍ଯ୍ୟନ୍ତ ସନ୍ଦିଗ୍ଧ ଆତଙ୍କବାଦୀମାନଙ୍କ ସହିତ କୌଣସି ସମ୍ପର୍କ ସ୍ଥାପିତ ହୋଇନାହିଁ।

# ବାସୁଦେବପୁର ନବନିର୍ମାଣ ସେନା ପକ୍ଷରୁ ସାଇପ୍ରିୟା ସମ୍ବର୍ଦ୍ଧିତ



ବାସୁଦେବପୁର, ୧୮/୬ (ନି.ପ୍ର): ବାସୁଦେବପୁର ନବ ନିର୍ମାଣ ସେନା ପକ୍ଷରୁ ମେଧାବୀ ଛାତ୍ରୀ ସାଇପ୍ରିୟା ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଣ୍ଟ୍ରାନ୍ସ ପରୀକ୍ଷାରେ ସଫଳତା ପାଇବା ସହିତ ସାଇ ପ୍ରିୟା ଏସ ସି ବି ମେଡ଼ିକାଲ କଲେଜରେ ପାଠ ପଢିବେ ବୋଲି ସ୍ଥିର କରିଛନ୍ତି। ନବ ନିର୍ମାଣ ସେନା ପକ୍ଷରୁ ଏହି ଅବସରରେ ଯୋଗ ଦେଇଥିଲେ ଅଧାପକ ରାଜ କିଶୋର ରାୟ, ଜୟ ପ୍ରକାଶ ମଲ୍ଲିକ, ସାମ୍ବାଦିକ ପ୍ରତାପ କୁମାର ପାଢୀ, ଅଲେଖ ପରିଡା, ରାଧା ଶ୍ୟାମ ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି, ରଞ୍ଜନ ମଲ୍ଲିକ। ସାଇ ପ୍ରିୟାଙ୍କ ପିତା ଅଧାପକ ସୋମନାଥ ମହାପାତ୍ର, ଓ ତାଙ୍କ ମାତା ଏହି ଅବସରରେ ଉପସ୍ଥିତ ଥିଲେ ଏବଂ ସଫଳତା ପଛରେ ପିତା ମାତାଙ୍କ ଆଶୀର୍ବାଦ ରହିଛି ବୋଲି ସାଇ ପ୍ରିୟା ପ୍ରକାଶ କରିଛନ୍ତି।

# ଭୋଟର ଫଟୋ ପରିଚୟପତ୍ର ଏବେ ୧୫ ଦିନ ମଧ୍ୟରେ

ନୂଆଦିଲ୍ଲୀ, ୧୮/୬ : ଭୋଟରମାନଙ୍କୁ ସେମାନଙ୍କର ଫଟୋ ପରିଚୟପତ୍ର (ଇପିଆଇସି) ଶୀଘ୍ର ଏବଂ ସମୟାନୁସାରେ ପ୍ରଦାନ କରିବା ପାଇଁ ନିର୍ବାଚନ କମିଶନ ଏକ ନୂତନ ମାନକ ପ୍ରକ୍ରିୟା (ଆସଓପି) ସ୍ଥିର କରିଛନ୍ତି। ବର୍ତ୍ତମାନ ନୂତନ ନାମଲେଖା କିମ୍ବା ଭୋଟର ବିବରଣୀରେ କୌଣସି ପରିବର୍ତ୍ତନର ୧୫ ଦିନ ମଧ୍ୟରେ ଭୋଟର ପରିଚୟପତ୍ର (ଇପିଆଇସି) କାର୍ଡ ପ୍ରାପ୍ତ ହେବ। ଏହି ପଦକ୍ଷେପ ଭୋଟରଙ୍କ ସୁବିଧା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ଏକ ଅଂଶ, ଯାହା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida